- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 43 ◆ISSUE-68 ◆MONDAY ◆1 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୮ ◆ସୋମବାର ◆୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଓଡ଼ିଶା ପ୍ରୋ ଟି-୨୦

## ବ୍ରେଟ୍ ଲି, ଦେବାଶିଷ ବ୍ରାଣ୍ଡ ଆମ୍ବାସାଡର୍

■ **କଟକ, ୩୧।୮ (ସମିସ):** ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୫ ତାରିଖରୁ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ୍)ର ପ୍ରଥମ ସଂସ୍କରଣ ଖେଳାଯିବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଆୟୋଜନ କରିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ମହାନ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ବ୍ରେଟ୍ ଲି ଓ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ମହାନ୍ତି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ପୁରୀରେ ରବିବାର ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବ୍ରେଟ୍ ଲି'ଙ୍କ ଭଳି କିମ୍ବଦନ୍ତୀ କ୍ରିକେଟର୍‌ଙ୍କୁ ଆମ୍ବାସାଡର ନିଯୁକ୍ତ କରିବା ପରେ ଦେଶରେ ବିଭିନ୍ନ ରାଜ୍ୟରେ ଆୟୋଜିତ ହେଉଥିବା ଅନ୍ୟ ଲିଗ୍ ଭଳି ଏହାର ଗୁରୁତ୍ୱ ବେଶ୍ ବଢ଼ିବ ବୋଲି ଆଶା କରାଯାଉଛି। ୪୮ ବର୍ଷୀୟ ଲି ମଧ୍ୟ ଏହି ଲିଗ୍‌ର ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି।

ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦିନ ୨ଟି ଲେଖାଏ ମ୍ୟାଚ୍ ଖେଳାଯିବ। ଆରିଭା ସ୍ପୋର୍ଟ୍ସ ଏହି ଲିଗ୍‌ର ପ୍ରାୟୋଜକ ରହିଛି। ସମସ୍ତ ମ୍ୟାଚ୍ ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କରେ ସିଧାପ୍ରସାରଣ କରାଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଅଂଶଗ୍ରହଣକାରୀ ୬ଟି ଦଳ ସେପ୍ଟେମ୍ବର ୩ରେ ଖେଳାଳି କ୍ରୟ କରିବେ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କିଣାଯିବ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି।

ଏସିଆ କପ୍ ହକି

## ଭାରତର ଦ୍ୱିତୀୟ ବିଜୟ



■ **ରାଜଗିର, ୩୧।୮ (ଏଜେନ୍ସି):** ବିହାରରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଘରୋଇ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ପୁଲ୍-ଏ'ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ଡବଲ୍ ଗୋଲ୍ ଦେଇଥିଲେ। ଏହି ଦୁଇଟିଯାକ ଗୋଲ୍ ସେ ପେନାଲ୍ଟି କର୍ଣ୍ଣର ଜରିଆରେ ଦେଇଥିଲେ। ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୪-୩ ଗୋଲରେ ଚାଇନାକୁ ମାତ୍ ଦେଇଥିଲା। ସେହି ମ୍ୟାଚରେ ମଧ୍ୟ ହରମନପ୍ରୀତ୍ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଫଳରେ ପୁଲ୍-ଏ'ରେ ସ୍ଥାନ ପାଇଥିବା ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇ ସୁପର୍-୪ ନିକଟତର ହୋଇଛି। ଘରୋଇ ଦଳ ଏହାର ଶେଷ ପୁଲ୍ ମ୍ୟାଚରେ ସୋମବାର କାଜାଖସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

# ମାନବତା ପାଇଁ ଭାରତ-ଚୀନ୍ ସମ୍ବନ୍ଧ

## ଆତଙ୍କବାଦ ବିରୋଧୀ ଲଢ଼େଇରେ ସହଯୋଗ ମାଗିଲେ ମୋଦୀ

■ **ବେଜିଂ, ୩୧।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୭ ବର୍ଷ ପରେ ବେଜିଂରେ ପହଞ୍ଚିଛନ୍ତି। ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜବୁତ କରିବା ପାଇଁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ପୂର୍ବରୁ ଟିଆନଜିନରେ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୫୦ ମିନିଟ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଏହା ଦୁଇ ଦେଶର ସମ୍ବନ୍ଧକୁ ନୂଆ ଦିଗ ଦେଇଛି। ଭାରତ ଏବଂ ଚୀନ୍ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ, କୈଳାସ ମାନସରୋବର ଯାତ୍ରା, ସୀମାପାର ବାଣିଜ୍ୟ କାରବାର ପୁଣିଥରେ ଆରମ୍ଭ କରିବା ପାଇଁ ସହମତି ପ୍ରକାଶ ପାଇଛି। ମୋଦୀ ଆତଙ୍କବାଦର ପ୍ରସଙ୍ଗ ଉଠାଇ ଏହାକୁ ବିଶ୍ୱ ସମସ୍ୟା କହିଥିଲେ। ଏହାର ମୁକାବିଲା ପାଇଁ ସେ ଜିନପିଙ୍ଗଙ୍କୁ ସହଯୋଗ ମାଗିଥିଲେ। ୨୦୨୬ରେ ଭାରତରେ ଆୟୋଜିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପାଇଁ ତାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଥିଲେ ଯେ ଭାରତ ଏବଂ ଚୀନ୍ ସମ୍ବନ୍ଧ ୨.୮ ବିଲିୟନ ଲୋକଙ୍କ ହିତରେ। ଏହା କେବଳ ଦୁଇ ଦେଶ ନୁହେଁ; ବରଂ ମାନବତା ପାଇଁ ଉପଯୋଗୀ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସମ୍ବେଦନଶୀଳତା ଆଧାର କରି ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜଭୁତ କରିବା ପାଇଁ ଆମେ ପ୍ରତିବଦ୍ଧ। ଏଥିପାଇଁ ସୀମାରେ ଶାନ୍ତି ଏବଂ ସ୍ଥିରତା ଜରୁରୀ।



୨.୮ ବିଲିୟନ ଲୋକଙ୍କ ହିତରେ ଭାରତ, ଚୀନ୍ ସମ୍ପର୍କ: ମୋଦୀ

- ମୋଦୀ-ଜିନପିଙ୍ଗ ୫୦ ମିନିଟ ଧରି ଆଲୋଚନା
- ଭାରତ ଆସିବାକୁ ଚୀନ୍ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ
- ଏସ୍‌ସିଓ ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ
- ଏର୍ଦୋଗାନ ଓ ଶାହବାଜଙ୍କୁ ଏଡ଼ାଇ ଗଲେ

ଡ୍ରାଗନ ଓ ହାତୀ ଏକାଠି ହେବାର ସମୟ: ଜିନପିଙ୍ଗ

ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟି ଖୁସି ଲାଗୁଛି ବୋଲି ଜିନପିଙ୍ଗ କହିଥିଲେ। ଡ୍ରାଗନ (ଚୀନ୍) ଏବଂ ହାତୀ (ଭାରତ) ଏକାଠି ହେବା ଉଚିତ। ଦୁଇ ଦେଶ ପ୍ରତିଦ୍ୱନ୍ଦ୍ୱି ନୁହେଁ, ବରଂ ସହଯୋଗୀ। ଏବେ ବନ୍ଧୁତାର ସଠିକ ସମୟ ଆସିଯାଇଛି। ଉଭୟ ଦେଶ ଉତ୍ତମ ପଡୋଶୀ ହେବା ଗୁରୁତ୍ୱପୂର୍ଣ୍ଣ। ପରସ୍ପରର ସଫଳତାରେ ଉଭୟ ଦେଶ ଖୁସି ହେବା ଉଚିତ। ଦୀର୍ଘକାଳୀନ ଏବଂ ରଣନୈତିକ ଦୃଷ୍ଟିରୁ ସମ୍ପର୍କକୁ ମଜବୁତ କରିବାକୁ ହେବ। ବହୁକେନ୍ଦ୍ରିକ ବ୍ୟବସ୍ଥା, ଅନ୍ତର୍ଜାତୀୟ ସଂସ୍ଥାରେ ଗଣତନ୍ତ୍ରକୁ ସଦୃଢ଼ ରଖି ଏସିଆ ଏବଂ ସାରା ବିଶ୍ୱରେ ଶାନ୍ତି ଓ ସମୃଦ୍ଧି ପାଇଁ ଦୁଇ ଦେଶକୁ ଏକାଠି କାମ କରିବାକୁ ହେବ। ନିଜର ଐତିହାସିକ ଦାୟିତ୍ୱକୁ ନିର୍ବାହ କରିବାକୁ ପଡ଼ିବ।

ମୋଦୀଙ୍କ ଏହି ଗସ୍ତ ଦ୍ୱାରା ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହୋଇପାରେ। ୨୦୨୦ର ଗଲୱାନ ସଂଘର୍ଷ ପରେ ପ୍ରଥମ ଥର ପାଇଁ ବାଣିଜ୍ୟକୁ ନେଇ ଅନେକ ନିଷ୍ପତ୍ତି ନେଇଛନ୍ତି। ତେବେ ସୀମା ବିବାଦ ଏବଂ ପାଣି ସମସ୍ୟା ଏବେ ବି ପ୍ରମୁଖ ପ୍ରସଙ୍ଗ ହୋଇ ରହିଛି। ସୀମାରେ ୨୦୨୦ ଏପ୍ରିଲ ପୂର୍ବର ସ୍ଥିତିକୁ ଫେରିନାହିଁ। ଆର୍ଥିକ ଚାପ ଏବଂ ବୈଶ୍ୱିକ ସ୍ଥିତି ଦୁଇ ଦେଶକୁ ଏକାଠି ହେବାକୁ ବାଧ୍ୟ କରିଛି। ▶ପୃଷ୍ଠା-୭

## ବାଣ କାରଖାନାରେ ବିସ୍ଫୋରଣ; ୪ ମୃତ



■ **ଲକ୍ଷ୍ନୌ, ୩୧।୮ (ଏଜେନ୍ସି):** ରବିବାର ସକାଳେ ଲକ୍ଷ୍ନୌରେ ଏକ ବେଆଇନ୍ ବାଣ କାରଖାନାରେ ବିସ୍ଫୋରଣ ହୋଇଥିଲା। ଏହି ପ୍ରଚଣ୍ଡ ବିସ୍ଫୋରଣରେ ପୂରା କୋଠା ଉଡିଯାଇଥିଲା। ଆଖାପାଖରେ ଥିବା ଦୁଇଟି ଘର ମଧ୍ୟ ଭୁଶୁଡି ପଡିଥିଲା। ଏହି ବିସ୍ଫୋରଣର ଶବ୍ଦ ୨-୩ କିମି ପର୍ଯ୍ୟନ୍ତ ଶୁଣିବାକୁ ମିଳିଥିଲା। ଏଥିରେ କାରଖାନାର ମାଲିକ ଓ ତାଙ୍କ ପତ୍ନୀ ମୃତ୍ୟୁବରଣ କରିଛନ୍ତି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁଇଜଣ ଗୁରୁତରଭାବେ ଆହତ ହୋଇଛନ୍ତି ଓ ଏମାନଙ୍କୁ କେଜିଏମ୍‌ୟୁ ଟ୍ରମା ସେଣ୍ଟରରେ ଚିକିତ୍ସା କରାଯାଉଛି। ଦୁଇଜଣଙ୍କ ଶରୀର ୭୦ ପ୍ରତିଶତ ଜଳିଯାଇଛି। ପୁଣି କେତେ ଲୋକ ଆବର୍ଜନା ତଥା ଧ୍ୱଂସାବଶେଷ ତଳ ଦବି ରହିଥିବା କୁହାଯାଉଛି। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ଏଥିରେ ଅନ୍ୟ ୧୦ଜଣ ଲୋକ ମଧ୍ୟ ଆହତ ହୋଇଛନ୍ତି। ପୁଲିସ ▶ପୃଷ୍ଠା-୭

ମାଲିକ ଓ ପତ୍ନୀ ମୃତ

ମହାନଦୀ ଜଳବିବାଦ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ

## ନବୀନଙ୍କ ପ୍ରସ୍ତାବରେ ଏକମତ ମନମୋହନ

■ **ଭୁବନେଶ୍ୱର, ୩୧।୮ (ସମିସ):** ମହାନଦୀ ଜଳବିବାଦ ମାମଲା ପ୍ରସଙ୍ଗରେ ସବଦଳୀୟ ବୈଠକ ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦେଇଥିବା ପ୍ରସ୍ତାବରେ ସହମତ ହୋଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ରବିବାର ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରପ୍ରଦାନ ଅବସରରେ ଶ୍ରୀ ସାମଲ ମହାନଦୀ ପ୍ରସଙ୍ଗରେ ସବୁ ରାଜନୈତିକ ଦଳକୁ ଏକାଠି ହେବାକୁ ଆହ୍ୱାନ ଦେବା ସହ ଆମେ ସବୁ ରାଜନୈତିକ ଦଳକୁ ଆହ୍ୱାନ କରିବୁ ଓ ସମସ୍ତେ ଏକାଠି ବସନ୍ତୁ ଓ ଏକାଠି କାମ କରନ୍ତୁ ବୋଲି କହିଛନ୍ତି ।



ଆଲୋଚନାରେ ଅଂଶୀଦାରଙ୍କୁ ସାମିଲ କରିବାକୁ ଦାବି

ମହାନଦୀ ଜଳ ବିବାଦ ମାମଲାରେ ରାଜ୍ୟ ସରକାର ଛତିଶଗଡ଼ ସହ ଆପୋସ ସମାଧାନ ଚାହୁଁଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ଆସନ୍ତା ସେପ୍ଟେମ୍ବରରୁ ସାପ୍ତାହିକ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏହାପରେ ସଚିବସ୍ତରୀୟ ଓ ଡ଼ିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକାଠି ବୈଠକ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ମାତ୍ର ଛତିଶଗଡ଼ ସହ ବୈଠକକୁ ନେଇ ରାଜ୍ୟ ସରକାର ଉତ୍ସାହିତ ଥିବାବେଳେ ଆପୋସ ସମାଧାନର ସର୍ତ୍ତାବଳୀ କଣ ତାହା କିନ୍ତୁ ସାର୍ବଜନୀନ କରୁନାହାନ୍ତି। ଯାହାକୁ ନେଇ ଗତ ଜୁଲାଇ ମାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ମହାନଦୀ କେବଳ ଏକ ନଦୀ ନୁହେଁ; ଓଡ଼ିଶାର ଆତ୍ମା ବୋଲି ଉଲ୍ଲେଖ କରି ଉଭୟ ▶ପୃଷ୍ଠା-୭

## ଉପହାର ପାଇଁ କଳି ସ୍ତ୍ରୀ-ଶାଶୂଙ୍କୁ ହତ୍ୟା

■ **ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି):** ପୁଅର ଜନ୍ମଦିନ ଉପହାରକୁ ନେଇ ଦିଲ୍ଲୀର କେଏନ୍ କାଟଜୁ ଅଞ୍ଚଳରେ ଏକ ବଡ଼ ଅଘଟଣ ଘଟିଛି। ଯୋଗେସ ସହଗଲ ନାମକ ଜଣେ ବ୍ୟକ୍ତି ପୁଅ ଜନ୍ମଦିନ ଉପହାରକୁ ନେଇ ଯୁକ୍ତିତର୍କ ହେବା ଫଳରେ ନିଜ ପତ୍ନୀ ପ୍ରିୟା ଓ ଶାଶୂ କୁସୁମ ସିହ୍ନାଙ୍କୁ କଇଁଚିରେ ସାହାଯ୍ୟରେ ହତ୍ୟା କରିଛି। ଯୋଗେଶଙ୍କୁ ପୁଲିସ ରୋହିଣୀରୁ ଗିରଫ କରିଛି। ହତ୍ୟାକାଣ୍ଡ କାରଣ କଥା ଶୁଣି ପୁଲିସ ଚକିତ ହୋଇଥିଲା। ପୁଅ ପାଇଁ ଶାଶୁ ଆଣିଥିବା ଉପହାର ଯୋଗେଶଙ୍କ ପସନ୍ଦ ହୋଇ ନଥିଲା। ଏଥିପାଇଁ ଯୋଗେଶ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଓ ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲେ। ନାତି ଜନ୍ମଦିନ ପାଳନ କରିବାକୁ କୁସୁମ ଝିଅ ଘରକୁ ଆସିଥିଲେ। ଭଲ ଉପହାର ପରେ ଆଣିଦେବେ ବୋଲି କୁସୁମ କହୁଥିଲେ ମଧ୍ୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ▶ପୃଷ୍ଠା-୭

## ୧୬ ନୂଆ ଏନ୍‌ଏସି, ୭ ସହରକୁ ମ୍ୟୁନିସିପାଲିଟି ମାନ୍ୟତା

### ୪୪ଟି ପୌରାଞ୍ଚଳକୁ ସମ୍ପ୍ରସାରିତ ହେଲା 'ସହଯୋଗ' କାର୍ଯ୍ୟକ୍ରମ

■ **ଭୁବନେଶ୍ୱର, ୩୧।୮ (ସମିସ):** ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଆଉ ୧୬ ସହରକୁ ଏନ୍‌ଏସି ଓ ୭ ସହରକୁ ମ୍ୟୁନିସିପାଲିଟି କରାଯିବା ନିମନ୍ତେ ଘୋଷଣା କରିଛନ୍ତି। ବଲାଙ୍ଗୀର ଜିଲ୍ଲାର ଲୋଇସିଂଘା, ବରଗଡ ଜିଲ୍ଲାର ସୋହେଲା, କଟକ ଜିଲ୍ଲାର ବଡମ୍ବା, ନରସିଂହପୁର, ସାଲେପୁର, ଢେଙ୍କାନାଳ ଜିଲ୍ଲାର ଗଁନ୍ଦିଆ, ଗଞ୍ଜାମ ଜିଲ୍ଲାର ପାତ୍ରପୁର ଓ ଜଗନ୍ନାଥ ପ୍ରସାଦ, ଯାଜପୁର ଜିଲ୍ଲାର ଚଣ୍ଡୀଖୋଲ, କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଏବଂ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଓ ରାସଗୋବିନ୍ଦପୁରଗୁଡ଼ିକ ଏନ୍‌ଏସି ହେବ। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ସହରାଞ୍ଚଳଗୁଡ଼ିକୁ ମ୍ୟୁନିସିପାଲିଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



**ବିଜେଡିର କଟାକ୍ଷ**

- ଓଡ଼ିଶା ପୁଣି ଦେଖିଲା ବିଜେପିର 'କପି-ପେଷ୍ଟ' ଶାସନର ଧାରା
- କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ
- ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ

➡ ପୃଷ୍ଠା-୩

ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ୨୧ ଏନ୍‌ଏସି ସୃଷ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ଏହାମଧ୍ୟରୁ ୧୨ଏନଏସି ଗଠିତ ହେବା ▶ପୃଷ୍ଠା-୭

ଦାନା ବାନ୍ଧୁଛି ଲଘୁଚାପ

## ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୩୧।୮ (ସମିସ):** ରାଜ୍ୟରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଭିନ୍ନ ଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମେ ବର୍ଷା ଅନୁଭୂତ ହେବ। ଦୁଇ ତିନି ଦିନର ବ୍ରେକ୍ ପରେ ପୁଣି ବର୍ଷା ଆରମ୍ଭ ହେବ। ଆଗକୁ ଯୋଡ଼ି ଲଘୁଚାପର ସମ୍ଭାବନା ଥିବାରୁ ଏଭଳି ବର୍ଷା ନେଇ ଆକଳନ କରାଯାଉଛି। ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ମଧ୍ୟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ସୋମବାରଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ କେନ୍ଦ୍ର ▶ପୃଷ୍ଠା-୭

## ପାଣିପାଗ କେନ୍ଦ୍ରରେ ୨ ବର୍ଷ ହେଲା ପଡ଼ିଛି ରାଡାର

■ **ଭୁବନେଶ୍ୱର, ୩୧।୮ (ସମିସ):** ସମ୍ବଲପୁର ଓ ବାଲେଶ୍ୱରରେ ଦୀର୍ଘଦିନ ହେବ ଏହି ରାଡାର୍ ସ୍ଥାପନ ନିମନ୍ତେ କୋଠା ନିର୍ମାଣ ଶେଷ ହୋଇସାରିଥିଲେ ମଧ୍ୟ ରାଡ଼ାର ବସି ପାରୁନାହିଁ। ଯାହାଫଳରେ ପାଣିପାଗ ଜନିତ ଅନେକ ଗୁରତ୍ୱପୂର୍ଣ୍ଣ ତଥ୍ୟ ଆଇଏମ୍‌ଡି ପାଇବାରୁ ବଞ୍ଚିତ ରହୁଛି ଓ ଏହାର କୁପରିଣାମ ଓଡ଼ିଶାବାସୀ ଭୋଗୁଛନ୍ତି। ସମ୍ବଲପୁରଠାରେ ରାଡାର ପାଇଁ ବିଲ୍ଡିଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଛି ଓ ଗତ ଡିସେମ୍ବର ମାସରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ ଓ ଜୁଲାଇ ମାସ ସୁଦ୍ଧା ଏଠାରେ ରାଡାର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ହେଲେ ଜୁଲାଇ ଯାଇ ସେପ୍ଟେମ୍ବର ହେଲାଣି ରାଡାର୍ ବସିବା ଦୂରର କଥା ସାରଞ୍ଜାମ ମଧ୍ୟ ସେଠାରେ ପହଞ୍ଚିପାରି ନାହିଁ। ସମ୍ବଲପୁରରେ ବସିବାକୁ ଥିବା ରାଡାରର ବୈଦ୍ୟୁତିକ ସରଞ୍ଜାମ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରଠାରେ ଦୁଇ ବର୍ଷ ହେବ ପଡ଼ି ରହିଛି। ଖରା ବର୍ଷା ଖାଇ ଦୀର୍ଘ ଦିନ ହେବ ପଡ଼ି ରହିଥିବା ଏହି ବୈଦ୍ୟୁତିକ ସାରଞ୍ଜାମ ଲାଗିବା ପରେ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେବ କି ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।



### ଗତ ୮ ମାସ ହେଲାଣି ଗୋପାଳପୁର ରାଡାର ଅଚଳ

### ବାଲେଶ୍ୱର, ସମ୍ବଲପୁର ପ୍ରକଳ୍ପରେ ଅହେତୁକ ବିଳମ୍ବ

### କ୍ଷୋଭ ପ୍ରକାଶ କଲା ରାଜ୍ୟସଭା ସଂସଦୀୟ କମିଟି

ଅନ୍ୟପଟେ ରାଡାର ପ୍ରସଙ୍ଗକୁ ନେଇ ରାଜ୍ୟସଭାର 'ଗଭର୍ଣ୍ଣମେଣ୍ଟ ଆସୁରାନ୍ସ' କମିଟି କ୍ଷୋଭ ପ୍ରକାଶ କରିଛି। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ଼ିଶାର ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ସହ ଅନ୍ୟ ରାଜ୍ୟର ବହୁ ସାଂସଦ ଉପସ୍ଥିତ ଥିଲେ। ମାତ୍ର ରାଡାର ବସିବା ନେଇ ଅହେତୁକ ବିଳମ୍ବକୁ ନେଇ ସାଂସଦ ଶ୍ରୀମତୀ ▶ପୃଷ୍ଠା-୭

ଅନୁଗୋଳ-ତାଳଚେର ମୁଖ୍ୟରାସ୍ତାରେ ସିରିଜ୍ ଦୁର୍ଘଟଣା

## ୧୫ ଜଣଙ୍କ ଉପରେ ମାଡ଼ିଗଲା କାର୍

■ **ତାଳଚେର, ୩୧।୮ (ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ମୁଖ୍ୟ ରାସ୍ତା ବାଇପାସ୍ ଛକରୁ ହାଣ୍ଡିଧୂଆଁ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ ସିରିଜ୍ ଦୁର୍ଘଟଣା ଘଟାଇଛି। ବିଭିନ୍ନ ସ୍ଥାନରେ ୧୫ ଜଣଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଉଥିବା ବେଳେ ପୁଲିସ୍ ପିଛା କରି ଗୋଡ଼ିବନ୍ଧଠାରେ କାରକୁ ଜବତ କରିଛି। ଅନ୍ୟପଟେ ଦୁର୍ଘଟଣାର ଶିକାର ୧୫ ଜଣଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଳଚେର ମଣ୍ଡାପାଳ ଡାକ୍ତରଖାନା, ସେଣ୍ଟ୍ରାଲ ହସ୍ପିଟାଲ ଓ ଅନ୍ୟ ହସ୍ପଟାଲ ପଠାଇଛନ୍ତି। ପୁଲିସ୍ କାର୍‌କୁ ଜବତ କରି ତାଳଚେର ଟାଉନ ଥାନାକୁ ଆଣିଥିବା ବେଳେ ଚାଳକ ବ୍ରାଉନସୁଗର ସେବନ କିମ୍ବା ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଏହି କାଣ୍ଡ ଭିଆଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ପାଇଁ ପ୍ରତ୍ୟେକ ଅଞ୍ଚଳରେ ପୁଲିସ୍ ମୁତୟନ ହୋଇଥିବା ବେଳେ ଗହଳି ଭିତରେ କିପରି ଏହି କାର୍ ପଶିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସହରସାରା ପୁଲିସ୍ ଛାଉଣି ହୋଇଥିବା ବେଳେ କିପରି ଦ୍ରୁତ ଗତିରେ ଆସୁଥିବା ଏହି କାରକୁ ପୁଲିସ ଅଟକାଇ ପାରିଲା ନାହିଁ ତାହା ଚର୍ଚ୍ଚାର ବିଷୟ ପାଲଟିଛି।



## ରାମାନନ୍ଦ ସାଗରଙ୍କ ପୁଅ ପ୍ରେମଙ୍କ ପରଲୋକ



ମୁମ୍ବଇ,୩୧।୮ (ଏଜେନ୍ସି): ପ୍ରସିଦ୍ଧ ଟିଭି ସିରିୟଲ ରାମାୟଣର ନିର୍ମାତା ତଥା ନିର୍ଦ୍ଦେଶକ ରାମାନନ୍ଦ ସାଗରଙ୍କ ପୁଅ ପ୍ରେମ୍ ସାଗର ରବିବାର ୮୪ ବର୍ଷ ବୟସରେ ପରାଲୋକଗମନ କରିଛନ୍ତି। ଗତକିଛି ଦିନଧରି ସେ ଅସୁସ୍ଥ ଥିଲେ। ତାଙ୍କୁ ମୁମ୍ବଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ପବନ ହଂସ ଶ୍ମଶାନରେ ଅପରାହ୍ଣ ୩ଟାରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ଭାରତୀୟ ସିନେମା ଓ ଟେଲିଭିଜନ ଇଣ୍ଡଷ୍ଟ୍ରିରେ ସେ ସାଗର ପରିବାର ପରମ୍ପରାକୁ ଆଗେଇ ନେଇଥିଲେ। ଜଣେ ବରିଷ୍ଠ ନିର୍ମାତା ତଥା ସିନେମା ଅଟୋଗ୍ରାଫର ଭାବେ ସେ ସଫଳତା ହାସଲ କରିଥିଲେ। ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏଫ୍‌ଟିଆଇଆଇ)ରେ ସେ ପ୍ରଶିକ୍ଷଣ ନେଇଥିଲେ। ୧୯୬୮ ବ୍ୟାଚ୍‌ର ଛାତ୍ର ପ୍ରେମ ଟିଭି ସିରିୟଲ 'ଅଲିଫ୍ ଲୈଲା' ସମେତ ଏକାଧିକ ଧାର୍ମିକ ସିରିୟଲର ନିର୍ଦ୍ଦେଶନା ଦେଇଥିଲେ ଓ ସେତେବେଳେ ଏଗୁଡିକ ଲୋକପ୍ରିୟତା ହାସଲ କରିଥିଲା।

## କ୍ୟାଣ୍ଟିନରେ ଗୋମାଂସ ନିଷିଦ୍ଧ କଲେ ବ୍ୟାଙ୍କ ମ୍ୟାନେଜର

କୋଚି,୩୧।୮ (ଏଜେନ୍ସି): କେରଳ ଏର୍ଣ୍ଣାକୁଲମ ଜିଲ୍ଲାର କୋଚି ସହରରେ ଥିବା କାନାଡା ବ୍ୟାଙ୍କର ମ୍ୟାନେଜର କ୍ୟାଣ୍ଟିନ୍‌ରେ ଗୋମାଂସକୁ ନିଷିଦ୍ଧ କରିବାରୁ ବିବାଦ ସୃଷ୍ଟି ହୋଇଛି। ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ 'ବିଫ୍ ଫେଷ୍ଟିଭାଲ'ର ଆୟୋଜନ କରି ନିଆରା ଢ଼ଙ୍ଗରେ ଏହାର ବିରୋଧ କରିଛନ୍ତି। କର୍ମଚାରୀମାନେ ମ୍ୟାନେଜରଙ୍କ କେବିନ ସାମ୍ନାରେ ଗୋମାଂସ ଓ ପରଟା ଖାଇବା ସହ ପାର୍ଟି କରିଥିଲେ। ଅଗଷ୍ଟ ୨୮ରେ ଏହି ପାର୍ଟିର ଆୟୋଜନ ହୋଇଥିଲା। ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ମୂଳତଃ ବିହାରର ବାସିନ୍ଦା। କିଛି ଦିନ ତଳେ କେରଳରେ ତାଙ୍କର ନିଯୁକ୍ତି ହୋଇଥିଲା। ବ୍ୟାଙ୍କର କ୍ୟାଣ୍ଟିନରେ ବେଳେ ବେଳେ ଗୋମାଂସ ଖାଇବାକୁ ଦିଆଯାଇଥାଏ। କିନ୍ତୁ ମ୍ୟାନେଜର ଗୋମାଂସ ଉପରେ ରୋକ୍ ଲଗାଇଥିଲେ ଓ କ୍ୟାଣ୍ଟିନ କର୍ମଚାରୀଙ୍କୁ ଗୋମାଂସ ପ୍ରସ୍ତୁତ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବ୍ୟାଙ୍କ ଏମ୍ପ୍ଲୋଇଜ ଫେଡେରେସନ ଅଫ୍ ଇଣ୍ଡିଆ (ବିଇଏଫ୍‌ଆଇ) ନେତୃତ୍ୱରେ କିଛି କର୍ମଚାରୀ ବିରୋଧ ପ୍ରଦର୍ଶନ କରିଥିଲେ। ଭାରତର ସମ୍ବିଧାନ ଅନୁସାରେ ବିଇଏଫ୍‌ଆଇ କାର୍ଯ୍ୟକରୁଛି ବୋଲି କହିଛି। କିଏ କ'ଣ ଖାଇବ ଓ ନ ଖାଇବ ତାହା ବ୍ୟକ୍ତିଗତ ମାମଲା ବୋଲି ଫେଡେରେସନ ତରଫରୁ କୁହାଯାଇଛି।

**କର୍ମଚାରୀଙ୍କ ବିରୋଧ**

## ଏୟାର ଇଣ୍ଡିଆ ବିମାନ ଇଞ୍ଜିନ୍‌ରେ ନିଆଁ



ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ୨୯୧୩ (ଏ ୩୨୦ ନିଓ ବିମାନ)କୁ ଦିଲ୍ଲୀ ଫେରାଇ ଅଣାଯାଇଛି। ପାଇଲଟଙ୍କୁ ଡାହାଣ ପଟ ଇଞ୍ଜିନ୍‌ରେ ନିଆଁ ଲାଗିଥିବାର ସୂଚନା ମିଳିଥିଲା। ଏହା ପରେ ବିମାନ ଦିଲ୍ଲୀରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ରବିବାର ସକାଳ ୬.୧୫ରେ ୯୦ ଜଣ ଯାତ୍ରୀଙ୍କୁ ନେଇ ଏହି ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ଅଧ ଘଣ୍ଟା ପରେ ଇଞ୍ଜିନରେ ନିଆଁ ଲାଗିଥିବା ସୂଚନା ପାଇଲଟଙ୍କୁ ମିଳିଥିଲା। ସେ ନିୟମ ଅନୁସାରେ ଇଞ୍ଜିନକୁ ବନ୍ଦ କରି ଦେଇଥିଲେ। ଏହାପରେ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ସମସ୍ତ ୯୦ ଯାତ୍ରୀ ସୁରକ୍ଷିତ ଥିଲେ। ବିମାନର ଗ୍ରାଉଣ୍ଡ ଇନିସ୍ପେକସନ କରାଯିବ ବୋଲି ଏୟାରଲାଇନ୍ସ ତରଫରୁ କୁହାଯାଇଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯାଇଛି।


## କେନ୍ଦ୍ରକୁ ୬୦ ହଜାର କୋଟି ମାଗିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ପଞ୍ଜାବରେ ବନ୍ୟା ଉତ୍କଟ ସ୍ଥିତି ସୃଷ୍ଟି କରିଛି। ରାଜ୍ୟରେ ଭୟଙ୍କର ବନ୍ୟା ଦେଖିବାକୁ ମିଳିଛି। ତେଣୁ ଏହାର କ୍ଷତିପୂରଣ ବାବଦକୁ ପ୍ରଧାନମନ୍ତ୍ରୀଙ୍କୁ ୬୦, ୦୦୦ କୋଟି ଟଙ୍କାର ପାଣ୍ଠି ମାଗିଛନ୍ତି ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ। ଏ ନେଇ ସେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ବନ୍ୟା ଯୋଗୁ ୧,୦୦୦ ଗାଁ ଓ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ପ୍ରବଳ ବର୍ଷା କାରଣରୁ ସତଲେଜ, ବିଜ୍ ଓ ରାବି ନଦୀର ଜଳପତନ ବୃଦ୍ଧି ପାଇଛି। ଭୀଷଣ ବର୍ଷା ଯୋଗୁଁ ପଞ୍ଜାବର ୭ଟି ଜିଲ୍ଲାରେ ପ୍ରବଳ ବନ୍ୟା ଆସିଛି। ୩ ଲକ୍ଷ ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି।

## ହମାସ ମୁଖପାତ୍ର ଅବୁ ନିହତ

ତେଲ ଅଭିଭ,୩୧।୮ (ଏଜେନ୍ସି): ଇସ୍ରାଏଲ୍ ଶନିବାର ମଧ୍ୟଗାଜା ଉପରେ ଆକ୍ରମଣ କରିଛି। ଏଥିରେ ହମାସର ସାମରିକ ବିଭାଗ ମୁଖପାତ୍ର ଅବୁ ଓବେଇଡା ନିହତ ହୋଇଛି ବୋଲି ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି। ତେବେ ତାଙ୍କ ମୃତ୍ୟୁ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଓବେଇଡା ଥିବା ଆପାର୍ଟମେଣ୍ଟ ଉପରେ ଆକ୍ରମଣ କରାଯାଇଥିଲା । ସେଠାରେ ରହୁଥିବା ଅନ୍ୟ ଲୋକ ଓ ପରିବାର ଲୋକ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ହମାସ ମଧ ଇତିମଧ୍ୟରେ ଓବେଇଡାଙ୍କ ମୃତ୍ୟୁକୁ ସ୍ପଷ୍ଟ କରିଛି।

## କାନାଡ଼ାର ପ୍ରଥମ ଭାରତୀୟ ବଂଶୋଦ୍ଭବ ପୁଲିସ ମୁଖ୍ୟ ଡେଲ୍ ମାନକ୍‌ଙ୍କ ଅବସର



ଭିକ୍ଟୋରିଆ, ୩୧।୮ (ଏଜେନ୍ସି): କାନାଡାର ପ୍ରଥମ ଭାରତୀୟ ବଂଶୋଦ୍ଭବ ପୁଲିସ ମୁଖ୍ୟ ଡେଲ ମାନେକ୍ ଦୀର୍ଘ ବର୍ଷର ଚାକରି ପରେ ଅବସର ଗ୍ରହଣ କରିଛନ୍ତି। ସେ ଭାଙ୍କୋଭର ପୁଲିସ ବିଭାଗ (ଭିପିଡି)ରେ ୩୫ ବର୍ଷଧରି ନିଜର ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିଥିଲେ। ସେ ୨୦୧୭ରେ ଭିକ୍ଟୋରିଆ ପୁଲିସ ମୁଖ୍ୟ ଭାବେ ଗୁରୁଦାୟିତ୍ୱ ଗ୍ରହଣ କରିଥିଲେ। ୧୬୮ ବର୍ଷ ଇତିହାସରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ପୁଲିସ ବିଭାଗର ନେତୃତ୍ୱ ନେଇଥିଲେ। ଚାକିରିର ଅନ୍ତିମ ଦିବସରେ ସେ ନିଜେ ଗାଡ଼ି ଚଳାଇ ଭିକ୍ଟୋରିଆ ପୁଲିସ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ସେ ନ୍ୟୁୟର୍କ ଆଇଲାଣ୍ଡର୍ସ ହକି ଟିମ୍‌ର ଥିମ୍ ଲାଗିଥିବା ଏକ ବିଏମ୍‌ଡବ୍ଲ୍ୟୁ କନଭେର୍ଟିବଲ୍‌ରେ କାର୍ଯ୍ୟାଳୟ ଛାଡ଼ିଥିଲେ।

## ବୁଲା କୁକୁର ରାୟ ମୋତେ ବିଶ୍ୱରେ ପ୍ରସିଦ୍ଧ କଲା: ଜଷ୍ଟିସ ବିକ୍ରମ ନାଥ

ତିରୁଅନନ୍ତପରମ, ୩୧।୮ (ଏଜେନ୍ସି): ଦୀର୍ଘ ଦିନ ହେଲା ଆଇନ ଜଗତରେ କାର୍ଯ୍ୟ କରି ଆସୁଛି। ଛୋଟମୋଟ କାର୍ଯ୍ୟ ପାଇଁ ପରିଚିତି ଥିଲି। କିନ୍ତୁ ବୁଲା କୁକୁର ଉପରେ ଦେଇଥିବା ରାୟ କେବଳ ଦେଶରେ ନୁହେଁ, ବିଦେଶରେ ବି ମୋତେ ପ୍ରସିଦ୍ଧ କରାଇ ଥିଲା ବୋଲି ସୁପ୍ରିମକୋର୍ଟ ବିଚାରପତି ବିକ୍ରମ ନାଥ କହିଛନ୍ତି। ସେ ଏଥିପାଇଁ ବୁଲା କୁକୁରଙ୍କୁ କୃତଜ୍ଞତା ଦେଇଛନ୍ତି। ବିଚାର ପାଇଁ ଏହି ମାମଲା ଦେଇଥିବାରୁ ସେ ଭାରତର ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ମଧ୍ୟ ଧନ୍ୟବାଦ୍ ଦେଇଛନ୍ତି। ତିରୁଅନନ୍ତପୁରମରେ ନ୍ୟାସନାଲ ଲିଗାଲ ସର୍ଭିସ ଅଥରିଟି (ନାଲସା) ପକ୍ଷରୁ ମନୁଷ୍ୟ ଏବଂ ବନ୍ୟଜନ୍ତୁ ସଂଘର୍ଷ ଉପରେ ଆୟୋଜିତ ଆଞ୍ଚଳିକ ସମ୍ମିଳନୀକୁ ସମ୍ବୋଧନ କରି ଜଷ୍ଟିସ ନାଥ ଏହି ଟିପ୍ପଣୀ ଦେଇଛନ୍ତି।

## କୋର୍ଟରେ ମହିଳା ବିଚାରପତିଙ୍କ ସଂଖ୍ୟା ବହୁତ୍ କମ୍: ଓକିଲ ସଂଘ

ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ସୁପ୍ରିମକୋର୍ଟ ଓକିଲ ସଂଘ (ଏସ୍‌ସିବିଏ) ପକ୍ଷରୁ ଶନିବାର ଏକ ପ୍ରସ୍ତାବ ପାରିତ ହୋଇଯାଇଛି। ଏଥିରେ ଦେଶର ଅଦାଲତ ଗୁଡିକରେ ମହିଳାଙ୍କ ସଂଖ୍ୟା ବହୁତ୍ କମ୍ ଥିବାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ପ୍ରସ୍ତାବରେ କୁହାଯାଇଛି ଯେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମହିଳା ବିଚାରପତିଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ ରହିଛି। ସୁପ୍ରିମକୋର୍ଟରେ ଜଷ୍ଟିସ ଆଲୋକ ଅରାଧେ ଏବଂ ବିପୁଳ ଏମ ପଞ୍ଚୋଲିଙ୍କ ନିଯୁକ୍ତି ପରେ ଓକିଲ ସଂଘ ଏଭଳି ପ୍ରସ୍ତାବ ପାରିତ କରିଛି। ଏହା ପୂର୍ବରୁ ଜଷ୍ଟିସ ପଞ୍ଚୋଲିଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ବିଚାରପତି ବି ଭି ନାଗରତ୍ନା ବିରୋଧ କରିଥିଲେ। ସୂଚନା ଅନୁଯାୟୀ ହାଇକୋର୍ଟ ଗୁଡିକରେ ୧୧୦୦ ବିଚାରପତି ପଦ ରହିଛି। ଏଥିରୁ ୬୭୦ ପଦରେ ପୁରୁଷ ଥିବାବେଳେ ମାତ୍ର ୧୦୩ ପଦରେ ମହିଳା ରହିଛନ୍ତି। ଉତ୍ତରାଖଣ୍ଡ, ମେଘାଳୟ, ତ୍ରିପୁରା ଏବଂ ମଣିପୁର ହାଇକୋର୍ଟରେ ଜଣେ ହେଲେ ବି ମହିଳା ବିଚାରପତି ନାହାନ୍ତି।

### ଇଣ୍ଡୋନେସିଆରେ ସାଂସଦଙ୍କ ଦରମା ବୃଦ୍ଧିକୁ ବିରୋଧ

# ସାରା ଦେଶରେ ହିଂସା; ଜାଳିଦେଲେ ସଂସଦ

ଜାକାର୍ତ୍ତା, ୩୧।୮ (ଏଜେନ୍ସି):

ସାଂସଦଙ୍କ ଦରମା ବୃଦ୍ଧିକୁ ନେଇ ଇଣ୍ଡୋନେସିଆ ଅଶାନ୍ତ ହୋଇପଡ଼ିଛି। ରାଜଧାନୀ ଜାକାର୍ତ୍ତା ସମେତ ଦେଶର ଅନେକ ଭାଗରେ ଭୟାବହ ହିଂସା ହୋଇଛି। ସରକାରଙ୍କ ଏକପାଖିଆ ନୀତିକୁ ବିରୋଧ କରି ଲକ୍ଷାଧିକ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅନେକ ସ୍ଥାନରେ ନିଆଁ ଲଗାଇ ଦେଇଛନ୍ତି। ମକସାର ସହରରେ ଥିବା ପ୍ରାଦେଶିକ ସାଂସଦରେ ନିଆଁ ଲଗାଇ ଦେବାରୁ ତିନି ଜଣଙ୍କ ମୃତ୍ୟୁ ହୋଇଛି। ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିକ୍ଷୋଭ ଦମନ କରିବାକୁ ଆସିଥିବା ପୁଲିସ ସହ ପ୍ରଦର୍ଶନକାରୀ ମୁହାଁମୁହିଁ ହୋଇଛନ୍ତି। ସଂଘର୍ଷରେ ଅନେକ ଆହତ ହୋଇଛନ୍ତି। ବିକ୍ଷୋଭକାରୀ ପୁଲିସ ଗାଡ଼ିକୁ ପଲଟାଇ ଦେଇଛନ୍ତି। ଲୋକଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ମାଡ଼ କରିଛି। ଏହା ସତ୍ତ୍ୱେ ବି ଲୋକେ ଅଟକି ନ ଥିଲେ। ରାଜଧାନୀ ଜାକାର୍ତ୍ତାରେ ଥିବା ଏକ ବସ୍ ଷ୍ଟାଣ୍ଡକୁ ଲୋକେ ଜାଳି ଦେଇଛନ୍ତି। ହିଂସାଗ୍ରସ୍ତ ଅଞ୍ଚଳକୁ ନ ଯିବା ପାଇଁ ପୁଲିସ ସାଧାରଣ ନାଗରିକଙ୍କୁ କହିଛି। ରାତିରେ ପାଟ୍ରୋଲିଂକୁ କଡ଼ା କରିଛି। ବିଭିନ୍ନ ସହରରେ ବାଇକ୍ ପାଟ୍ରୋଲିଂ କରୁଛି। ଏହା



ସତ୍ତ୍ୱେ ଶୁକ୍ରବାରଠାରୁ ବିକ୍ଷୋଭ ଜାରି ରହିଛି। ପ୍ରଦର୍ଶନକାରୀଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କଠାରୁ ନେଇ ଟ୍ୟାକ୍ସି ଡ୍ରାଇଭର, ଚାକିରିଆ, ଶ୍ରମିକ ଆଦି ସାମିଲ ଅଛନ୍ତି। ସ୍ଥିତିକୁ ଦେଖି ରାଷ୍ଟ୍ରପତି ପ୍ରବୋୱେ ସୁବିଆଣ୍ଟୋ ନିଜ ଚୀନ୍ ଗସ୍ତକୁ ରଦ୍ଦ କରିଦେଇଛନ୍ତି। ସେ ଚୀନ୍‌ର ବିଜୟ ଦିବସ ପରେଡ୍‌ରେ ସାମିଲ ହେବାର ଥିଲା। ବର୍ଷେରୁ କମ୍ ସମୟ ହେବ କ୍ଷମତା ସମ୍ଭାଳିଥିବା ପୂର୍ବତନ ଜେନେରାଲ ପ୍ରବୋୱୋଙ୍କ ପାଇଁ ଏହା କାଠିକାର ପାଲଟି ଯାଇଛି।

ସରକାର ମାସିକ ଭତ୍ତା ବାବଦକୁ ସାଂସଦଙ୍କୁ ୩,୦୫୭ ଡଲାର ତଥା ୨.୬୯ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହା ଜାକାର୍ତ୍ତାର ସର୍ବନିମ୍ନ ଦରମାଠାରୁ ୧୦ ଗୁଣ ଅଧିକ। ତେଣୁ ଲୋକେ ଏହି ନିଷ୍ପତ୍ତିକୁ ଘୋର ବିରୋଧ କରିଥିଲେ। ସେମାନେ ଚାହୁଁଛନ୍ତି ଯେ ସରକାର ଆଉଟସୋର୍ସିଂ ବନ୍ଦ କରି ଦରମା

### ଟ୍ୟାକ୍ସି ଚାଳକଙ୍କ ମୃତ୍ୟୁ ପରେ ବିଗିଡ଼ିଲା ସ୍ଥିତି

### ଚୀନ୍ ଗସ୍ତ ରଦ୍ଦକଲେ ରାଷ୍ଟ୍ରପତି ପ୍ରବୋୱୋ

ବଢ଼ାନ୍ତୁ, ନିଯୁକ୍ତି ହ୍ରାସ କରିବା ବନ୍ଦ କରାଯାଉ ଏବଂ ଟିକସ ନିୟମରେ ସୁଧାର ହେଉ। ଇଣ୍ଡୋନେସିଆରେ ଦରଦାମ ବୃଦ୍ଧି ପାଇ ଚାଲିଛି। ବେକାରୀ ହାର ବଢ଼ିବାରେ ଲାଗିଛି। ଏଥିପାଇଁ ସାଧାରଣ ଲୋକଙ୍କ ଜୀବନ କଷ୍ଟସାଧ୍ୟ ହୋଇଯାଇଛି। ଏପରି ସମୟରେ ଦରମା ବୃଦ୍ଧି ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ଲୋକେ ସହ୍ୟ କରିପାରି ନ ଥିଲେ। ସରକାରୀ ଅଧିକାରୀ ଏବଂ ତାଙ୍କୁ ମିଳୁଥିବା ସୁବିଧା ବିରୋଧରେ ଜୋରଦାର ବିକ୍ଷୋଭ ଆରମ୍ଭ କରିଥିବାବେଳେ ମୋଟରସାଇକେଲ ଟ୍ୟାକ୍ସି ଚାଳକଙ୍କୁ ପୁଲିସ ଗାଡ଼ି ଚାପି ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ ଉଗ୍ର ହୋଇ ଯାଇଥିଲା। ପରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା।

ଡ୍ରାଇଭରଙ୍କ ମୃତ୍ୟୁ ମାମଲାରେ ୭ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ଏହା ସତ୍ତ୍ୱେ ବାଲି ସ୍ଥିତ ପୁଲିସ ମୁଖ୍ୟାଳୟ ବାହାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଇଷ୍ଟ ଜାଭା ସ୍ଥିତ ପୁଲିସ ମୁଖ୍ୟାଳୟ ବାହାରେ ମଧ୍ୟ ଅନେକ ଛାତ୍ରଛାତ୍ରୀ ଧାରଣା ଦେଉଛନ୍ତି। ଏହାକୁ ଦେଖି ଟିକ୍‌ଟକ୍ ନିଜର ଲାଇଭ୍ ସେବାକୁ ସାମୟିକ ସମୟ ପାଇଁ ବନ୍ଦ କରିଦେଇଛି। ଏହା ମଧ୍ୟରେ ରାଷ୍ଟ୍ରପତି ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇ ଡ୍ରାଇଭରଙ୍କ ପରିବାରକୁ ଭେଟିବେ ବୋଲି କହିଛନ୍ତି।

ଇଣ୍ଡୋନେସିଆର ଆଇନ ସହାୟତା ସଂସ୍ଥା (ୱାଇଏଲବିଏଚଆଇ) ପୁଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି। ପୁଲିସ ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଗିରଫ କରି ହେପାଜତରେ ରଖିଛି। ପୁଲିସ ମାନବାଧିକାର ଉଲ୍ଲଘଂନ କରୁଥିବା ସଂଗଠନ ଅଭିଯୋଗ କରିଛି। ଗୋଳାବାରୁଦ ଚଳାଇ ଜୀବନ ନେଉଛି।

■ ବାୟୁସେନାକୁ ମିଳିବ ୨ ତେଜସ୍ ମାର୍କ-୧ଏ


## ହାଲ୍‌ଠାରୁ କିଣାଯିବ ୯୭ ଲଢୁଆ ବିମାନ



ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ସେପ୍ଟେମ୍ବର ମାସରେ ଭାରତୀୟ ବାୟୁସେନାକୁ ଦୁଇଟି ଲଢୁଆ ତେଜସ୍ ମାର୍କ-୧ଏ ମିଳିବ। ପ୍ରତିରକ୍ଷା ସଚିବ ଆରକେ ସିଂ ଏ ନେଇ ସୂଚନା ଦେଇଛନ୍ତି। ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ (ହାଲ) ଏହି ଦୁଇଟି ବିମାନ ଦେବ। ଏହି ବିମାନରେ ଅସ୍ତ୍ରଶସ୍ତ୍ର ଯୋଡି ହୋଇ ରହିବ। ଖୁବଶୀଘ୍ର ତେଜସ୍ ବିମାନ ମିଗ୍-୨୧ ବିମାନର ସ୍ଥାନ ନେବ। ପୁଣି ସରକାର ହାଲ୍ ସହିତ ଏକ ନୂଆ ଚୁକ୍ତି କରିବାକୁ ଯାଉଛନ୍ତି। ଏହି ଚୁକ୍ତି ଅନୁସାରେ ହାଲ୍‌ଠାରୁ ୯୭ଟି ତେଜସ ବିମାନ କ୍ରୟ କରାଯିବ ଓ ଏଥିପାଇଁ ୬୭,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ବର୍ତ୍ତମାନ ୩୮ଟି ତେଜସ୍ ଲଢୁଆ ବିମାନ ଭାରତୀୟ ବାୟୁସେନାରେ ନିୟୋଜିତ ହୋଇଛି। ପୂର୍ବରୁ ୨୦୨୧ରେ ସରକାର ୮୩ଟି ତେଜସ ମାର୍କ-୧ଏ କ୍ରୟ କରିବାକୁ ୪୮,୦୦୦ କୋଟି ଟଙ୍କାର ଚୁକ୍ତି କରିଥିଲା। କିନ୍ତୁ ଆମେରିକୀୟ ଇଞ୍ଜିନ ପ୍ରାପ୍ତ ହେବାରେ ବିଳମ୍ବ ହେବା କାରଣରୁ ଏହି ବିମାନ ଏପର୍ଯ୍ୟନ୍ତ ବାୟୁସେନାକୁ ମିଳିନାହିଁ। କିନ୍ତୁ ଏବେ ୨୦୨୮ ବେଳକୁ ହାଲ୍ ସବୁ ବିମାନ ବାୟୁସେନାକୁ ଦେବ ବୋଲି ଆଶା କରାଯାଉଛି। ଅଗଷ୍ଟ ୧୯ରେ କେନ୍ଦ୍ର ସରକାର ୬୨,୦୦୦ କୋଟି ଟଙ୍କା ବିନିମୟରେ ୯୭ଟି ଏଲ୍‌ସିଏ ମାର୍କ-୧ଏ ଜେଟ୍ ହାଲ ସହ ଚୁକ୍ତି କରିଥିଲା। ଏଲ୍‌ସିଏ ମାର୍କ-୧ଏ ବିମାନ ତେଜସର ଉନ୍ନତ ସଂସ୍କରଣ ବିବେଚିତ ହେଉଛି। ଏଥିରେ ଅତ୍ୟାଧୁନିକ ଆଭିଓନିକ୍ସ ଓ ରାଡାର ସିଷ୍ଟମ ରହିଛି।

### ପାକିସ୍ତାନ ପଞ୍ଜାବରେ ଇତିହାସର ସବୁଠୁ ବଡ଼ ବନ୍ୟା

## ୩୩ ମୃତ; ୭ ଲକ୍ଷ ଲୋକ ସ୍ଥାନାନ୍ତର, ୨୦ ଲକ୍ଷ ପ୍ରଭାବିତ



ଲାହୋର,୩୧।୮ (ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶ ରେ ସବୁଠାରୁ ବଡ଼ ବନ୍ୟା ଆସିଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଐତିହାସିକ ସହର ଲାହୋରରେ ଭିତରେ ମଧ୍ୟ ପାଣି ପଶି ଯାଇଛି। ଫଳରେ ସାରା ପ୍ରଦେଶରେ ମାନବୀୟ ସଂକଟ ସୃଷ୍ଟି ହୋଇଛି। ବର୍ଷା ଓ ବନ୍ୟା କାରଣରୁ ଏପର୍ଯ୍ୟନ୍ତ ୩୩ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୨,୨୨୦ ଗାଁ ପ୍ରଭାବିତ ହୋଇଛି। ୭ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ମୋଟ ଉପରେ ୨୦ ଲକ୍ଷ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି ବୋଲି ପଞ୍ଜାବର ବରିଷ୍ଠ ମନ୍ତ୍ରୀ ମରିୟମ ଔରଙ୍ଗଜେବ୍ କହିଛନ୍ତି। ପ୍ରଥମଥର ପାଇଁ ସତଲେଜ, ଚେନାବ ଓ ରାବି ନଦୀରେ ଏକା ସମୟରେ ବଡ଼ ବନ୍ୟା ଆସିଛି। ଏହି ୩ଟି ନଦୀର ଜଳସ୍ତର ଆଶାତୀତ ଭାବେ ବୃଦ୍ଧି ପାଇଛି। ପଞ୍ଜାବ ପ୍ରଦେଶରେ କେବଳ ୧୫ କୋଟି ଲୋକ ରୁହନ୍ତି ଓ ଏହି ପ୍ରଦେଶରେ ପାକିସ୍ତାନର ସର୍ବାଧିକ ଚାଷଜମି ରହିଛି। ପଞ୍ଜାବରେ ସବୁଠାରୁ ଅଧିକ ଗହମ ଉତ୍ପାଦନ ହୋଇଥାଏ। ୨୦୨୨ରେ ମଧ୍ୟ ପଞ୍ଜାବରେ ଭୟଙ୍କର ବନ୍ୟା ଆସିଥିଲା। ଚଳିତ ବର୍ଷ ଜୁଲାଇ ୧ରୁ ଅଗଷ୍ଟ ୨୭ ମଧ୍ୟରେ ରାଜ୍ୟରେ ୨୬.୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ପୁଣି ଜୁନ ୨୬ ପରଠାରୁ ପାକିସ୍ତାନରେ ବର୍ଷାଜନିତ ଘଟଣା ଯୋଗୁ ଏପର୍ଯ୍ୟନ୍ତ ମୋଟ୍ ୮୪୯ ଲୋକ ମୃତ୍ୟୁବରଣ କଲେଣି। ୧,୧୩୦ ଜଣ ମଧ୍ୟ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି।

### ଭାରତରେ ଶିକ୍ଷା ମହଙ୍ଗା


## ପ୍ରଥମ ଶ୍ରେଣୀ 'ଟ୍ୟୁସନ ଫି' ୭.୩୫ ଲକ୍ଷ

### ନାମଲେଖାଇବା ପାଇଁ ଦେବାକୁ ପଡୁଛି ଲକ୍ଷେ ଟଙ୍କା

ବେଙ୍ଗାଲୁରୁ, ୩୧।୮ (ଏଜେନ୍ସି):

ଭାରତରେ ଶିକ୍ଷା ମହଙ୍ଗା ହେବାରେ ଲାଗିଛି। ଘରୋଇ ବିଦ୍ୟାଳୟରେ ଦେୟ ସାରା ବିଶ୍ୱରେ ସର୍ବାଧିକ ରହିଛି। ଆୟ ବଢୁ ନ ଥିବାବେଳେ ବ୍ୟୟ ବଢ଼ି ଚାଲିଛି। ଏହି ଅନୁପାତରେ ମହଙ୍ଗା ଶିକ୍ଷାରେ ଭାରତ ସବୁଠୁ ଆଗରେ ରହିଛି। ନ୍ୟୁୟର୍କ, ଦୁବାଇ, ଲଣ୍ଡନ ଭଳି ସହରଠାରୁ ମୁମ୍ବଇ, ଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହରରେ ପଢ଼ା ଖର୍ଚ୍ଚ ଢେର ଅଧିକ ରହିଛି। ଏହା ଅଭିଭାବକଙ୍କ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ବେଙ୍ଗାଲୁରୁରୁ ଏହାର ପ୍ରକୃଷ୍ଟ ଉଦାହରଣ ସାମ୍ନାକୁ ଆସିଛି। ଏକ ପ୍ରସିଦ୍ଧ ସ୍କୁଲର ଟ୍ୟୁସନ ଫି ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହା ଦେଶରେ ଘରୋଇ ସ୍କୁଲର ଶୋଷଣକୁ ନେଇ ଚର୍ଚ୍ଚାକୁ ଜୋରଦାର କରିଛି। ସୂଚନା ଅନୁଯାୟୀ ପ୍ରଥମ ଶ୍ରେଣୀ (ଆଇବି ପିୱାପି) ପାଇଁ ନିଭ୍ ଏକାଡେମିର ବାର୍ଷିକ 'ଟ୍ୟୁସନ ଫି' ୭.୩୫ ଲକ୍ଷ ଟଙ୍କା ରହିଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହି ଦେୟ ସମାନ ରହିଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ଟ୍ୟୁସନ ଫି ୭ ଲକ୍ଷ ୭୫ ହଜାର, ନବମ ଓ ଦଶମ ଶ୍ରେଣୀର ୮ ଲକ୍ଷ ୫୦ ହଜାର ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବର୍ଷକୁ ୧୧ ଲକ୍ଷ ଟଙ୍କା ଦେୟ ରହିଛି। ଖାଲି ସେତିକି ନୁହେଁ, ନାମଲେଖା ଦେୟ ଲକ୍ଷେ ଟଙ୍କା ରହିଛି। ଏହାକୁ କୌଣସି ସ୍ଥିତିରେ ବି ଫେରାଯିବ ନାହିଁ ବୋଲି କୁହାଯାଇଛି।

ଟ୍ୟୁସନ ଫିରେ ପରିବହନ, ପୁସ୍ତକ, ୟୁନିଫର୍ମ କିମ୍ବା



neev ACADEMY

Annual Fee Schedule for Academic Year 2025-26

| Joining Fees | Amount (INR) |
|---|---|
| Application Form Charges (Payable at the time of submission of online application) | 1000/- |
| Admission Fees (One-time, Non-refundable fee for the acceptance of enrolment) | 1,00,000/- |

ANNUAL FEE DETAILS AY 2025-26

| Programme | Annual Education Fee (INR) | Fee Payable Per Term (INR) |
|---|---|---|
| Primary Years Programme (IB PYP) – Grades 1 to 5 | 7,35,000/- | 3,67,500/- |
| Middle Years Programme (IB MYP) – Grades 6 to 8 | 7,75,000/- | 3,87,500/- |
| Middle Years Programme (IB MYP) – Grades 9 and 10 | 8,50,000/- | 4,25,000/- |
| ICSE – Grades 6 to 10 | 5,94,000/- | 2,97,000/- |
| IBDP – Grades 11 and 12* | 11,00,000/- | 5,50,000/- |

ପାଠ୍ୟକ୍ରମ ବହିର୍ଭୂତ କାର୍ଯ୍ୟକଳାପ ଭଳି ଅତିରିକ୍ତ ଖର୍ଚ୍ଚ ସାମିଲ ନାହିଁ। ଏ ସବୁ ମିସାଇଲା ପରେ ପ୍ରଥମ ଶ୍ରେଣୀ ପିଲାର ମୋଟ ବାର୍ଷିକ ଖର୍ଚ୍ଚ ୮ ଲକ୍ଷ ଟଙ୍କାରୁ ଅଧିକ ହୋଇପାରେ। ଏହାକୁ ନେଇ ଆର୍ଥିକ ନୀତି ନିର୍ଦ୍ଧାରକ ଡି ମୁଥୁକ୍ରିଷ୍ଣନ ଏହି ସ୍କୁଲର ଦେୟ ତାଲିକା ସେୟାର କରି କହିଛନ୍ତି ଯେ ଏହା ଏକ ମୁକ୍ତ ବଜାର। ବ୍ୟକ୍ତିବିଶେଷଙ୍କ ଏହାର ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି। ଗ୍ରାହକ କ'ଣ ଚାହୁଁଛନ୍ତି ତାହା ବାଛିବା ସେମାନଙ୍କର ପସନ୍ଦ। ଏଠାରେ ମଧ୍ୟ ସବୁକିଛି ଠିକ୍ ରହିଛି। ବେଙ୍ଗାଲୁରୁର ଏକ ଭଲ ବିଦ୍ୟାଳୟର ଏଭଳି ଦେୟ ନେଉଛି। ଅନେକ ଏଭଳି ଦେୟ ଦେଇପାରିବେ ନାହିଁ। ବର୍ଷକୁ ୫୦ ଲକ୍ଷ ଟଙ୍କା ଆୟ କରୁଥିବା ଆଇଟି ଦମ୍ପତ୍ତି ମଧ୍ୟ ନିଜର ଦୁଇ ପିଲାଙ୍କୁ ଏହି ସ୍କୁଲରେ ପଢାଇବାକୁ ଉଚିତ ମଣିବେ ନାହିଁ। ଭାରତ ହେଉଛି ମନମୁଖୀ ନିଷ୍ପତ୍ତି ନେଉଥିବା ଲୋକଙ୍କ ଦେଶ।

କିଛି ଲୋକେ କହିଛନ୍ତି ଯେ ଭାରତରେ ଘରୋଇ ସ୍କୁଲ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ସ୍କୁଲଗୁଡିକ ନିଜ ମନଇଚ୍ଛା ଦେୟ ଆଦାୟ କରିଚାଲିଛନ୍ତି। ଯେତିକି ଟଙ୍କା ଲୋକଙ୍କଠୁ ନେଉଛନ୍ତି ସେହି ତୁଳନାରେ ଶିକ୍ଷକ, କର୍ମଚାରୀମାନଙ୍କୁ ଦରମା ଦେଉନାହାନ୍ତି। ପରିଚାଳକଙ୍କ ପାଖକୁ ଏଥିରୁ ସିଂହଭାଗ ଅର୍ଥ ଯାଉଛି। ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ଲୋକେ ନିଜ ପିଲାଙ୍କୁ ବି ଏଭଳି ସ୍କୁଲରେ ପଢ଼ାଇପାରିବେ ନାହିଁ। ଧନୀଶ୍ରେଣୀର ପିଲାଙ୍କ ପାଇଁ ଏହା ସାଧାରଣ କଥା।

### ମନ୍ କି ବାତ୍‌ର ୧୨୫ତମ ସଂସ୍କରଣ

## ପ୍ରାକୃତିକ ବିପର୍ଯ୍ୟୟ ଆମ ପରୀକ୍ଷା ନେଉଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ଜଣାଶୁଣା ରେଡିଓ ଶୋ 'ମନ୍ କି ବାତ୍'ର ୧୨୫ ତମ ସଂସ୍କରଣରେ ସାରା ଦେଶକୁ ରବିବାର ସମ୍ବୋଧିତ କରିଛନ୍ତି। ଏଥିରେ ସେ ପ୍ରାକୃତିକ ବିପର୍ଯ୍ୟୟ, ଖେଳ- ଖେଳାଳି, ନୂତନତା, ଶିକ୍ଷା, ଭୋକାଲ ଫର ଲୋକାଲ ନେଇ ବିଚାର ବ୍ୟକ୍ତ କରିଥିଲେ। ମୌସୁମୀ ବର୍ଷା ଜନିତ ପ୍ରାକୃତ ବିପର୍ଯ୍ୟୟ ଆମର ପରୀକ୍ଷା ନେଉଛି ବୋଲି ସେ କହିଥିଲେ। ଗତ କେତେ ସପ୍ତାହରେ ଆମେ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଦେଖିବାକୁ ପାଇଛୁ। ଏଥିରେ ବହୁ ଧନଜୀବନ ହାନୀ ହୋଇଛି ଓ ଏଥିରେ ଆମେ ସମସ୍ତେ ଦୁଃଖିତ ବୋଲି ସେ କହିଥିଲେ। ସେହିପରି ୟୁପିଏସ୍‌ସିର ଚୂଡାନ୍ତ ତାଲିକାରେ ବହୁ ପ୍ରାର୍ଥୀ ସ୍ଥାନ ପାଇପାରୁନାହାନ୍ତି। ସେମାନେ ଡିଜିଟାଲ ଆପ୍ ପ୍ଲାଟଫର୍ମ 'ପ୍ରତିଭା ସେତୁ' ଦ୍ୱାରା ଲାଭବାନ ହୋଇପାରିବେ। ଦେଶର ବଡ଼ବଡ଼ କମ୍ପାନୀରେ ସେମାନଙ୍କୁ ଚାକିରି କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ। ସେପ୍ଟେମ୍ବରରେ 'ହାଇଦରାବାଦ ଲିବରେସନ ଡେ' ପାଳନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଦେଶ ହାସଲ କରିଥିବା ସବୁ ଉପଲବ୍ଧି ବିଷୟରେ ସେ ମତ ରଖିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଉଦାହରଣ ସୃଷ୍ଟି କରିଥିବା ଲୋକଙ୍କ ବିଷୟରେ ମଧ୍ୟ ମୋଦୀ ଉଲ୍ଲେଖ କରିଥିଲେ। 'ମନ କି ବାତ' ୨୨ଟି ଭାଷାରେ ପ୍ରସାରିତ ହେଉଛି। ୨୩ କୋଟି ଲୋକ ଏହାକୁ ନିୟମିତ ଭାବେ ଶୁଣୁଛନ୍ତି।

# ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର୍ ଗୁରୁତର

କଟକ, ୩୧।୮ (ସମିସ): ଓଲିଉଡ୍‌ର ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାର୍ ଗୁରୁତର ହୋଇ ସିଡିଏ ସେକ୍ଟର-୬ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି।

■ ଆଇସିୟୁରେ ଭର୍ତ୍ତି, ସ୍ୱାସ୍ଥ୍ୟାବସ୍ଥା ସ୍ଥିର
■ ଚିକିତ୍ସାରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍

ଆଜି ପୂର୍ବାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ୪ ଦିନ ତଳେ ଡିହାଇଡ୍ରେସନ୍ ଯୋଗୁଁ ତାଙ୍କୁ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ତେବେ ଆଜି ହଠାତ୍ ତାଙ୍କ ଶରୀରରୁ ସୋଡିୟମ୍ ଏବଂ ପୋଟାସିୟମ୍ ମାତ୍ରା କମିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଆଜି ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଶେଷ ସୂଚନାନୁଯାୟୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

ହସ୍ପିଟାଲ୍‌ରେ ଶ୍ରୀ ମଜୁମଦାର୍‌ଙ୍କୁ ଭେଟିଥିବା ଅଭିନେତା ତଥା ବିଜେପି ନେତା ଶ୍ରୀତମ ଦାସ କହିଛନ୍ତି ଯେ ଅଭିଜିତ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ତାଙ୍କର ବିଭିନ୍ନ ପରୀକ୍ଷା କରାଯାଉଛି। ସମସ୍ତ ରିପୋର୍ଟ ଡାକ୍ତରଙ୍କ ହସ୍ତଗତ ହୋଇନାହିଁ। ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇ କର୍ମକ୍ଷେତ୍ରକୁ ଫେରିବେ ବୋଲି କହିଛନ୍ତି। ସେହିପରି ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା କହିଛନ୍ତି, ଅଭିଜ୍ଞ ଡାକ୍ତରୀ ଟିମ୍ ଆଇସିୟୁରେ ତାଙ୍କର ଚିକିତ୍ସା କରୁଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଘରୋଇ ହସ୍ପିଟାଲ୍ ବାହାରେ ଓଲିଉଡ୍‌ର ଅନେକ କଳାକାର ପହଞ୍ଚି ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଥିବା ଦେଖିବାକୁ ମିଳିଥିଲା।

■ ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଯୁବକ ନିଖୋଜ ଘଟଣା

# ତିନିଦିନ ପରେ ମୃତଦେହ ଉଦ୍ଧାର

ପାଲଲହଡ଼ା, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ନଗିରା ଗାଁ ଜଙ୍ଗଲରେ ଥିବା ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଶୁକ୍ରବାର ଜଣେ ଯୁବକ ନିଖୋଜ ହୋଇଥିବା ବେଳେ ରବିବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ବାଲରାଇ ଗ୍ରାମର ଅର୍ଜୁନ ବେହେରାଙ୍କ ପୁଅ ଲିପୁନ୍ ବେହେରା। ପାଲଲହଡ଼ା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ଶୁକ୍ରବାର କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ବାଲରାଇ ଗାଁର ଲିପୁନ ବେହେରା, ଶୁଭମ୍ ପଲେଇ ଏବଂ ଗୋପପୁରର ଗିରିଧାରୀ ପଲେଇ ସାଙ୍ଗହୋଇ ଗର୍ଜନଖୋଲ ଜଳପ୍ରପାତ ବୁଲିବାକୁ ଆସିଥିଲେ। ସେମାନେ ଗାଧୋଇବା ବେଳେ ଲିପୁନ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ବାଂଶପାଳ ଅଗ୍ନିଶମବାହିନୀ ଓ ପାଲଲହଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନଥିଲା। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶନିବାର ଓ ରବିବାର ଖୋଜାଖୋଜି ଜାରି ରହିଥିଲା। ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ରବିବାର ତୃତୀୟ ଦିନରେ ଲିପୁନଙ୍କ ମୃତଦେହ ଉଦ୍ଧାର ହୋଇଛି।

## ମୂଳଚାଲ ବେଳେ ମାଡ଼ି ବସିଲା ବନ ବିଭାଗ

# ବାଘଛାଲ ଜବତ, ୭ ଗିରଫ

ଭଞ୍ଜନଗର, ୩୧।୮ (ସମିସ): ବାଘଛାଲ ପୂଜା ପାଇଁ ପ୍ରସ୍ତୁତି ସରିଥିଲା। ପୂଜା ସରିବା ପରେ ବେପାରୀଙ୍କ ହାତକୁ ଟେକି ଦିଆଯାଇଥା'ନ୍ତା। ସେପଟ ବାଘ ଛାଲକୁ କେମିତି ଚାଲାଣ ହେବ, କାହାକୁ ବିକ୍ରି ହେବ, ସେନେଇ ଆଉ କିଛି ମାଫିଆ ଏକ ଲଜ୍‌ରେ ବସି ଯୋଜନା ପ୍ରସ୍ତୁତ କରୁଥିଲେ। ହେଲେ ତା'ପୂର୍ବରୁ ବନ ବିଭାଗ ସବୁ ବିଗାଡ଼ି ଦେଲା। ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନ ବିଭାଗକୁ ରବିବାର ମିଳିଛି ବଡ଼ ସଫଳତା। ସାଦା ପୋଷାକରେ ଛକି ରହିଥିବା ବନକର୍ମଚାରୀ ଅତର୍କିତ ଚଢ଼ଉ କରି ଗୋଟିଏ ଗୁଳିବିଦ୍ଧ କଲରାପତରିଆ ବାଘ ଛାଲ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗଜପତି ଜିଲ୍ଲାର ୩ଜଣ ରହିଥିବା ବେଳେ ଗଂଜାମ ଜିଲ୍ଲାର ୪ଜଣ ରହିଛନ୍ତି। ସେମାନେ ହେଲେ, ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୁଣ୍ଡିରିବାଡ଼ି ଗାଁର ସୁରେନ୍ଦ୍ର ପ୍ରଧାନ, ପଛଖାରୀ ଗାଁର ସୁଶାନ୍ତ ଡାକୁଆ, ଗୁଣ୍ଡୁରିବାଡ଼ି ଗାଁର ଲକ୍ଷ୍ମଣ ପ୍ରଧାନ, ପୁରୁଷୋତ୍ତମପୁର ଥାନା ଅଞ୍ଚଳର ତ୍ରିନାଥ ବିଶ୍ୱାଳ ଏବଂ ଗଜପତି ଜିଲ୍ଲାର ବିପିନ ପ୍ରଧାନ, କ୍ଷେତ୍ରୀୟ ପ୍ରାଧାନ ଏବଂ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଖଲି ଚରଣ ଜାନି। ଖଲି ଏ ପୂରା ରାକେଟ୍‌ର ମୁଖ୍ୟ କାର୍ପଟଦାର ବୋଲି ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି।



ଶ୍ରୀ ମହାନ୍ତି କହିଛନ୍ତି ଯେ ପ୍ରାୟ ୧୫/୨୦ଦିନ ମଧ୍ୟରେ ଉକ୍ତ କଲରାପତରିଆ ବାଘକୁ ଗୁଳି କରି ଶିକାର କରାଯାଇଥିବା ଅନୁମାନ କରାଯାଉଛି। ତେବେ କେଉଁ ଅଞ୍ଚଳରୁ ବାଘକୁ ଶିକାର କରାଯାଇଛି, ତାହା ସ୍ପଷ୍ଟ ହୋଇନି। ଘଟଣାର ଅଧିକ ଖୋଳତାଡ଼ ଜାରି ରହିଥିବା ବେଳେ ତଦନ୍ତ ପରେ ଏହି ଅନ୍ତଃରାଜ୍ୟ ବାଘଛାଲ ମାଫିଆଙ୍କ ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ରହିଛନ୍ତି, ତାହା ଜଣାପଡ଼ିବ।

ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୁଣ୍ଡିରିବାଡ଼ି ଗାଁର ସୁରେନ୍ଦ୍ରଙ୍କ ଘରେ ପୂଜା ଚାଲିଥିବା ବେଳେ ବନ ବିଭାଗ ଚଢ଼ଉ କରିଥିଲା। ସୁରେନ୍ଦ୍ରଙ୍କ ସହ ସୁଶାନ୍ତ, ଲକ୍ଷ୍ମଣ, ତ୍ରିନାଥ ଏବଂ ଗଜପତି ଜିଲ୍ଲାର ବିପିନ, କ୍ଷେତ୍ରୀୟ ଏବଂ ମୁଖ୍ୟ କାର୍ପଟଦାର ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଖଲି ଚରଣ ପ୍ରମୁଖଙ୍କୁ କାବୁ କରାଯାଇଥିଲା। ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ନେତୃତ୍ୱରେ ଏସିଏଫ୍ ବିବେକ କୁମାର ଦାସ, ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତା ପଣ୍ଡା, ବନପାଳ ଅନୁପ କୁମାର ବିଷୋୟୀ, ଭଞ୍ଜନଗର ବନପାଳ ବବୁଲୁ ସେଠୀ, ଜୀବନ ତ୍ରିପାଠୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା। ଭଞ୍ଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ରାଜଧାନୀରେ ପ୍ରତିଷ୍ଠା ହେବ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର, ୩୧।୮ (ସମିସ): ସମଗ୍ର ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବା ପ୍ରଖ୍ୟାତ ଲେଖକ ମନୋଜ ଦାସଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଖୁବ୍‌ଶୀଘ୍ର ରାଜଧାନୀରେ ପ୍ରତିଷ୍ଠା ହେବ। ଖ୍ୟାତନାମା ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜଙ୍କ ଖଣ୍ଡଗିରିସ୍ଥିତ ୱାର୍କସପ୍‌ରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ

■ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ହେବ ସ୍ଥାନ ନିରୂପଣ
■ ଜୋରସୋର୍‌ରେ ଚାଲିଛି ମୂର୍ତ୍ତି ନିର୍ମାଣ

ଜୋରସୋର୍‌ରେ ଚାଲିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏହାକୁ ସ୍ଥାପନ କରାଯିବ। ଏଥିପାଇଁ ଖୁବ୍‌ଶୀଘ୍ର ଉପଯୁକ୍ତ ସ୍ଥାନ ନିରୂପଣ କରାଯିବ ବୋଲି ମନୋଜ ଦାସ ସ୍ମୃତି ସଂସଦର ସାଧାରଣ ସଂପାଦକ ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସୂଚନା ଦେଇଛନ୍ତି।



ସୂଚନାନୁଯାୟୀ, ୨ବର୍ଷ ତଳେ ଗୀତଗୋବିନ୍ଦ ସଦନରେ ଆୟୋଜିତ ମନୋଜ ଦାସଙ୍କ ଜୟନ୍ତୀ ସଭାରେ ସ୍ମୃତି ସଂସଦ ପକ୍ଷରୁ ସଂସ୍କୃତି ବିଭାଗ ନିକଟରେ ଏହି ଦାବି କରାଯାଇଥିଲା। ପରବର୍ତ୍ତୀ ସମୟରେ ଲିଖିତ ଭାବେ ବିଭାଗକୁ ଜଣାଯାଇଥିଲା। ବାଣୀବିହାର ପରିସରରେ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଏବଂ ତାଙ୍କ ନାମରେ ରାଜଧାନୀର ଏକ ରାସ୍ତାର ନାମକରଣ କରାଯିବାକୁ ସେଥିରେ ଦାବି ରଖାଯାଇଥିଲା। ସରକାର ଏହି ପ୍ରସ୍ତାବ ଗ୍ରହଣ କରିବା ସହ ସ୍ୱର୍ଗୀୟ ଲେଖକଙ୍କ ଏକ ବିଶାଳ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଅର୍ଥ ମଞ୍ଜୁର କରିଥିବାରୁ ସ୍ମୃତି ସଂସଦର କର୍ମକର୍ତ୍ତାମାନେ ଖୁସି ପ୍ରକଟ କରିଛନ୍ତି। ବିଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜ ଏହାର ନିର୍ମାଣ କରୁଛନ୍ତି। ଆଜି ଶିଳ୍ପୀ ଶ୍ରୀ ଭଞ୍ଜଙ୍କ ନିମନ୍ତ୍ରଣକ୍ରମେ ବିଧାୟକ ଶ୍ରୀ ଦାସ ଖଣ୍ଡଗିରିସ୍ଥିତ ତାଙ୍କ ୱାର୍କସପକୁ ଯାଇ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମିତ ପ୍ରତିମୂର୍ତ୍ତିର ପ୍ରାରମ୍ଭିକ ଛାଞ୍ଚ ଦେଖି ଖୁସି ପ୍ରକଟ କରିଛନ୍ତି। ମାସେ ଦେଢ଼ ମାସ ଭିତରେ ସଂପୂର୍ଣ୍ଣ ହୋଇ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ପରିଣତ ହେଲେ ଏହା ଆହୁରି ଜୀବନ୍ତ ଲାଗିବ ବୋଲି ସେ କହିଛନ୍ତି। ଅପରପକ୍ଷେ, ଏହି ପ୍ରତିମୂର୍ତ୍ତି ନିର୍ମାଣ ଲାଗି ସଂସ୍କୃତି ବିଭାଗ ଅର୍ଥ ପ୍ରଦାନ କରିଥିବାରୁ ମନୋଜ ଦାସ ସ୍ମୃତି ସଂସଦ ଏବଂ ଓଡ଼ିଶାର ଅଗଣିତ ମନୋଜପ୍ରେମୀଙ୍କ ତରଫରୁ ସରକାରଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

**ବିଜେଡିର କଟାକ୍ଷ**

# ଓଡ଼ିଶା ପୁଣି ଦେଖିଲା ବିଜେପିର 'କପି-ପେଷ୍ଟ' ଶାସନର ଧାରା

ଭୁବନେଶ୍ୱର, ୩୧।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ଟି ନୂଆ ଏନ୍‌ଏସି ଏବଂ ୭ଟି ନୂଆ ମ୍ୟୁନିସିପାଲଟି ଘୋଷଣା କରିଥିବା ବେଳେ ଏହାକୁ କଡ଼ା ସମାଲୋଚନା କରିଛି ବିଜେଡି। ଓଡ଼ିଶା ପୁଣିଥରେ ବିଜେପିର କପି-ପେଷ୍ଟର ଧାରା ଦେଖିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ସହରୀକରଣର ନୂଆ ଅଭିଯାନ ଅନ୍ତର୍ଗତ ଏନ୍‌ଏସି ଓ ମ୍ୟୁନିସିପାଲିଟି ଘୋଷଣା କଥା ମୁଖ୍ୟମନ୍ତ୍ରୀ କହୁଥିବା ବେଳେ ବାସ୍ତବରେ ଏଥିରେ କୌଣସି ନୂତନତ୍ୱ ନାହିଁ। ଏଥିରୁ ଅଧିକାଂଶ ଘୋଷଣା ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ସମୟରେ ହୋଇସାରିଥିଲା। ଏହା ସ୍ପଷ୍ଟ ଦର୍ଶାଉଛି ଯେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଘୋଷଣାର ଅଧିକାଂଶ କଥା ନୂଆ ନୁହେଁ, ବରଂ ବିଜେଡି ସରକାର ପ୍ରସ୍ତୁତ କରିଥିବା ବିକାଶ ନକ୍ସାର 'କପି-ପେଷ୍ଟ ବୋଲି ଦଳ କହିଛି।

ସାମାଜିକ ଗଣମାଧ୍ୟମରେ ଦଳ ପକ୍ଷରୁ ପୋଷ୍ଟ କରି କୁହାଯାଇଛି ଯେ ଘୋଷଣା ହୋଇଥିବା ୭ଟି ନୂଆ ମ୍ୟୁନିସିପାଲିଟି ମଧ୍ୟରୁ ୪ଟି ବୌଦ୍ଧ, କରଞ୍ଜିଆ, ଆସ୍କା ଏବଂ ଛତ୍ରପୁରକୁ ଶ୍ରୀ ପଟ୍ଟନାୟକ ୨୦୨୪ ମସିହା ଫେବ୍ରୁଆରୀରେ ମାନ୍ୟତା ପ୍ରଦାନ

■ କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ
■ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ

ସହ ଘୋଷଣା କରିଥିଲେ। ସେହିପରି ଘୋଷଣା ହୋଇଥିବା ୧୬ଟି ନୂଆ ଏନ୍‌ଏସି ମଧ୍ୟରୁ ୭ଟି ନବୀନଙ୍କ ୨୦୨୪ରେ ଘୋଷିତ ତାଲିକା ସହ ସମାନ। କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ। କିଛି ନୂଆ ପାଇଁ ନା ଦୂରଦୃଷ୍ଟି ଅଛି ନା ଦୃଢ଼ ସଂକଳ୍ପ। ବିଜେପି ସରକାରର 'କପି-ପେଷ୍ଟ' ନୀତିକୁ ଓଡ଼ିଶାବାସୀ ଭଲ ଭାବେ ବୁଝିସାରିଲେଣି। ଓଡ଼ିଶାର ଦ୍ରୁତ ସହରୀକରଣ ଜରୁରୀ ହେଲେ ଆଜିର ଘୋଷଣାରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଭଳି ଜଣାପଡୁନାହିଁ। ୨୦୨୪ରେ ଘୋଷିତ ତାଲିକାରୁ ଏକାଧିକ ନାମକୁ ଧାର ଆକାରରେ ଆଣି ନୂଆ ତାଲିକାରେ ସାମିଲ କରିବା ସ୍ପଷ୍ଟ ଭାବେ ଦର୍ଶାଉଛି ବିଜେପି ସରକାର 'ରି-ବ୍ରାଣ୍ଡିଙ୍ଗ'ରେ ବିଶ୍ୱାସ କରୁଛି।

ବିଜେଡି ଆହୁରି ମଧ୍ୟ କହିଛି ଯେ ଆଜିର ଘୋଷଣାରେ କିଛି ନୂତନତ୍ୱ ନାହିଁ। ଅଧିକାଂଶ ନାଁ ପୂର୍ବ ବିଜେଡି ସରକାର ସମୟରେ ଅନୁମୋଦନ ଲାଭ କରିଥିଲା। ଯାହାକୁ ରାଜନୈତିକ ସ୍ୱାର୍ଥ ପାଇଁ ବିଜେପି ସରକାର ପୁଣିଥରେ ଘୋଷଣା କରିଛି। ଏଥିରେ ମର୍ମ କଥା ହେଲା, ଓଡ଼ିଶାବାସୀ ପୁଣି ଏକ 'କପି ପେଷ୍ଟ' ଅଭିଯାନର ସାକ୍ଷୀ ହୋଇଛନ୍ତି, କୌଣସି ନୂଆ ସହରୀକରଣ ଅଭିଯାନର ନୁହେଁ ବୋଲି ବିଜେଡି ପକ୍ଷରୁ ସମାଲୋଚନା କରାଯାଇଛି।

## ବଜ୍ରପାତରେ ଜଣେ ମୃତ

ଛେଣ୍ଡିପଦା, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ମାଝୀମୁଣ୍ଡା ଗାଁରେ ବଜ୍ରପାତରେ ଆଜି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ମାଝୀମୁଣ୍ଡାର ସୁମତି ବେହେରା ଓ ଗୁରୁତରଜଣଙ୍କ ହେଲେ, ସେହି ଗାଁର ହୀନ ବେହେରା। ସୁମତି ଓ ହୀନ ଗାଁ ନିକଟ ନାକୁଘାଇ ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସୁମତିଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ହୀନଙ୍କୁ ଉଦ୍ଧାର କରି ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହୀନ ଓ ସୁମତି ଗୋଟିଏ ପରିବାରର ଓ ସମ୍ପର୍କରେ ଦୁଇ ଯାଆ ବୋଲି ଜଣାପଡ଼ିଛି। ପୁଲିସ ସୁମତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

# ଭୁଲ୍ ଇଞ୍ଜେକସନ୍ ପାଇଁ ଚାଲିଗଲା ଶିଶୁର ଜୀବନ!

ଖଇରା, ୩୧।୮ (ସମିସ): ଭୁଲ୍ ଇଂଜେକ୍ସନ୍ ଯୋଗୁଁ ଜଣେ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ନେଇ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ଅଧୀନ ରାଇଗଡ଼ିଆ ଗ୍ରାମରେ ତୀବ୍ର

■ ଡାକ୍ତରଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ
■ କ୍ଲିନିକ୍ ସିଲ୍ କଲେ ତହସିଲଦାର

ଉତ୍ତେଜନା ପ୍ରକାଶ ପାଇଛି। ମୃତ ଶିଶୁଜଣଙ୍କ ହେଲା, ବଳରାମ ରାମଙ୍କ ଝିଅ ଲିପ୍ସିତା(୨)। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ପରିବାରଲୋକ ଓ ଗ୍ରାମବାସୀ ଏକଜୁଟ ହୋଇ ଆଜି ଅପରାହ୍ଣରେ ଝିଅର ମୃତଦେହକୁ ରାସ୍ତାରେ ରଖିବା ସହ ଟାୟାର ଜାଳି ସୋର-କୁପାରୀ ରାଜ୍ୟ ରାଜପଥକୁ ତୁଡିଗଡିଆଠାରେ ଅବରୋଧ କରିଛନ୍ତି।

ସୂଚନାନୁଯାୟୀ, ଲିପ୍ସିତାକୁ ଥଣ୍ଡା ଜ୍ୱର ହୋଇଥିଲା। ଶନିବାର ରାତିରେ ଦେହ ଅଧିକ ଖରାପ ହେବାରୁ ତା' ବାପା-ମା' ତାକୁ ତୁଡିଗଡ଼ିଆ ବଜାରରେ ଖୋଲିଥିବା ଆୟୁଷ ଡାକ୍ତର ଦେବକାନ୍ତ ପାଢ଼ୀଙ୍କ ଘରୋଇ କ୍ଲିନିକ୍‌କୁ ନେଇଥିଲେ। ସେଠାରେ ଡାକ୍ତର ପାଢ଼ୀ ଏକ ଇଞ୍ଜେକସନ୍ ଦେଇଥିଲେ। କିନ୍ତୁ ଘରକୁ ଫେରିବା ମାତ୍ରେ ଲିପ୍ସିତାର ଅବସ୍ଥା ଆହୁରି ବିଗିଡ଼ିଯିବାରୁ ପରିବାରଲୋକେ ତାକୁ



ସୋର ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଲିପ୍ସିତାର ମୃତ୍ୟୁ ହୋଇଯାଇଥିଲା। ଡାକ୍ତର ପାଢ଼ୀଙ୍କ ଭୁଲ୍ ଇଂଜେକ୍ସନ୍ ଯୋଗୁଁ ଲିପ୍ସିତାର ଜୀବନ ଯାଇଥିବା ଅଭିଯୋଗ କରି ଆଜି ଅପରାହ୍ଣରେ ଉତ୍ତ୍ୟକ୍ତ ଗ୍ରାମବାସୀ ତୁଡ଼ିଗଡ଼ିଆଠାରେ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଖବର ପାଇ ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଲିକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଅଭିଯୁକ୍ତ ଡାକ୍ତରଙ୍କୁ ଶୀଘ୍ର ଗିରଫ କରାଯିବ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଡାକ୍ତରଙ୍କୁ ଗିରଫ କରାନଯିବା ପର୍ଯ୍ୟନ୍ତ ଅବରୋଧରୁ ଉଠିବେ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ପରେ ଡାକ୍ତର ଦେବକାନ୍ତଙ୍କ କ୍ଲିନିକ୍‌କୁ ତହସିଲଦାର ସିଲ୍ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## କୂଅରେ ପଡ଼ି ଜୀବନ ଗଲା

ଅନୁଗୋଳ, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅନ୍ତର୍ଗତ ଲୋକେଇପଶି ଗାଁରେ କୂଅରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଗାଁର ହରିହର ଦାସଙ୍କ ପୁଅ ସୁକାନ୍ତ ଦାସ (୪୮)। ପରିବାରଲୋକଙ୍କ ସୂଚନାନୁଯାୟୀ, ସୁକାନ୍ତଙ୍କ ଘର ପାଖରେ ଏକ କୂଅ ଅଛି। ରବିବାର ସକାଳେ ସେ କୂଅ ନିକଟକୁ ଯାଇଥିବା ବେଳେ ଅସାବଧାନତାବଶତଃ ଖସି ପଡ଼ିଥିଲେ। ଖବର ପାଇ ବନ୍ତଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁକାନ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**କେନ୍ଦ୍ରକୁ ନବୀନଙ୍କ ଚିଠି ପରେ ସରକାର ତତ୍ପର**

# ତ୍ୱରାନ୍ୱିତ ହେଲା ସାର ଯୋଗାଣ

ଭୁବନେଶ୍ୱର, ୩୧।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟକୁ ସାର ଯୋଗାଣ ତ୍ୱରାନ୍ୱିତ କରାଯାଇଛି। ରାଜ୍ୟରେ ସାରର କୃତ୍ରିମ ଅଭାବ ଦର୍ଶାଇ ଚାଷୀମାନଙ୍କୁ ଭୟଭୀତ ନ କରିବାକୁ ବିଭାଗ ତରଫରୁ ଅନୁରୋଧ କରାଯାଉଛି। କୃଷି ବିଭାଗ ଦ୍ୱାରା ୨୦୨୫ ପାଇଁ ୫୮.୫୦ ଲକ୍ଷ ହେକ୍ଟର ଖରିଫ ଫସଲ ଯୋଜନା (ଧାନ-୩୪.୯୪ ଲକ୍ଷ ହେକ୍ଟର ଏବଂ ଅଣ-ଧାନ ଫସଲ- ୨୩.୫୬ ଲକ୍ଷ ହେକ୍ଟର) ରହିଛି। ତଦନୁସାରେ, ରାଜ୍ୟକୁ ଆବଣ୍ଟନ ପାଇଁ ୧୦.୦୦ ଲକ୍ଷ ମେଟ୍ରିକ ଟନ୍ ସାର ଯୋଗାଣ ଯୋଜନା ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଭାରତ ସରକାର ଖରିଫ ଋତୁ ପାଇଁ ମାସିକ ଫସଲ କଭରେଜ ଉପରେ ଆଧାର କରି ରାଜ୍ୟକୁ ବିଭିନ୍ନ ଗ୍ରେଡର (ସିଧା ଏବଂ କମ୍ପ୍ଲେକ୍ସ ସାର) ୯.୫୫ ଲକ୍ଷ ମେଟ୍ରିକ ଟନ୍ ସାର ଆବଣ୍ଟନ କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ସାର କଳାବଜାର ଓ କୃତ୍ରିମ ଅଭାବ ଯୋଗୁଁ ଚାଷୀମାନେ ହନ୍ତସନ୍ତ ହେବାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତକାଲି କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଚିଠି ଲେଖି ଉଦ୍‌ବେଗ ପ୍ରକାଶ କରିବା ସହ ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ଯୋଗାଇଦେବାକୁ ଦାବି କରିଥିଲେ।

ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଏ ଦିଗରେ ତତ୍ପରତା ପ୍ରକାଶ ପାଇବା ପରେ ମାର୍କଫେଡ୍/ପାକ୍ସ/ଲ୍ୟାମ୍ପସ/ ଖୁଚୁରା ଡିଲରମାନଙ୍କ ନିକଟରେ ବିଭିନ୍ନ ସାର ଉପଲବ୍ଧ କରାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏପ୍ରିଲ୍ ସୁଦ୍ଧା, ବିଭିନ୍ନ ଜିଲ୍ଲାରେ ୨.୯୪ ଲକ୍ଷ ମେଟ୍ରିକ୍ ଟନ୍ ସାର (ୟୁରିଆ: ୧.୪୭ ଲକ୍ଷ ମେଟ୍ରିକ୍ ଟନ୍; ଡିଏପି: ୦.୨୬ ଲକ୍ଷ ମେଟ୍ରିକ୍ ଟନ୍; ଏମଓପ: ୦.୩୪ ଲକ୍ଷ ମେଟ୍ରିକ୍ ଟନ୍; ଏସ୍‌ଏସ୍‌ପି: ୦.୧୦ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଏନ୍‌ପି/ ଏନ୍‌ପିକେ/ଏନ୍‌ପିକେଏସ୍: ୦.୭୬ ଲକ୍ଷ ମେଟ୍ରିକ୍ ଟନ୍) ପ୍ରସ୍ତୁତ କରାଯାଇଥିଲା। ଅଗଷ୍ଟ ମାସ ଶେଷ ସୁଦ୍ଧା ଓଡ଼ିଶାକୁ ୮.୬୦ ଲକ୍ଷ ମେଟ୍ରିକ୍ ଟନ୍ ସାର ମିଳିବା ଉଚିତ। ଏଥିମଧ୍ୟରୁ


## କଳାବଜାରୀ, ନକଲି ସାର ଉପରେ କଡ଼ା ନଜର

ରାଜ୍ୟ ପୂର୍ବରୁ ୮.୧୦ ଲକ୍ଷ ମେଟ୍ରିକ୍ ଟନ୍ ସାର ପାଇସାରିଛି। ଏହାଦ୍ୱାରା ମୋଟ ସାରର ଉପଲବ୍ଧତା ୧୧.୦୪ ଲକ୍ଷ ମେଟ୍ରିକ୍ ଟନ୍ (ୟୁରିଆ: ୪.୮୪ ଲକ୍ଷ ମେଟ୍ରିକ୍ ଟନ୍; ଡିଏପି: ୨.୧୮ ଲକ୍ଷ ମେଟ୍ରିକ୍ ଟନ୍; ଏମଓପି: ୦.୬୧ ଲକ୍ଷ ମେଟ୍ରିକ୍ ଟନ୍; ଏସଏସପି: ୦.୩୪ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଏନ୍‌ପି/ ଏନ୍‌ପିକେ/ଏନ୍‌ପିକେଏସ୍: ୩.୦୫ ଲକ୍ଷ ମେଟ୍ରିକ୍ ଟନ୍) ଗତକାଲି ସୁଦ୍ଧା ବୃଦ୍ଧି ପାଇଛି। ଉପରୋକ୍ତ ପରିମାଣର ସାର ମଧ୍ୟରୁ, ୮.୪୬ ଲକ୍ଷ ମେଟ୍ରିକ ଟନ୍ ବିଭିନ୍ନ ଗ୍ରେଡ୍ ସାର (ୟୁରିଆ: ୩.୯୬ ଲକ୍ଷ ମେଟ୍ରିକ ଟନ୍; ଡିଏପି: ୧.୬୧ ଲକ୍ଷ ମେଟ୍ରିକ ଟନ୍; ଏମ୍‌ଓପି: ୦.୪୧ ଲକ୍ଷ ମେଟ୍ରିକ ଟନ୍; ଏସ୍‌ଏସ୍‌ପି: ୦.୨୧ ଲକ୍ଷ ମେଟ୍ରିକ ଟନ୍ ଏବଂଏନ୍‌ପି/ ଏନ୍‌ପିକେ/ଏନ୍‌ପିକେଏସ: ୨.୨୫ ଲକ୍ଷ ମେଟ୍ରିକ ଟନ୍) ଚାଷୀମାନଙ୍କୁ ବିକ୍ରୟ କରାଯାଇଛି। ଆଜି ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୨.୫୬ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ ଅଛି।

ମାର୍କଫେଡ୍ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହିତ ସମନ୍ୱୟ ରଖି ଖରିଫ କାର୍ଯ୍ୟ ଉପରେ ଆଧାରିତ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ପାଇଁ ଯୋଜନା ପୂର୍ବରୁ ପ୍ରସ୍ତୁତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସାର ଯୋଗାଣସ୍ଥିତିର ନିୟମିତ ସମୀକ୍ଷା କରୁଛନ୍ତି। ମାର୍କଫେଡ୍‌କୁ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ କରିବାକୁ ମଧ୍ୟ ସାର ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲ୍ଲାରେ ୧୧ହଜାର ୬୯୨ ମେଟ୍ରିକ ଟନ୍ ୟୁରିଆ ପହଞ୍ଚିବା ପାଇଁ ପରିବହନରେ ଅଛି। ଏହା ଆସନ୍ତା ଦୁଇଦିନ ମଧ୍ୟରେ ପାକ୍ସ ଏବଂ ଲ୍ୟାମ୍ପସରେ ପହଞ୍ଚିବ। ଷ୍ଟକ୍ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଓ ଲ୍ୟାମ୍ପସକୁ ବିଭିନ୍ନ ଗ୍ରେଡ୍‌ର ସାର ଉପଲବ୍ଧତା ସୁନିଶ୍ଚିତ କରିବାକୁ ମାର୍କଫେଡ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ନକଲି ସାର ବିକ୍ରି ରୋକିବା ଉପରେ ଏପର୍ଯ୍ୟନ୍ତ, ୪୫୪୬ଟି ଖୁଚୁରା ଦୋକାନ ଯାଞ୍ଚ କରାଯାଇଛି। ୧୨୦୨ଟି ଖୁଚୁରା ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିଭଳି ୩୦ଟି ମାମଲାରେ ବ୍ୟବସାୟୀଙ୍କୁ ବିକ୍ରୟ ବନ୍ଦ ନୋଟିସ ଜାରି କରାଯାଇଛି। ସାର ନିୟନ୍ତ୍ରଣ ଆଦେଶ, ୧୯୮୫ ଅନୁଯାୟୀ ଉଲ୍ଲଙ୍ଘନ ଅଭିଯୋଗରେ ୬୨ଟି ଡିଲର ଲାଇସେନ୍ସକୁ ନିଲମ୍ବିତ/ବାତିଲ କରାଯାଇଛି। ଏହାବ୍ୟତୀତ, ୬ଟି ଡିଲରଙ୍କ କ୍ଷେତ୍ରରେ ଷ୍ଟକ୍ ଜବତ ମଧ୍ୟ କରାଯାଇଛି।

# ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା

ନୂଆପଡ଼ା, ୩୧।୮ (ସମିସ): ନୂଆପଡ଼ା ଜିଲ୍ଲା ଧରମବନ୍ଧା ଥାନା ଖୁଟବନଭେରା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ନୃଶଂସ ସ୍ୱାମୀ। ରବିବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ଖୁଟବନଭେରା ଗାଁର ସନ୍ତୋଷ କମାର ସ୍ତ୍ରୀ ତିରିତଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ଖବର ଅନୁଯାୟୀ, ଦୁହିଁଙ୍କ ମଧ୍ୟରେ ବାକ ବିତଣ୍ଡା ହୋଇଥିଲା। ହଠାତ ରାଗରେ



ସନ୍ତୋଷ ସ୍ତ୍ରୀ ତିରିତର ବେକକୁ ଟାଙ୍ଗିଆରେ ଚୋଟ ପକାଇଥିଲା। ତିରତରଙ୍କ ମୃତ୍ୟୁ ପରେ ସେ ଫେରାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ଗାଁଲୋକେ ତାକୁ କାବୁ କରିବା ସହ ତା' ହାତଗୋଡ଼ ବାନ୍ଧି ପୁଲିସକୁ ସୂଚନା ଦେଇଥିଲେ। ଧରମବନ୍ଧା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ସ୍ୱାମୀ ସନ୍ତୋଷକୁ ଅଟକ ରଖି ତଦନ୍ତ ଜାରି ରହିଛି। ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ଅଛି।

# ହତ୍ୟା କରି ଜଙ୍ଗଲରେ ପୋଡ଼ିଦେଲେ

କୋଇଡ଼ା, ୩୧।୮ (ସମିସ): କୋଇଡ଼ା ଥାନା କାଶୀରା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀପାଟ ମେଢ଼ ଜଙ୍ଗଲରୁ ଆଜି ପୁଲିସ୍ ଜଣଙ୍କ ଅର୍ଦ୍ଧଦଗ୍ଧ ଗଳିତ ଶବ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ

## ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର

ପାଇଁ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲକୁ ପଠାଇଛି। ଏହାସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବଟିର ପରିଚୟ ଜାଣିବା ପାଇଁ ପୁଲିସ୍ ତନାଘନା ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ ପୁଲିସ ଏକ ଦିଆସିଲି, ଡିଜେଲ୍ ଡବା, ଚପଲ ଆଦି ଜବତ କରିଛି। ଦୁର୍ବୃତ୍ତମାନେ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଜଙ୍ଗଲ ଭିତରେ ଶବକୁ ପୋଡ଼ିଦେବାକୁ ଉଦ୍ୟମ କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଉପରୁ ପରଦା ହଟିବ ବୋଲି ପୁଲିସ୍ କହିଛି।




# ଜିଲ୍ଲାରେ ଏନ୍‌ଏସି ଘୋଷଣାକୁ ନେଇ ତେଜୁଛି ଅସନ୍ତୋଷ

ଯାଜପୁର,୩୧।୮ (ସମିସ)

ରାଜ୍ୟ ସରକାର ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ଜିଲ୍ଲାରେ ଏନ୍‌ଏସିର ନାମ ଘୋଷଣା କରୁଛନ୍ତି। ଏଥିରେ ଯାଜପୁର ଜିଲ୍ଲାର କେବଳ ଚଣ୍ଡିଖୋଲ ସ୍ଥାନ ପାଇଛି। ତେବେ ପୂର୍ବରୁ ଘୋଷିତ ଜାରକା, ପାଣିକୋଇଲି ଓ ବିଞ୍ଝାରପୁର ବାଦ୍ ପଡ଼ିଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ଜାରକା, ପାଣିକୋଇଲି ଏବଂ ବିଞ୍ଝାରପୁର ନାମକୁ ଏନ୍‌ଏସି କରିବା ପାଇଁ ନବୀନ ସରକାର ପ୍ରସ୍ତାବ ଦେବା ସହିତ ସମସ୍ତ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏ ସଂକ୍ରାନ୍ତରେ ପୂର୍ବ ସରକାର ଗତ ୨୦୨୪ ମସିହା ମାର୍ଚ୍ଚ ୨ ତାରିଖରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କୁ ସବିଶେଷ ରିପୋର୍ଟ ମଗାଯାଇଥିଲା। ଉକ୍ତ ଚିଠି ମୁତାବକ ଜିଲ୍ଲା ପ୍ରଶାସନ ପକ୍ଷରୁ ସେହି ମାସ ୮ ତାରିଖରେ ଧର୍ମଶାଳା, ବିଞ୍ଝାରପୁର, କୋରେଇ ଏବଂ ବଡ଼ଚଣା ବିଡିଓଙ୍କୁ ବିଭାଗ ମାଗିଥିବା ସବିଶେଷ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶ ମୁତାବକ ସମସ୍ତ ବିଡିଓମାନେ ଆବଶ୍ୟକ ତଥ୍ୟ ଦେବା ପରେ ରାଜ୍ୟ ସରକାର ୪ଟି ଏନ୍‌ଏସି ଘୋଷଣା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସାଧାରଣ ନିର୍ବାଚନ ଘୋଷଣା ହୋଇଥିବାରୁ ଉକ୍ତ ଏନ୍‌ଏସି ଘୋଷଣା ଅଟକି ଯାଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଆସିବା ପରେ ଯାଜପୁର ଜିଲ୍ଲାବାସୀଙ୍କ ଏହି ଏନ୍‌ଏସି ଘୋଷଣା ସତେ ଯେମିତି ମଉଳି ଯାଇଛି। ରାଜ୍ୟର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଅଞ୍ଚଳରେ ୧୨ଟି ଏନ୍‌ଏସି ଘୋଷଣା ହୋଇଥିବା ବେଳେ ଯାଜପୁର ଜିଲ୍ଲାର ଉପରୋକ୍ତ ୪ଟି ସ୍ଥାନ ସେଥିରୁ ବଞ୍ଚିତ ହୋଇଥିଲା। ଏ ନେଇ ତୀବ୍ର ପ୍ରତିବାଦର ସ୍ୱର ଉଠିଥିଲା। ଚଣ୍ଡିଖୋଲ ଏନ୍‌ଏସି ଘୋଷଣା ଦାବି କରି ବିଜୁ ଜନତା ଦଳ ପକ୍ଷରୁ ଧାରଣା ଦିଆଯିବା ପରେ ଆଜି ରାଜ୍ୟ ସରକାର ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା କରିଛନ୍ତି। କିନ୍ତୁ ବାକି ପାଣିକୋଇଲି, ଜାରକା ଏବଂ ବିଞ୍ଝାରପୁରକୁ ଏନ୍‌ଏସି ଭାବେ ଘୋଷଣା କରାଯାଇନାହିଁ। ପାଣିକୋଇଲିକୁ ଏନ୍‌ଏସିର ମାନ୍ୟତା ଦେବା ଏହାକୁ ଯଯାତିନଗର ଭାବେ ମାନ୍ୟତା ଦେବା ପାଇଁ ପୂର୍ବ ସରକାର ପ୍ରସ୍ତାବ ଦେଇଥିଲେ। ଏହା ଏକ ଜିଲ୍ଲାର ପ୍ରମୁଖ ସ୍ଥାନ। କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ଯାଜପୁର ମୁଖ୍ୟାଳୟକୁ ସଂଯୋଗ କରୁଛି। ଏଭଳି ଗୁରୁତ୍ୱ ଥିବା ସ୍ଥାନକୁ କାହିଁକି ଏନ୍‌ଏସି ଘୋଷଣା କରାଯାଉନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନ କରାଯାଉଛି। ଏଥିପାଇଁ ସ୍ଥାନୀୟ ବିଧାୟକ ଆକାଶ ଦାସ ନାୟକ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଥିଲେ ମଧ୍ୟ ବିଜେପି ସରକାରଙ୍କୁ ସାମାଜିକ ଗଣମାଧ୍ୟମରେ ତୀବ୍ର ସମାଲୋଚନା କରାଯାଉଛି। ସେହିପରି ଜାରକାକୁ ଏନ୍‌ଏସି ଘୋଷଣା କରିବା ପାଇଁ କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳ ପକ୍ଷରୁ ଦାବି କରି ଧାରଣା ଓ ଆନ୍ଦୋଳନ କରାଯାଉଥିବା ବେଳେ ବିଞ୍ଝାରପୁରକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ବିଗତ ସରକାର ସମୟରେ ଯାଜପୁର ଜିଲ୍ଲା ସବୁବେଳେ ଅଗ୍ରାଧିକାର ପାଉଥିଲା; କିନ୍ତୁ ସରକାର ବଦଳିବା ପରେ ଯାଜପୁର ଜିଲ୍ଲା ସତେ ଯେମିତି ଅବହେଳାର ଶିକାର ହେଉଥିବା ଲୋକେ ଅନୁଭବ କରୁଛନ୍ତି।

**ନବୀନଙ୍କ ପ୍ରସ୍ତାବକୁ ମୋହନ କାର୍ଯ୍ୟକାରୀ କରିବାକୁ କୁଣ୍ଠକୁଣ୍ଠ**


DISTRICT URBAN DEVELOPMENT AGENCY, JAJPUR
Ph. No.06728/222054, Fax-06728-222054
Dist. website-www.jajpur.nic.in
To
The Block Development Officers of Korei, Dharmasala, Badachana and Binjharpur Block
Sub: Proposal for constitution of new Notified Area Council at Korei, Dharmasala, Badachana and Binjharpur
This is treated as "MOST URGENT"
Yours faithfully,
Project Director, DUDA, Jajpur.

## ବିଜେଡି ପାଳିଲା ବିଜୟ ଦିବସ

ବଡ଼ଚଣା,୩୧।୮ (ସମିସ): ଦୀର୍ଘ ୩୬ ବର୍ଷର ଦାବି ଆଜି ସଫଳ ହେଲା। ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ରାଜ୍ୟ ସରକାର ଘୋଷଣା କରିଥିବା ୧୬ଟି ଏନ୍‌ଏସି ମଧ୍ୟରୁ ଚଣ୍ଡିଖୋଲ ନାମ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଆଜି ପୂର୍ବାହ୍ନରେ ନୂତନ ଏନ୍‌ଏସି ଘୋଷଣା ହେବା ପରେ ଲୋକମାନେ ରାଜରାସ୍ତାକୁ ଆଦି ବାଜାବାଣ ଫୁଟାଇବା ସହିତ ମିଠା ବାଣ୍ଟିଥିଲେ। ପୂର୍ବରୁ ଘୋଷିତ ହୋଇଥିବା ୧୨ଟି ଏନ୍‌ଏସି ମଧ୍ୟରେ ଚଣ୍ଡିଖୋଲ ନାମ ନ ଥିବାରୁ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଫଳରେ, ବିଜେଡି ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ତିନୋଟି ଜାତୀୟ ରାଜପଥର ମିଳନ ସ୍ଥଳ ଚଣ୍ଡିଖୋଲ ଓଡ଼ିଶାର ପ୍ରମୁଖ ବ୍ୟବସାୟିକ ପେଣ୍ଠ ସ୍ଥଳ ଭାବରେ ସମଗ୍ର ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଛି। ସମସ୍ତ ଆନୁଷଙ୍ଗିକ ଭିତ୍ତି ଭୂମିଥିଲେ ମଧ୍ୟ ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା କରିବା ବିଳମ୍ବ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଏହାର ପ୍ରତିବାଦ କରି ବିଜେଡି ଧାରଣା ଦେଇଥିଲା। ଫଳରେ ବାଧ ହୋଇ ରାଜ୍ୟ ସରକାର ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା କରିଛନ୍ତି ବୋଲି ଦାବି କରି ବଡଚଣା ବିଜେଡି ବିଜୟ ଦିବସ ପାଳନ କରିଛି। ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟ ଠାରୁ ବାହାରି ଏକ ବିଶାଳ ଶୋଭାଯାତ୍ରା ଚଣ୍ଡିଖୋଲ ଛକ ବୁଦ୍ଧମୂର୍ତ୍ତି ପାଖରେ ପହଞ୍ଚିଥିଲା। ସେଠାରେ ଆତିସବାଜି କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ସମେତ ଶହ ଶହ ବିଜେଡି କର୍ମୀ ଯୋଗ ଦେଇଥିଲେ।




## ଜାରକାକୁ ଏନ୍‌ଏସି ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ଧର୍ମଶାଳା,୩୧।୮ (ସମିସ): ଆଜି ଘୋଷିତ ନୂତନ ଏନ୍‌ଏସି ତାଲିକାରେ ଜାରକା ନାହିଁ। ଫଳରେ ଦୀର୍ଘ ବର୍ଷ ହେଲା ନିଜ ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଘୋଷଣା ପାଇଁ ଲବି କରୁଥିବା ଲୋକେ ଏବେ ହରଡ଼ଘଣାରେ ପଡିଯାଇଛନ୍ତି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ପୂର୍ବରୁ ନିଜ ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ରହୁଥିବା ସ୍ଥାନ ଗୁଡିକୁ ଏନ୍‌ଏସସି ଘୋଷଣା କରିବାକୁ ସମ୍ପୃକ୍ତ ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଥିଲେ। ଯାଜପୁର ଜିଲ୍ଲାର ଜାରକାକୁ ଏନ୍‌ଏସସି ମାନ୍ୟତା ପ୍ରଦାନ କରିବା ଦାବିରେ ଗତ କିଛି ଦିନ ତଳେ ଧର୍ମଶାଳା କଂଗ୍ରେସ ପକ୍ଷରୁ ଜାରକା ଛକରେ ଧାରଣା ଓ ବିକ୍ଷୋଭ କରାଯାଇଥିଲା। ଏହା ବାଦ ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡା ଗତକାଲି ଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜାରକାକୁ ଏନ୍‌ଏନସି ଘୋଷଣା କରିବାକୁ ଅନୁରୋଧ କରି ଏକ ଚିଠି ଲେଖିଥିଲେ। ଜାରକା ଅଞ୍ଚଳରେ ଅନେକ ସରକାରୀ ବେସରକାରୀ ସ୍କୁଲ ଓ କଲେଜ ସମେତ ଜିଲ୍ଲା କୃଷି କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସେଚନ ବିଭାଗ, ତହସିଲ, ଥାନା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ଲକ, ବିଦ୍ୟୁତ ବିଭାଗ ଟ୍ରେଜେରୀ, ଡାକ ବିଭାଗ ଆଦି ଅନେକ ସରକାରୀ କାର୍ଯ୍ୟାଳୟ ରହିଛି। ଏହି ସ୍ଥାନକୁ ଏନ୍‌ଏସସି ଘୋଷଣା କରିବାକୁ କଂଗ୍ରେସ ନେତା କିଶାନ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ଯାହାକି ଫସର ଫାଟି ଯାଇଛି। ଅନ୍ୟପଟେ ଏହି ଏନ୍‌ଏସିର ନାମ ଜାରକା କିମ୍ବା ଧର୍ମଶାଳା ରଖାଯିବ ତାକୁ ନେଇ ସାଧାରଣରେ ଦ୍ୱନ୍ଦ ସୃଷ୍ଟି ହୋଇଛି। ଅନେକ ପଞ୍ଚାୟତ ଏହାକୁ ଧର୍ମଶାଳା ନାମକରଣ କରାନଗଲେ ସେମାନେ ଏହି ଏନ୍‌ଏସସି ସହିତ ସାମିଲ ନହେବା ଲାଗି ପୂର୍ବରୁ ପଞ୍ଚାୟତ ବୈଠକରେ ସ୍ଥିର କରି ଜିଲ୍ଲାପାଳଙ୍କୁ ଜଣାଇ ଦେଇଛନ୍ତି। ଏହା ମଧ୍ୟରେ ଆଜି ନୂତନ ଏନ୍‌ଏସି ଘୋଷଣା ହେବା ପରେ ଜାରକା କିମ୍ବା ଧର୍ମଶାଳାର ନାମ ଆସିନଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ବିକାଶ ମଞ୍ଚର ଜିଲ୍ଲାବ୍ୟାପୀ ବୃକ୍ଷରୋପଣ

ପ୍ରୀତିପୁର/ମଇଁଦା,୩୧।୮ (ସମିସ): ବିଞ୍ଝାରପୁର ବିକାଶ ମଞ୍ଚ ସମଗ୍ର ଜିଲ୍ଲାରେ ବିଭିନ୍ନ ପଞ୍ଚାୟତ ଓ ସ୍କୁଲମାନଙ୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରୁଛି। ଆଜି ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଞ୍ଝାରପୁର ବ୍ଲକର ନେତାଜୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର କୃଷକ ବିକାଶ ମଞ୍ଚର ପ୍ରତିଷ୍ଠାତା ଧିରେନ୍ କୁମାର ଦାସ, ସାମ୍ବାଦିକ ଚନ୍ଦ୍ରନାରାୟଣ ଦାସ, ନେତାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତଚନ୍ଦ୍ର ସାହୁ, ଅମ୍ବୁଜ କୁମାର ଦାସ, ଅନିଲ କୁମାର ସାହୁ, ସେକ ମମ୍ମିନ ଅଲ୍ଲୀ, ବ୍ରଜ କିଶୋର ପାଗଳ, ବଟକୃଷ୍ଣ ସାହୁ, ରଞ୍ଜନ ବେହେରା, ବିକାଶ ଜେନା, ଶ୍ରୀମତୀ ଜେନା, ସଞ୍ଜୟ ଜେନା, ଗଙ୍ଗାଧର ବେହେରା, ଦୀନବନ୍ଧୁ ଜେନା, ଧରମପଦ ଜେନା, କିରାଣୀ ଉପେନ୍ଦ୍ର ଦାସ ପ୍ରମୁଖ ଯୋଗଦାନ କରିଥିଲେ।

## ଉନ୍ମେଷ ଶେଖର ସାମଲ ସ୍ମାରକୀ ବକ୍ତୃତା ସଭା



ଛତିଆ,୩୧।୮ (ସମିସ): ଛତିଆ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ଇଂ. ଉନ୍ମେଷ ଶେଖର ସାମଲ ସ୍ମାରକୀ ବକ୍ତୃତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, ସମାଜସେବୀ ଏବଂ ବିଭିନ୍ନ କ୍ଷେତ୍ରରେ ପାଣ୍ଡିତ୍ୟ ଅର୍ଜନ କରିଥିବା ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆୟକର କମିଶନର ତଥା ସ୍ତମ୍ଭକାର ଶ୍ରୀକାନ୍ତ ଚାଟାର୍ଜୀ ଯୋଗଦେଇ କହିଥିଲେ ଯେ, ଅଙ୍ଗୀକାର ବଦ୍ଧତା, ଯତ୍ନଶୀଳତା, ସ୍ନେହ ବାଣ୍ଟିବାର ମନୋବୃତ୍ତି ଦ୍ୱାରା ଜଣେ ସାଧାରଣ ମଣିଷ ଅସାଧାରଣ ମଣିଷ ହୋଇପାରିବ। ବିଶିଷ୍ଟ କଥାକାର ତଥା ଶିକ୍ଷାବିତ ରାମଚନ୍ଦ୍ର ବେହେରା କହିଥିଲେ ଯେ, ବିଷାଦ ଓ ଦୁଃଖ ଭିତରେ ବି ଆନନ୍ଦ ରହିଛି। ଏହି ଆନନ୍ଦକୁ ଛାଡି ଦେଲେ ମଣିଷର ସବୁକିଛି ଆପେ ଆପେ ମୃତ୍ୟୁ ହୋଇଯାଏ। ଅଧ୍ୟାପକ ନିରଞ୍ଜନ ପାତ୍ର ଅଧ୍ୟକ୍ଷତା କରି ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ଚନ୍ଦ୍ରକଳା ନାୟକ ସଭା ପରିଚାଳନାରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ରୁଦ୍ରନାରାୟଣ ପୃଷ୍ଟି ବାର୍ଷିକ ବିବରଣୀ ପାଠ, ଅବସରପ୍ରାପ୍ତ ଅଧ୍ୟାପକ ଚିତ୍ତରଞ୍ଜନ ସାହୁ ଅତିଥି ପରିଚୟ, ଅଧ୍ୟାପିକା କବିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶ୍ରୀକାନ୍ତ ଚାଟାର୍ଜୀଙ୍କୁ ଟ୍ରଷ୍ଟ ତରଫରୁ ଉଦୟଗିରିର ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ବୁଦ୍ଧ ମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ରବୀନ୍ଦ୍ର ସାମଲ ଓ ଚିତ୍ତରଞ୍ଜନ ସାମଲଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିବା ଆର୍ଥିକ ସହାୟତା ରାଶିରୁ ବିଭିନ୍ନ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ଅର୍ଥରାଶି ପ୍ରଦାନ କରାଯାଇଥିଲା।

● ଗାଡ଼ି ବ୍ୟାଟେରି ଚୋରି ଅଭିଯୋଗ

## ଜଣେ ଗିରଫ; ୧୫ ବ୍ୟାଟେରି ଜବତ

ଧର୍ମଶାଳା,୩୧।୮ (ସମିସ): ଧର୍ମଶାଳା ଥାନା କୁମାରୀ ଗ୍ରାମର ଜଣେ ଯୁବକଙ୍କୁ ବ୍ୟାଟେରି ଚୋରି ଅଭିଯୋଗରେ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ କିଛି ଦିନ ହେବ ବିଭିନ୍ନ ଗାଡିରୁ ବ୍ୟାଟେରି ଚୋରି ହେବା ନେଇ ଥାନାରେ ଅଭିଯୋଗ ହେଉଥିଲା। ଅଭିଯୋଗ ଆଧାରରେ ପୁଲିସ ୩୩୭/୨୫ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଜାରକା ଅଞ୍ଚଳର କେତେକ ଦୋକାନ ଉପରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ କୁମାରୀ ଗ୍ରାମର ଦୁଇ ଜଣ ଯୁବକ ବ୍ୟାଟେରି ବିକିଥିବା ପୁଲିସ ଜାଣିବାକୁ ପାଇଥିଲା। ଗତକାଲି ରାତିରେ ପୁଲିସ ଚଢ଼ଉ କରି କୁମାରୀ ଗ୍ରାମର କାବୁଲି ଚନ୍ଦଙ୍କ ପୁଅ ରାଜା ଚାନ୍ଦ (୧୯)କୁ ଗିରଫ କରିବା ସହିତ ତା' ନିକଟରୁ ୧୫ଗୋଟି ହାଇୱା ଓ ଟ୍ରକ ବ୍ୟାଟେରି ଜବତ କରିଛି। ତା ସହଯୋଗୀ ଫେରାର ଥିବାରୁ ପୁଲିସ ତାକୁ ଗିରଫ କରିପାରିନାହିଁ। ଧର୍ମଶାଳା ପୁଲିସ ଆଜି ରାଜାକୁ କୋର୍ଟଚାଲାଣ କରିଥିବା ବେଳେ ଏହା ଘଟଣାରେ ଏକ ବଡ ରାକେଟ ରହିଛି ବୋଲି ପୁଲିସ ସୂଚାନା ଦେଇଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି।

## ଦଶରଥପୁରରେ କଳାବଜାରୀ ହେଉଛି ସାର



ଦଶରଥପୁର,୩୧।୮ (ସମିସ): ଖରିଫ ଧାନ ରୁଆ ପୋତା ପରେ ଚାଷ ପାଇଁ ଆବଶ୍ୟକ ଥିବା ଡିଏପି ଓ ପଟାସ ସାର ଦଶରଥପୁର ବ୍ଲକର ଧାନ ଚାଷୀ ବାହାରୁ ଚଢ଼ା ଦରରେ କିଣି ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ଯାହାକୁ ନେଇ ଚାଷୀ ମହଲରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ଲାଭଖୋର ସାର ବ୍ୟବସାୟୀ କେଉଁଠି ବସ୍ତା ପିଛା ୨ଶହ ତ ଆଉ କେଉଁଠି ୫ଶହ ଟଙ୍କା ପର୍ଯ୍ୟନ୍ତ ଚଢ଼ା ଦରରେ ବିକୁଛନ୍ତି ସାର। ଧାନ ଚାଷ ପାଇଁ ସାର ଏବେ ନିହାତି ଆବଶ୍ୟକ ଥିବାରୁ ଚାଷୀ ଚଢ଼ା ଦରରେ ସାର କିଣିବାକୁ ବାଧ ହେଉଛି। ଚଳିତ ବର୍ଷ ଦଶରଥପୁର ବ୍ଲକର ଖରିଫ ଧାନ ଚାଷ ଅଞ୍ଚଳର ୧୨ ହଜାର ୫୫୦ ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ ହୋଇଛି। ଧାନଚାଷୀ ୯୦ ପ୍ରତିଶତ ବେଉଷଣ କରି ସାରିଲେଣି। ଏବେ ଡିଏପି ଏବଂ ପଟାସ ସାର ଆବଶ୍ୟକ ଥିବା ବେଳେ ପ୍ରଶାସନ ସାର ଯୋଗାଇ ଦେବାରେ ବିଫଳ ହୋଇଛି। ଦଶରଥପୁର ବ୍ଲକର, ଦଶରଥପୁର, ରାମବାଗ, ବିରିପଟା, ତଳିହା, ଅକରପଡ଼ା, ଛାତ୍ରପଡ଼ା, ନନ୍ଦିପୁର, ମଙ୍ଗଳପୁର ସମେତ ବିଭିନ୍ନ ଛକ ବଜାରର ଲାଭଖୋର ବ୍ୟବସାୟୀ ଚଢ଼ା ଦରରେ ସାର ବିକ୍ରି କରୁଛନ୍ତି। ଦଶରଥପୁର ବ୍ଲକ ଅଧୀନରେ ଥିବା ପ୍ୟାକ୍ସରେ ଆଦୌ ସାର ଉପଲବ୍ଧ ନାହିଁ। ଯଦ୍ୱାରା ଚଢ଼ା ଦରରେ ଚାଷୀ ବାହାରୁ ସାର କିଣିବାକୁ ବାଧ ହେଉଛନ୍ତି। ପ୍ୟାକ୍ସରେ ସାର ମିଳୁନଥିବାରୁ ଏହାର ଫାଇଦା ଉଠାଉଛନ୍ତି କିଛି ସ୍ୱୀକୃତିପ୍ରାପ୍ତ ସାର ବ୍ୟବସାୟୀ ଏବଂ ଚୋରା ବେପାରୀ। ତଦାରଖ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଇଚ୍ଛା ନଥିବାରୁ ବ୍ୟବସାୟୀ ମନ ଇଚ୍ଛା ଦରରେ ସାର ବିକ୍ରି କରୁଛନ୍ତି। ଦଶରଥପୁର ବ୍ଲକ ଅକରପଡା ପଞ୍ଚାୟତ ବଡ଼ ଦୋଗଡା ଗ୍ରାମର ଚାଷୀ ଗୟାଧର ବେହୁରିଆ କହିଛନ୍ତି ସ୍ଥାନୀୟ ପ୍ୟାକ୍ସକୁ ସାର ପାଇଁ ଯାଇଥିଲି କହିଲେ ସାର ନାହିଁ। ବାଧ ହୋଇ ନିକଟସ୍ଥ ବଜାରରୁ ନିର୍ଦ୍ଧାରିତ ଦର ଠାରୁ ଅଧିକ ଦରରେ ସାର କିଣିଲି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରିଣୀ ସ୍ୱାଗତିକା ମିଶ୍ରଙ୍କୁ ପଚାରିବାରେ ଯଦି କେହି ଚଢ଼ା ଦରରେ ସାର ବିକ୍ରି କରୁଥାଏ ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଶୈଶବ ସୁରକ୍ଷା ଅଭିଯାନ ଉଦ୍‌ଘାଟିତ

ଦାନଗଦି,୩୧।୮ (ସମିସ): ଦାନଗଦି ବ୍ଲକ ବୁଦ୍ଧରାଜ ବିଦ୍ୟାପୀଠ ସ୍ଥିତ କନଫରେନ୍ସ ହଲଠାରେ ମାସୁମ ଗ୍ରୁପ ଓ ଟିକିଏ ହସ ଫାଉଣ୍ଡେସନର ମିଳିତ ପ୍ରୟାସରେ ଶୈଶବ ସୁରକ୍ଷା ଅଭିଯାନର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉଦଘାଟନୀ ଉତ୍ସବର ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସଙ୍କ ଅଧ୍ୟକ୍ଷତାରେ ଦାନଗଦୀ ବିଡିଓ ପ୍ରଦୀପ କୁମାର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସେହିପରି ଅନ୍ୟ ଅତିଥିବୃନ୍ଦଙ୍କ ମଧ୍ୟରେ ଦାନଗଦି ମଣ୍ଡଳ ଶିକ୍ଷାଧିକାରୀ ଶୁଭ୍ରାଂଶୁ ପୁହାଣ, ଅତିରିକ୍ତ ଶ୍ରମ ଅଧିକାରିଣୀ ଶୁଶ୍ରୀ ସଙ୍ଗୀତା ସ୍ୱାଇଁ, ଶିଶୁ ପ୍ରକଳ୍ପ ଅଧିକାରିଣୀ ନନ୍ଦିନୀ ପ୍ରଭା ଲେଙ୍କା, ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଲୋପାଥିକ ଡାକ୍ତର ଚନ୍ଦ୍ରକାନ୍ତୀ ସାହୁ, ଟିକିଏ ହସ ଫାଉଣ୍ଡେସନ ପ୍ରତିଷ୍ଠାତା ବିଶ୍ୱଜିତ ମାଝୀ ଓ ବୁଦ୍ଧରାଜା ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ଦାନଗଦୀ ତଥା ଜିଲ୍ଲାରେ ଶିଶୁଶ୍ରମିକ ଓ ବାଲ୍ୟବିବାହ ମୂଳୋତ୍ପାଟନ କରିବା ସହ ଡ୍ରପ୍ ଆଉଟ ହ୍ରାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆୟୋଜକଙ୍କ ପକ୍ଷରୁ ଏହି ଅଭିଯାନ ଅଗଷ୍ଟ ୩୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩୦ ଯାଏଁ ଚାଲୁ ରହିବ। ଏହି ତିରିଶି ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକରେ ସଚେତନା କର୍ମଶାଳାମାନ ଆୟୋଜନ କରି କିଶୋରୀ ବାଳିକାଙ୍କୁ ପ୍ରଶିକ୍ଷଣ ଦେବା ତତସହିତ ଜିଲ୍ଲାର ବିଭିନ୍ନ ହୋଟେଲ, ଢାବା ଓ ଶିଳ୍ପ ପ୍ରତିଷ୍ଠାନ ନିଯୁକ୍ତ ଥିବା ଶିଶୁଶ୍ରମିକଙ୍କୁ ଉଦ୍ଧାର ଓ ଥଇଥାନ କରାଯିବାର ଅଭିଯାନ ମୂଳ ଲକ୍ଷ୍ୟ। ଆଜିର କାର୍ଯ୍ୟକ୍ରମରେ ଦାନଗଦି ସେକ୍ଟର ରାଣୀପଡା, ଡ୍ରିଜଙ୍ଗା, ମଙ୍ଗଳପୁର ଓ ଯଖପୁରା ପଞ୍ଚାୟତ ୩୨ଟି ଅଙ୍ଗନବାଡି କର୍ମୀ, ସଖୀସହେଲୀ, ସମସ୍ତ ସୁପରଭାଇଜର, ଆସ୍ୱାର କର୍ମକର୍ତ୍ତା ସମେତ ଅନେକ ସାମାଜିକ କର୍ମୀ ପ୍ରମୁଖ ଯୋଗଦାନ କରିଥିଲେ। ଶନିବାର ଏହି କାର୍ଯ୍ୟକ୍ରମର ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ କିଶୋରୀ ବାଳିକା ଓ ଅଙ୍ଗନବାଡି କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ନୁରଜାହଁ ନସିମ ପରିଚାଳନ କରିଥିଲେ। ଶେଷରେ ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସର କାଳୀନ ସମ୍ବର୍ଦ୍ଧନା ସଭା



କୟାଁଗୋଲା,୩୧।୮ (ସମିସ): ଦଶରଥପୁର ବ୍ଲକର ପାଲଟପୁର ପ୍ରାଥମିକ କୃଷି ସେବା ସମବାୟ ସମିତି ଚାଉଳିଆ କାର୍ଯ୍ୟାଳୟ ଠାରେ ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ପତି ଓ କୋଷାଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କୁ ଚାକିରି ଜୀବନରୁ ଅବସରର ନେଇଛନ୍ତି। ପାଲଟପୁର କୃଷି ସମବାୟ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମବାୟ ସମିତିର ସଭାପତି ଅଶ୍ୱିନୀ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାଫରପୁର ସରପଞ୍ଚ ସୁରେନ୍ଦ୍ର କୁମାର ବେହୁରିଆ, ପାଲଟପୁର ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ବିରିପଟା ପୂର୍ବତମ ସରପଞ୍ଚ ରମେଶ ରାଉତ, ସାମାଜିକ କର୍ମୀ ମହେଶ୍ୱର ଜେନା, କବି ସରୋଜ ବିଶ୍ୱାଳ, ପୂର୍ବତନ ସମ୍ପାଦକ ବିଶ୍ୱଜିତ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟିକୁ ସଭ୍ୟ ରାଜେଶ କୁମାର ବିଶ୍ୱାଳ, ଚିନ୍ମୟ ମାହୁନ୍ତ ସହଯୋଗ କରିଥିଲେ। ସମ୍ପାଦକ ବଦ୍ରୀ ନାରାୟଣ ପତି ଧନ୍ୟବାଦ ଦେଇଥିଲେ।

## ସମବାୟବିତ୍ ଶ୍ରୀକାନ୍ତ ପଟ୍ଟନାୟକଙ୍କ ପରଲୋକ



ରସୁଲପୁର,୩୧।୮ (ସମିସ): ନରସିଂହପୁର କୃଷି ସେବା ସମବାୟ ସମିତିର ପୂର୍ବତନ ସଭାପତି ଶ୍ରୀକାନ୍ତ ପଟ୍ଟନାୟକଙ୍କର ୩୦ ତାରିଖ ପ୍ରତ୍ୟୁଷରେ କଟକର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୫୪ ବର୍ଷ ବୟସ ହୋଇଥିଲା। ଗତ କିଛିମାସ ହେଲା ସେ କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥାଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଜଣେ ଉତ୍ତମ ବିଜ୍ଞାନ ଶିକ୍ଷକ, ଦକ୍ଷ କ୍ରିକେଟ ଖେଳାଳି ଓ ଉଦ୍‌ଘୋଷକ ଭାବରେ ତାଙ୍କର ପରିଚୟ ରହିଥିଲା। ପରେ ସେ ସମବାୟ ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ଶେଷ ଶଯ୍ୟା ନିକଟରେ ତାଙ୍କର ପତ୍ନୀ, ଏକମାତ୍ର ଝିଅଙ୍କ ସହ ସାନଭାଇ, ବଡ଼ ଭଉଣୀ ଓ ଭିଣୋଇ ଉପସ୍ଥିତ ଥିଲେ। ଶ୍ରୀକାନ୍ତଙ୍କ ପରଲୋକ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ନିଜ ଗ୍ରାମ ନରସିଂହପୁର ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମ୍ବର୍ଦ୍ଧନା ସଭା



ବଡ଼ଚଣା,୩୧।୮ (ସମିସ): ଚଣ୍ଡିଖୋଲ ସନ୍ନିକଟ ସୁଭଦ୍ରାପୁର ପ୍ରକଳ୍ପ ଉପ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମଲଙ୍କ ଅବସରର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଧର୍ମଶାଳା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆର୍ତ୍ତତ୍ରାଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ଶିକ୍ଷାମଣ୍ଡଳ ଅଧିକାରୀ ଅଭୟ କୁମାର ବେହେରା ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ,ପୂର୍ବତନ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ଦାସ, ହରିଦାସପୁର ସରପଞ୍ଚ ବିକ୍ରମ ବିଶ୍ୱାଳ, ସିଆରସିସି ଶ୍ୟାମସୁନ୍ଦିନ, କୈଳାଶ ଚନ୍ଦ୍ର ସାହୁ, ବିଷ୍ଣୁଚନ୍ଦ୍ର ପୃଷ୍ଟି, ରୋଜାଲିନ ବିଶ୍ୱାଳ, ସଞ୍ଜୟ କୁମାର ସିଂହ, ସ୍କୁଲ ପରିଚାଳନା କମିଟି ସଭାପତି ଜୟନ୍ତ ସାହୁ, ନରହରି ସ୍ୱାଇଁ, ବନମାଳୀ ମହାରଣା, ଅରୁଣ କୁମାର ସାହୁ, ବ୍ରଜ କିଶୋର ପଣ୍ଡା ପ୍ରମୁଖ ଯୋଗଦେଇ ଯୋଗଦେଇଥିଲେ।

## କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଦିବସରେ ସାଇକଲ ରାଲି

ଯାଜପୁର,୩୧।୮ (ସମିସ): ଯାଜପୁର ଜିଲ୍ଲାରେ ଜାତୀୟ କ୍ରୀଡ଼ା ଦିବସର ଉଦ୍‌ଯାପନୀ ଉତ୍ସବ ଅବସରରେ ଏକ ସାଇକଲ୍ ରାଲି ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା ଯୋଗଦେଇ ପତାକା ଦେଖାଇ ରାଲିକୁ ଶୁଭାରମ୍ଭ କରିଥିଲେ। ଏହି ବିଶାଳ ସାଇକଲ୍ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଗାନ୍ଧୀଛକ, ମେଡିକାଲ ଦେଇ ଇଣ୍ଡୋର୍ ଷ୍ଟାଡିୟମଠାରେ ସମାପ୍ତ ହୋଇଥିଲା। ଏହି ସାଇକଲ ରାଲିରେ ସାଂସଦ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ହକି, ବ୍ୟାଡମିଣ୍ଟନ, ତାଏକ୍ୱୋଣ୍ଡୋ କ୍ରୀଡ଼ାବିତ, ଜିଲ୍ଲା ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସହରର ନାଗରିକ ମାନଙ୍କ ସହ ସାଇକଲ୍ ଚଳାଇ ସକ୍ରିୟ ଭାବରେ ଯୋଗଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସାଇକେଲ୍ ରାଲି ମାଧ୍ୟମରେ ଯାଜପୁର ଜିଲ୍ଲାରେ କ୍ରୀଡ଼ାପ୍ରେମୀ, ଛାତ୍ରଛାତ୍ରୀ ଏବଂ ସମସ୍ତ ସଚେତନ ନାଗରିକଙ୍କ ଏକତାର ସନ୍ଦେଶ ପ୍ରକାଶିତ ହୋଇଛି। କ୍ରୀଡ଼ାପ୍ରତି ସଚେତନତା, ସ୍ୱାସ୍ଥ୍ୟ ଜାଗରୁକତା ଓ ପରିବେଶ ସୁରକ୍ଷାର ସନ୍ଦେଶ ପ୍ରଚାର ପାଇଁ ଏହି ରାଲିର ଆୟୋଜନ କରାଯାଇଥିଲା। ଜିଲ୍ଲା କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ଏହି ସାଇକଲ୍ ରାଲିରେ ଜିଲ୍ଲା କ୍ରୀଡା ଅଧିକାରୀ, ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ, କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାବିତ୍ ଓ ସ୍ଥାନୀୟ କ୍ରୀଡାପ୍ରେମୀ ଯୋଗଦାନ କରିଥିଲେ।



# ଶିଶୁ ଅଧିକାର ସୁରକ୍ଷା ଆୟୋଗର ସମୀକ୍ଷା ବୈଠକ

ଯାଜପୁର,୩୧।୮ (ସମିସ)

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର (ଓଏସସିପିସିଆର) ଅଧ୍ୟକ୍ଷା ବବିତା ପାତ୍ର ଏବଂ ସଦସ୍ୟା ଚନ୍ଦନା ଦାସ, କସ୍ତୁରୀ ମିଶ୍ର, ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ପ୍ରଶାସନ ସହିତ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହ ନଗଡ଼ାର ଉନ୍ନତିକରଣ ସମ୍ବନ୍ଧରେ ଆଲୋଚନା ପୂର୍ବକ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା-୨ ସଫଳ ଭାବରେ କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ। ନଗଡ଼ାବାସୀ ଓ ସେଠାକାର ପିଲା ମାନଙ୍କୁ କିପରି ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ଏବଂ ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯିବ ସେ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ କହିଥିଲେ। ନଗଡ଼ାରେ ଶିକ୍ଷା ବ୍ୟବସ୍ଥା ସ୍ୱଚ୍ଛଳ ନଥିବାରୁ ପିଲାମାନଙ୍କୁ ଉଚ୍ଚ ବିଦ୍ୟାଳୟରେ ପଢିବାକୁ ବହୁ ଦୂର ଯିବାକୁ ପଡୁଛି। ଯାହା ଦ୍ୱାରା ପିଲାମାନେ ଅଧାରୁ ପାଠ ପଢା ଛାଡ଼ି ଦେଉଛନ୍ତି। କିପରି ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରାଯାଇ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରାଯିବ; ଯେପରି କୌଣସି ବି ପିଲା ପାଠ ପଢ଼ାରୁ ବଞ୍ଚିତ ନ ରୁହନ୍ତି। ସେ ଦିଗରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ନଗଡ଼ାରେ ଶିକ୍ଷା, ସ୍ୱାସ୍ଥ୍ୟ, ପିଲାମାନଙ୍କ ନିମନ୍ତେ ପୁଷ୍ଟିକର ଖାଦ୍ୟ, ଯୋଗାଯୋଗ ସୁବିଧା, ଶିଶୁ ଶ୍ରମିକ ନିରାକରଣ, ବାଲ୍ୟ ବିବାହ ନିବାରଣ ଉପରେ ଜିଲ୍ଲାପାଳଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଆଧାର କାର୍ଡ ନଥିବା ପିଲାଙ୍କର ଆଧାର କାର୍ଡ କରାଯିବା ସହିତ ଜନ୍ମ ପ୍ରମାଣ ପତ୍ର ପ୍ରଦାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ ମିଶ୍ର, ବିଡିଓ, ସିଡିପିଓ, ଜୁଭେନାଇଲ ଜଷ୍ଟିସ ବୋର୍ଡ କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## କ୍ଷୁଦ୍ର ଚଳଚ୍ଚିତ୍ରର ଶୁଭ ମହୁରତ



**ବଡଚଣା, ୩୧।୮ (ସମିସ):** କ୍ରିଏଣ୍ଟ ଷ୍ଟୁଡିଓ ଆନୁକୂଲ୍ୟରେ ଆଜି ଚଣ୍ଡିଖୋଲ ସ୍ଥିତ ହୋଟେଲ ଲୋଟସଇନ୍ ଠାରେ କ୍ଷୁଦ୍ର ଓଡ଼ିଆ ଚଳଚିତ୍ର 'ଅଲୋଡା'ର ଶୁଭ ମହୁରତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ପ୍ରଯୋଜକ, କାହାଣୀକାର ସୌରଭ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଧାକାନ୍ତ ସାମଲ ଯୋଗଦେଇ ସମାଜରେ କୁସଂସ୍କାର, ଅନ୍ଧବିଶ୍ୱାସ, ପୂଜ୍ୟପୂଜାର ଅବକ୍ଷୟ ଯୋଗୁଁ ସମାଜ କିପରି ଅବନତି ଘଟୁଛି; ପୁତ୍ରମାନଙ୍କ ଦ୍ୱାରା ପିତାମାତା କିପରି ନିର୍ଯାତିତ ଅସହାୟ ଅବସ୍ଥାରେ ଅଲୋଡ଼ା ଅଖୋଜା ହୋଇ ଜରାଶ୍ରମ କାଳତିପାତ କରୁଛନ୍ତି; ତାହାର କରୁଣ ଘଟଣାବଳିକୁ ଏହି ଚଳଚ୍ଚିତ୍ରରେ ଦର୍ଶାଯାଇଛି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନା, ପ୍ରସନ୍ନ କୁମାର ବିଶ୍ୱାଳ, ସେକ୍ ସବିରୁଦ୍ଦିଁ, ଦିଗମ୍ବର ମହାପାତ୍ର, ଚିନ୍ମୟ ପୃଷ୍ଟି, ସୁରେନ୍ଦ୍ର ସାମଲ, ଅଜିତ୍ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବରିଷ୍ଠ କଳାକାର ଯୁଧିଷ୍ଠିର ବେହେରା, ରଞ୍ଜିତ ଦାସ, ଚିତ୍ତରଞ୍ଜନ ସିଂହ, ଦିଲ୍ଲୀପ ମହାପାତ୍ର, ସ୍ୱସ୍ତିକ ମହାନ୍ତି, ଦିବ୍ୟାଲୋଚନ ଜେନା, ଅବିନାଶ ମହାପାତ୍ର, ଶିବାନନ୍ଦ ମହାରଣା, ଅଜୟ କୁମାର ସାମଲ, ସୁରେନ୍ଦ୍ର ମହାପାତ୍ର, ପ୍ରଶାନ୍ତ ଜେନା (କୁନିଆ), ଦେବାନନ୍ଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବକୁ ମୁଖ୍ୟ ପରିଚାଳକ ସାଗର ସାହାଣୀ ଓ ଆଶୁତୋଷ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ; ଜଣେ ଗୁରୁତର



**ଧର୍ମଶାଳା, ୩୧।୮ (ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ନେଉଳପୁର ନିକଟରେ ରାସ୍ତା କଡ଼ରେ ରହିଥିବା ଏକ ଗାଡ଼ି ପଛପଟକୁ ଏକ ଆଇଚର ଗାଡି ଧକ୍କା ଦେବା ଫଳରେ ଆଇଚର ଗାଡିର ହେଲପରଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବଲେଶ୍ୱର ଅଞ୍ଚଳରୁ ବରଫ ବୋଝେଇ ଓଡି୩୩ୟୁ୨୯୨୦ନଂ. ଆଇଚର ଗାଡି ପାରାଦୀପ ଯାଉଥିବା ବେଳେ ଭୋର ସମୟରେ ୧୬ନଂ ଜାତୀୟ ରଜପଥର ନେଉଳପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ଅଜଣା ଗାଡିକୁ ପଛପଟୁ ଧକ୍କା ଦେଇଥିଲା। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚି ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ସହାୟତାରେ ଦୁର୍ଗଟଣାଗ୍ରସ୍ତ ଆଇଚର ଗାଡିର ଡୋର କାଟି ଡ୍ରାଇଭର ଓ ହେଲପରଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅଞ୍ଚଳର ହେଲପର ରମେଶ ବେହେରାକୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ ଗୁରୁତର ଆହତ ମୟୁରଭଞ୍ଜ ଜିଲ୍ଲାର ହାମଜା ମୁର୍ମୁକୁ ପ୍ରାଥମିକ ଚିକିତ୍ସା ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ରାସ୍ତା କଡରେ ରହିଥିବା ଅଜଣା ଗାଡ଼ି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଧର୍ମଶାଳା ପୁଲିସ ଉକ୍ତ ଗାଡିକୁ ଠାବ କରିବାକୁ ଉଦ୍ୟମ ଚଳାଇଛି। ଅନ୍ୟପଟେ ଏସମ୍ପର୍କରେ ଏକମାମଲ ରୁଜୁ କରି ଦୁର୍ଘଟଣା ଗ୍ରସ୍ତ ଅଇଚର ଗାଡିକୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି।

## ଗଣେଶ ପୂଜା ମଣ୍ଡପ ବୁଲିଲେ ବିଧାୟକ



**ଧର୍ମଶାଳା, ୩୧।୮ (ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ବିଘ୍ନରାଜଙ୍କ ମଣ୍ଡପକୁ ବିଧାୟକ ହିମାଂଶୁ ଶେଖର ସାହୁ ବୁଲି ଦେଖିବା ସହ ମଣ୍ଡପରେ ପୂଜା ପାଉଥିବା ଠାକୁରଙ୍କ ଦର୍ଶନ କରି ଆଶିଷଲାଭ କରିଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ, ଛକ ଓ ବଜାର ଗୁଡିକରେ ପୂଜା ଖୁବ ଧୁମଧାମରେ ପାଳନ କରାଯାଉଛି। ବିଭିନ୍ନ ମଣ୍ଡପ ସମ୍ମୁଖରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଅଞ୍ଚଳକୁ ରଙ୍ଗିନ ଆଲୋକମାଳାରେ ସଜାଇ ଦିଆଯାଇଛି। ଅନେକ ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ଓ ମେଲୋଡ଼ି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକେ ଭରପୁର ଉପଭୋଗ କରୁଥିବା ଦେଖିବାକୁ ମିଳିଛି।

### ବ୍ୟାସନଗର ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ

# ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

**ବ୍ୟାସନଗର, ୩୧।୮ (ସମିସ)**

ଯାଜପୁର ଜିଲ୍ଲା ବ୍ୟାସନଗର ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ ଏବଂ ୪୧ତମ ବାର୍ଷିକ ପ୍ରତିଭା ପୂଜା ପାଳିତ ହୋଇଯାଇଛି। ଏନେଇ ପୌରପରିଷଦ ପକ୍ଷରୁ କାର୍ଯ୍ୟାଳୟ ପରସରକୁ ଫୁଲ ମାଧ୍ୟମରେ ସୁସଜ୍ଜିତ କରାଯାଇଥିଲା ବେଳେ ରବିବାର ସକାଳ ୫ ଘଟିକା ସମୟରେ ରାମଧୂନ ଗାନ କରାଯିବା ସହିତ କାର୍ଯ୍ୟାଳୟ ପରିସର ମଧ୍ୟରେ ରହିଥିବା ମହାପୁରୁଷ ଏବଂ ବ୍ୟାସନଗର ସହର ଯାହାଙ୍କ ନାମରେ ନାମିତ ମହାମୁନି ବ୍ୟାସଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସକାଳ ୭ ଘଟିକା ସମୟରେ ପ୍ରଭାତ ଫେରି କାର୍ଯ୍ୟକ୍ରମ କରାଯିବା ପରେ ୮.୩୦ ମିନିଟ ସମୟରେ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରିଥିଲେ। ତେବେ ଦୀର୍ଘ ଦିନ ହେବ ଟେଣ୍ଡରକୁ ନେଇ ଲାଗିରହିଥିବା ଛକାପଞ୍ଝା ଏବଂ ରାଜନୈତିକ ଚାପରେ ଚଳିତବର୍ଷର ସ୍ୱାୟତ୍ତ ଶାସନ ଦିବସ ଏକ ପ୍ରକାର ଫିକା ପଡ଼ିଯାଇଛି। ଯାହାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଏବଂ ନିର୍ଦ୍ଦେଶନାରେ ଏହି କାର୍ଯ୍ୟକ୍ରମ ସୁରୁଖୁରୁରେ ଏବଂ ସୁଚାରୁରୂପେ ସମ୍ପାଦିତ ହେବାର ରହିଥିଲା ସେ ବ୍ୟାସନଗର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ସକାଳର ସମସ୍ତ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ସହିତ ଏନେଇ ନିଜ କାର୍ଯ୍ୟ ବ୍ୟସ୍ତତା ଥିବା ଦର୍ଶାଇବାରୁ କାର୍ଯ୍ୟକ୍ରମ ପାଣିଚିଆ ହୋଇଯାଇଥିଲା। ତେବେ ତାଙ୍କର ଅପରିପକ୍ୱ ମନୋଭାବ ପୋଷଣ ଏବଂ ସମସ୍ତଙ୍କୁ ନେଇ ଚାଲିବା ପ୍ରତି ଅନାଗ୍ରହ ଯୋଗୁଁ ରବିବାର ସକାଳର ସମସ୍ତ କାର୍ଯ୍ୟକ୍ରମରେ ଅନେକ ପାରିଷଦ ଅନୁପସ୍ଥିତି ରହିବା ସହିତ ନିଜେ ଅଧିକାରୀ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରୁ ନିଜକୁ ବିରତ ରଖିଥିଲେ। ତେବେ ଦୁର୍ଭାଗ୍ୟଜନକ ଭାବେ ଅଧିକାରୀ ପତାକା ଉତ୍ତୋଳନର କିଛି କ୍ଷଣ ପରେ ପହଞ୍ଚି ନିଜ କାର୍ଯ୍ୟବ୍ୟସ୍ତତା ଜଣାଇବା ପରେ ତାଙ୍କର ଏଭଳି କାର୍ଯ୍ୟକୁ ପାରିଷଦବର୍ଗଙ୍କ ସମେତ ସହରର ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ତେବେ ସକାଳର ଘଟଣାରୁ ଅଧିକାରୀ କିଛି ଶିକ୍ଷା ଲାଭ କରିଥିବା ମନେ ହେଲାନାହିଁ। କାରଣ ପୌରପରିଷଦ ପକ୍ଷରୁ ନିଜେ ନିର୍ବାହୀ ଅଧିକାରୀ ଦେଇଥିବା ଚିଠି ଆଧାରରେ ସନ୍ଧ୍ୟାରେ ସଂସ୍କୃତି ଭବନରେ ଅନୁଷ୍ଠିତ ପ୍ରତିଭା ପୂଜା କାର୍ଯ୍ୟକ୍ରମରେ ମଧ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଅନୁପସ୍ଥିତ ରହିବା ଅନେକାଂଶରେ ସହରବାସୀଙ୍କ ମନରେ ଧାରଣା ସୃଷ୍ଟି କରିଛି କି ନିର୍ବାହୀ ଅଧିକାରୀ କ'ଣ ଚାହୁଁଛନ୍ତି। ସହରର ମାନ ସମ୍ମାନ, ବିକାଶ ଆଦି ଦିଗରେ ତାଙ୍କର ନିଘା ଅଛି ତ ଏନେଇ ସହରର ବୁଦ୍ଧିଜୀବୀମାନେ ପ୍ରଶ୍ନ କରୁଥିବା ବେଳେ ଏବେ ଅନ୍ୟମାନେ ମଧ୍ୟ ସମାନ ପ୍ରଶ୍ନ ଦୋହରାଇଛନ୍ତି। ତେବେ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ କାହିଁକି ପୌର କାର୍ଯ୍ୟରେ ଏଭଳି ଅବହେଳା କରୁଛନ୍ତି ତାହାର ତଦନ୍ତ ହେବା ଜରୁରୀ ହୋଇପଡ଼ିଛି। ଯେତେବେଳେ ବ୍ୟାସନଗର ସହର ସ୍ୱାୟତ୍ତ ଶାସନ ଦିବସ ପାଳନ କରୁଛି ସେ ସମୟରେ ଅଧିକାରୀ କାହା ଚାପରେ ଏଭଳି ନିଷ୍ପତ୍ତି ନେଉଛନ୍ତି। ତେବେ ଏହାରି ମଧ୍ୟରେ ସନ୍ଧ୍ୟାରେ ସଂସ୍କୃତି ଭବନ ପରିସରରେ ପ୍ରତିଭା ପୂଜା କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶିବ ଚରଣ ମାଝୀ, ଅନ୍ୟତମ ଅତିଥି ଭାବେ କାଉନସିଲର ଶିବାନନ୍ଦ ନାୟକ, ପାର୍ଥସାରଥୀ ନାୟକ, ଦିଲ୍ଲିପ ସେଠୀ, ସନ୍ତୋଷ ବରାଳ, ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସାପଗଡ଼ିଆ ୟୁଜିସି ସ୍କୁଲର ପ୍ରଧାନଶିକ୍ଷକ ରଞ୍ଜିତ କୁମାର ମହାପାତ୍ର ଉତ୍ସବର ସଞ୍ଚାଳନ କରିବା ସହିତ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶେଷରେ ପୌର ପରିଷଦ ପକ୍ଷରୁ ଅନୁଷ୍ଠିତ ପ୍ରତିଭା ପୂଜା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସାବିତ୍ରୀ ସାହୁ, ସ୍ୱର୍ଣ୍ଣଲତା ସାହୁ, ଶାନ୍ତିଲତା ବେହେରା, ଭାନୁମତୀ ସାହୁ, ସୁପ୍ରଭା ସେଠୀ, ସସ୍ମିତା ଦାସ, ପ୍ରଭାତୀ ମିଶ୍ର, ଶିକ୍ଷକ ମଧୁସୂଦନ ଜେନା, ପୌର କର୍ମଚାରୀ ରତ୍ନାକର ରାଉତ, ସୁଶାନ୍ତ କୁମାର ରାଉତ, ଅର୍ଜୁନ ମୁଖୀ, ଶୁଭଶ୍ରୀ ସାମଲ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥିମାନେ ଉପଢୌକନ, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ।

**ଯୋଗଦେଲେନି ୧୫ରୁ ଊର୍ଦ୍ଧ୍ୱ ପାରିଷଦ**



### ସେତୁ ଉପରୁ ତଳକୁ ଖସି ଯୁବତୀ ଗୁରୁତର

## କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

**ବାଲିଚନ୍ଦ୍ରପୁର, ୩୧।୮ (ସମିସ):** ଏକ ସେତୁ ଉପରୁ ଜଣେ ଯୁବତୀ ତଳକୁ ଖସି ପଡ଼ି ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଅଞ୍ଚଳର ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଏଭଳି ଘଟଣା ଆଜି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ଗ୍ରାମର ଦଳେଇ ସାହିରେ ଘଟିଥିବା ଦେଖିବାକୁ ମିଳିଥିଲା। ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ଦଳେଇ ସାହିର ଭଜମନ ଦେହୁରୀଙ୍କ ଝିଅ ପୂର୍ଣ୍ଣିମା ଦଳେଇ (୨୦) ଆଜି ସକାଳେ ସାଇକଲ ଯୋଗେ ୫୩ ନମ୍ବର ଜାତୀୟ ରାଜପଥ ଦେଇ ଶିବ ମନ୍ଦିର ଦର୍ଶନ ପାଇଁ ଯାଉଥିଲେ। ଏହି ସମୟରେ ଦୁଇଟି ମାଲ ବୋଝେଇ ଟ୍ରକ୍ ଆସୁଥିବା ଦେଖି ପୂର୍ଣ୍ଣିମା ସେତୁର ଫୁଟପାଥ ନିକଟକୁ ଚାଲି ଆସିଥିଲେ। ତେବେ ସେହି ଫୁଟପାଥରେ ସ୍ଲାପ ନଥିବାରୁ ପୂର୍ଣ୍ଣିମା ସେଠାରୁ ବ୍ରିଜର ୨୦ ଫୁଟ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ପୂର୍ଣ୍ଣିମାର ଅଣ୍ଟାରେ ଗୁରୁତର ଆଘାତ ଲାଗିବା ସହିତ ସେ ସଂଜ୍ଞାହୀନ ଅବସ୍ଥାରେ ପଡ଼ି ରହିଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଏପର୍ଯ୍ୟନ୍ତ ପୂର୍ଣ୍ଣିମାଙ୍କର ଚେତା ଫେରି ନଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ଦୁର୍ଘଟଣା ପାଇଁ ଜାତୟ ରାଜପଥ ନିର୍ମାଣକାରୀ ସଂସ୍ଥାକୁ ଦାୟୀ କରି ଦଳେଇ ସାହିର ବାସିନ୍ଦା ମାନେ ଆଜି ସନ୍ଧ୍ୟାରେ ଦୀର୍ଘ ସମୟ ଧରି ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖବର ପାଇ ବାଲିଚନ୍ଦ୍ରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ତେବେ ଭଜମନ ଦଳେଇ ଜଣେ ଗରିବ ଲୋକ ହୋଇଥିବାରୁ ଝିଅର ଚିକିତ୍ସା ପାଇଁ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ଆବଶ୍ୟକ ଅର୍ଥ ଦେବା ପାଇଁ ଦଳେଇ ସାହି ବାସିନ୍ଦା ଦାବି କରିଛନ୍ତ। ନଚେତ ସେମାନେ ଆସନ୍ତାକାଲି ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଖରସ୍ରୋତା ନଦୀରୁ ଶବ ଉଦ୍ଧାର

ରସୁଲପୁର, ୩୧।୮ (ସମିସ): କୁଆଖିଆ ଥାନ ଆନ୍ତର୍ଗତ ଗନ୍ଧଣ ପଞ୍ଚାୟତ ପାରିକଇଁଚି ନିକଟରେ ରବିବାର ଅପରାହ୍ନରେ ଖରସ୍ରୋତା ନଦୀରେ ଏକ ଅଚିହ୍ନା ଶବ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅଞ୍ଚଳର ଲୋକମାନେ ଶାବକୁ ଦେଖି କୁଆଖିଆ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ପକ୍ଷରୁ ଏକ ଦଳ ରସୁଲପୁର ଦମକଳ ବାହିନୀ ସହାୟତାରେ ଘଟଣା ସ୍ଥଳରେ ପହଞ୍ଚି ଶାବକୁ ଉଦ୍ଧାର କରିଥ। ଉଦ୍ଧାର ହୋଇଥିବା ଶବ ଏକ ଯୁବକ ର ବୋଲି ଜଣାପଡ଼ିଥିଲା। ଯାହାର ବୟସ ୩୦ ରୁ ୩୫ ବୟସ ହେବ ବୋଲି ଜଣାପଡ଼ିଛି। ଉଦ୍ଧାର ମୃତ ଦେହକୁ ଆମ୍ବୁଲାନ୍ସ ସହାୟତାରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ। ସେଠାରେ ଶବକୁ ଚିହ୍ନଟ କରିବା ପାଇଁ ୭୨ ଘଣ୍ଟା ସଂରକ୍ଷିତ ରଖାଯିବ ବୋଲି ଜଣାଯାଇଛି।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଦାନଗଦି, ୩୧।୮ (ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ କୁମ୍ଭୀରିଗଡ଼ିଆ ଗାଁର ଆଜି ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତ ଯୁବକ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ କୁମ୍ଭୀରିଗାଡ଼ିଆ ଗାଁର ଗଜେନ୍ଦ୍ର ମଲିକଙ୍କ ପୁଅ ମନୋଜ (୨୮)। ଆଜି ସକାଳେ ମନୋଜ ଶୌଚ ପାଇଁ ଯାଇଥିବା ବେଳ ସେ ଅସୁସ୍ଥ ହୋଇ ପଡ଼ିଥିଲା। ତୁରନ୍ତ ତାଙ୍କୁ ଯାଜପୁରରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଲିସ କେସ ନଂ ୩୯/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅପରପକ୍ଷରେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେଉ ନ ଥିଲେ ମଧ ଶୌଚ ସମୟରେ କୌଣସି ଜନ୍ତୁ କାମୁଡିଛି ନାଁ ଅନ୍ୟ କିଛି କାରଣ ରହିଛି ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

## ଚୋରା ଦେଶୀ ମଦ ଜବତ; ଜଣେ ଗିରଫ

ସୁକିନ୍ଦା, ୩୧।୮ (ସମିସ): କାଳିଆପାଣି ଥାନା ପୁଲିସ ଭାଲୁକିପାତଳା ଗ୍ରାମରୁ ଚୋରା ଦେଶି ମଦ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଗୋଲେଖ ବାରିକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ଭାଲୁକିପାତଳା ଗ୍ରାମରେ ଚୋରା ଦେଶୀ ମଦ କାରବାର ହେଉଥିବା ଖବର ପାଇ ପୋଲିସ ଅତର୍କିତ ଚଢ଼ଉ କରି ଗୋଲେଖ ବାରିକଙ୍କ ଠାରୁ ଚୋରା ଦେଶୀ ମଦ ଜବତ କରିବା ସହ ୧୦୦/୨୦୨୫ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘର ବୈଠକ

**ଧର୍ମଶାଳା, ୩୧।୮ (ସମିସ):** ଧର୍ମଶାଳା ବ୍ଲକ ଦେଉଳୀ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଭିଭାବକ ମାନଙ୍କୁ ନେଇ ଏକ ବୈଠକ ଦେଉଳୀ ସ୍ଥିତ ମା' ଶାରଳାଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟ ଶୃଙ୍ଖଳା, ନିୟମିତ ଭାବରେ ଶିକ୍ଷକ ମାନେ ପାଠ ପଢ଼ାଇବା, ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଖା ପାଖି ସମୟରେ ପ୍ରକଳ୍ପ କାର୍ଯ୍ୟ ନଦେବା, ଅଭିଭାବକ ମାନଙ୍କୁ ଉତ୍ତମ ବ୍ୟବହାର କରିବା, ନିୟମିତ ଅଭିଭାବକ ଓ ଶିକ୍ଷକ ବୈଠକ, ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ ପରୀକ୍ଷା ଖାତା ଯାଞ୍ଚ କରିବା, ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ସମସ୍ୟା ବୁଝି ଗୁରୁତ୍ୱର ସହିତ ସମାଧାନ କରିବା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସମସ୍ତ ଅଭିଭାବକମାନଙ୍କୁ ଯୋଡିକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆଗାମୀ ବୈଠକ ପରେ ସମସ୍ତ ପ୍ରସ୍ତାବକୁ ନେଇ ଅଭିଭାବକ ମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯିବ। ଏହି ବୈଠକରେ ଆର୍ତ୍ତବନ୍ଧୁ ଖିଲାର, ସୁଧାକର ସେଠୀ, କେଶବ ଚନ୍ଦ୍ର ଖିଲାର, ସତ୍ୟନାରାୟଣ ମଲ୍ଲିକ, ପ୍ରତାପ କୁମାର ପ୍ରଧାନ, ପ୍ରଦୀପ କୁମାର ସେଠୀ, ସଂଗ୍ରାମ କେଶରୀ ପାଳ, ବିରୁପାକ୍ଷ କର, ପ୍ରବୋଧ କୁମାର ପାତ୍ର, ଜଗଦୀଶ ବରାଳ, ଅକ୍ଷୟ କୁମାର ବାରିକ, ପ୍ରଦୀପ ଚନ୍ଦ୍ର ସାହୁ, ସିଲା ପ୍ରଭା ସାହୁ, ସୁଶାନ୍ତ କୁମାର ବେହେରା, ଲମ୍ବୋଦର ନାୟକ, ଦୀପକ କୁମାର ମହାନ୍ତି, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଅଭିଭାବକ ଉପସ୍ଥିତ ଥିଲେ।

## ବିଦ୍ୟୁତ ଆଘାତରେ ମହିଳା ଗୁରୁତର

**ସୁକିନ୍ଦା, ୩୧।୮ (ସମିସ):** ସୁକିନ୍ଦା ଖଣି ଅଞ୍ଚଳ ସ୍ଥିତ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଅଧୀନସ୍ଥ ଖରଖରି ଗ୍ରାମ ନରୋତ୍ତମ ମହାନ୍ତଙ୍କ ପତ୍ନୀ ପାନ ମହାନ୍ତ (୫୨) ବିଦ୍ୟୁତ ଆଘାତରେ ଗୁରୁତର ଆହତ ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ପାନ ମହାନ୍ତ ରବିବାର ଘର ଝାଡୁ କରୁଥିବା ସମୟରେ ଟେବୁଲ୍ ଫ୍ୟାନରେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ପରିବାର ଲୋକେ ପାନକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ଜାରି ରହିଛି।

## ଗଣେଶ ଭସାଣ ଶୋଭାଯାତ୍ରା ବେଳେ ଗଣ୍ଡଗୋଳ; ୩ ଗିରଫ

**ରସୁଲପୁର, ୩୧।୮ (ସମିସ):** କୁଆଖିଆ ଥାନା ଆନ୍ତର୍ଗତ ପ୍ରଥମାଖଣ୍ଡ ପଞ୍ଚାୟତ ଗୋପାଳପୁର ଗାଁରେ ୨୯ ତାରିଖ ରାତିରେ ଗଣେଶ ଭସାଣି ଉତ୍ସବ ଚାଲୁଥିବା ସମୟରେ ଲିଲି ଦାସଙ୍କ ସ୍ୱାମୀ ବିଶୁ ସୁରକୁ ସେହି ଗ୍ରାମର କାହ୍ନୁ ସାହୁ (୩୪), କୁଲୁ ଓରଫ ଚନ୍ଦନ ସାହୁ (୨୫), ନିଲୁଆ ଓରଫ ସନ୍ତୋଷ ସାହୁ (୨୪) ଓ ସାଥୀ ମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଉକ୍ତ ଗଣ୍ଡଗୋଳରେ ବିଶୁ ଗୁରୁତର ଭାବରେ ଆହାତ ହୋଇଥିଲେ। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ସେ ଡାକ୍ତର ଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ଲିଲି କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୁଲିସ ୩ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ପୁଲିସ ଏସ୍ଆଇ ଜ୍ୟୋତି ରଞ୍ଜନ ମହାପାତ୍ର ମାମଲାର ତଦନ୍ତ କରୁଥିବାବେଳେ ଉକ୍ତ ଅଭିଯୋଗକୁ ନେଇ ଥାନାରେ କେଶ୍ ନମ୍ବର ୩୩୯/୨୫ରେ ଏକ ମାମଲା ରୁଜୁ କରାଯାଇଛି।

## କବିତା ସଙ୍କଳନ 'ବିମୁଗ୍ଧ ଝଙ୍କାର' ଉନ୍ମୋଚିତ




**ଦଶରଥପୁର, ୩୧।୮ (ସମିସ)**

ମଙ୍ଗଳପୁର ସ୍ଥିତ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ କାନ୍ତି ଓ କ୍ରାନ୍ତି ସାହିତ୍ୟ ସାଂସ୍କୃତି ପରିଷଦ ପକ୍ଷରୁ ମିନାକ୍ଷୀ ମିଶ୍ରଙ୍କର କବିତା ସଙ୍କଳନ 'ବିମୁଗ୍ଧ ଝଙ୍କାର' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାପକ ଡ. ବିଜୟ କିଶୋର ସାମଲ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ବିଦ୍ୟୁତ୍‌ଲତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରଷ୍କୃତ ପ୍ରାପ୍ତ ସାହିତ୍ୟିକ ଡ.ରାଜକିଶୋର ପାଢ଼ୀ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବରେ ଧର୍ମଶାଳା ସାହିତ୍ୟ ସଂସଦ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଦାମୋଦର ବେହେରାଙ୍କ ଦ୍ୱାରା ଏହି ପୁସ୍ତକ ସମୀକ୍ଷା କରାଯାଇଥିଲା। ଏହି ଅବସରରେ କବି ଶିଶିର କୁମାର ପଣ୍ଡା ସାହିତ୍ୟିକ କ୍ଷେତ୍ରବାସୀ ରଣାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ଷା ବରଣ କବିତା ଆସରରେ ୬୦ ଜଣରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତା ଆସରକୁ କବି ପ୍ରଭାତ ମଲିକ, ଜିତେନ୍ଦ୍ର ବେହେରା ଓ ସରସ୍ୱତୀ ପଣ୍ଡା ସଂଯୋଜନା କରିଥିଲେ। ସମ୍ପାଦକ ପ୍ରଧ୍ୟାପକ ଡ. ବିନୋଦ କୁମାର ମଲିକଙ୍କ ଦ୍ୱାରା ବିବରଣୀ ପାଠ କରାଯାଇଥିଲା। ଉପସଭାପତି ହରଶ ପଣ୍ଡାଙ୍କ ଦ୍ୱାରା ମନ୍ତ୍ରପାଠ କରାଯାଇଥିଲା। ସହ ସମ୍ପାଦକ ଜ୍ଞାନ ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ଅଭୟ କୁମାର କର, ପ୍ରଦୀପ କୁମାର ମଲିକ କବିତା ପଞ୍ଜୀକରଣ କରିଥିଲେ। ରଞ୍ଜନ କୁମାର ପଣ୍ଡା, ଡା ବିଜୟ ମୋହନ ରାୟ, ସୁବ୍ରତ ମଲ୍ଲିକ, ନିହାର ରଞ୍ଜନ ସାମଲ, ଦଶରଥ ଦାସ ଆନ୍ତରିକ ସହଯୋଗ କରିଥିଲେ।


## ଯାଜପୁର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ



**ଯାଜପୁର, ୩୧।୮ (ସମିସ):** ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଯାଜପୁର ପୌର ପରିଷଦ ଆନୁକୂଲ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଅଛି। ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା ଯୋଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ସ୍ୱଚ୍ଛ ଓ ପରିମଳ ଯାଜପୁର ଗଠନ ଦିଗରେ ସମସ୍ତଙ୍କ ସହଭାଗିତା କାମନା କରିଥିଲେ। ଉକ୍ତ ସଭାରେ ଯୋଗଦେଇ ଜିଲ୍ଲାପାଳ ଅମ୍ବର କୁମାର କର ଯାଜପୁର ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଯାଜପୁର ପୌର ପରିଷଦର ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ବିଷୟରେ ବର୍ଣ୍ଣନା କରିଥିଲେ। ଯାଜପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ ଯୋଗଦେଇ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ସକାଳ ୫.୦୦ ଘଟିକା ସମୟରେ ରାମଧୁନ ପରିବେଷଣ ପରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୌର ପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧ୍ୟକ୍ଷାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ବୃକ୍ଷରୋପଣ ଓ ସଫେଇ କର୍ମଚାରୀମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ଶେଷରେ ହିତାଧିକାରୀଙ୍କୁ ଅତିଥି ମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଉକ୍ତ ସଭାରେ ପୌର ପରିଷଦର ସମସ୍ତ ପାରିଷଦ ବର୍ଗ, ସହରର ବୁଦ୍ଧଜୀବୀ, ଆଇନଜୀବୀ, ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଜୀବଜନ୍ତୁମାନଙ୍କ ପ୍ରତି ଜନତାଙ୍କ ଦୃଷ୍ଟିକୋଣରୁ ଗୋଟିଏ ଦେଶର ମହାନତାର ପରିଚୟ ମିଳିପାରିବ।
-ମହାତ୍ମା ଗାନ୍ଧୀ

## ବିପଦରେ ମହେନ୍ଦ୍ରଗିରି

ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ ଓ ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି। ସଂରକ୍ଷିତ ଜୈବମଣ୍ଡଳ ମାନ୍ୟତା ମିଳିଲେ ଏହି ଅଞ୍ଚଳର ଜୈବବିବିଧତା, ଐତିହ୍ୟ, କୀର୍ତ୍ତିରାଜୀ, ମୌଳିକ ସଂସ୍କୃତିର ସୁରକ୍ଷା ହୋଇପାରିବ। ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି, ଯାହାଫଳରେ ଏହାର ଜୈବବିବିଧତା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ ମହେନ୍ଦ୍ରଗିରିରେ ପୁରାଣ ପ୍ରସିଦ୍ଧ ପର୍ଶୁରାମ ମନ୍ଦିରକୁ ଭାଙ୍ଗି ଏକ ଭବ୍ୟମନ୍ଦିର ନିର୍ମାଣ କରିବା ଲାଗି ଯୋଜନା ଚୂଡ଼ାନ୍ତ ହୋଇ ପ୍ରସ୍ତୁତି ଆରମ୍ଭ ହୋଇଛି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ସ୍ଥାନକୁ ଚିହ୍ନଟ କରାଯାଇଛି। ଆହୁରି ଉଦ୍‌ବେଗଜନକ ସୂଚନା ହେଲା ମହେନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିକୁ ଏହି ପ୍ରକଳ୍ପ ଲାଗି କିସମ ପରିବର୍ତ୍ତନ କରାଯାଇ ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଯଦି ଏହି ସୂଚନା ସତ ହୋଇଥାଏ ତେବେ ମହେନ୍ଦ୍ରଗିରି ପାଇଁ ସାଂଘାତିକ ସାବ୍ୟସ୍ତ ହେବ। ପେସା ଆଇନ ଅନୁଯାୟୀ ପଲ୍ଲୀସଭା କିମ୍ବା ଗ୍ରାମସଭାର ବିନା ଅନୁମୋଦନରେ କୌଣସି ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ। ଜଙ୍ଗଲ ଅଧିକାର ଆଇନ-୨୦୦୬ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। କିନ୍ତୁ କିସମ ପରିବର୍ତ୍ତନ ବେଳେ ଗ୍ରାମସଭାକୁ ଅନ୍ଧାରରେ ରଖାଯାଇଥିବାର ଅଭିଯୋଗ ହୋଇଛି।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ରାମାୟଣ ଚକ୍ରାକାର ଭ୍ରମଣ ମାର୍ଗରେ ଚିହ୍ନିତ ହୋଇଥିବା ୧୫ଟି ତୀର୍ଥ ସ୍ଥାନ ମଧ୍ୟରେ ମହେନ୍ଦ୍ରଗିରିକୁ ସ୍ଥାନିତ କରିଛନ୍ତି। ଏହିକ୍ରମରେ ସେଠାରେ ପର୍ଯ୍ୟଟନଶିଳ୍ପର ବ୍ୟାପକ ବିକାଶ ପାଇଁ ବହୁମୁଖୀ ଯୋଜନା ହାତକୁ ନିଆଯାଇଛି। ଭାରତର ପର୍ଯ୍ୟଟନ ଶିଳ୍ପରେ ଓଡ଼ିଶାର ଆଉ ଏକ ଐତିହ୍ୟ ସ୍ଥାନ ପାଇବା ଗୌରବର ବିଷୟ। କିନ୍ତୁ ଅର୍ଥନୀତି ପାଇଁ ପରିବେଶକୁ ଯଦି ବଳି ପକାଯାଏ ତେବେ ପରିସ୍ଥିତି କ'ଣ ହେବ ତାହା କେରଳର ୱାଇନାଡ଼ ଏବଂ ଉତ୍ତରାଖଣ୍ଡର ଉତ୍ତରକାଶୀ, ଯୋଶୀମଠ, କେଦାରନାଥ ପାର୍ବାତ୍ୟାଞ୍ଚଳର ଦୁର୍ବିପାକ ଆମକୁ ବାରମ୍ବାର ଚେତାଇ ଦେଇଛି।

ଜୈବବିବିଧତା ଆଇନ ୨୦୦୨ର ଧାରା ୩୭ ଅନୁସାରେ ରାଜ୍ୟ ସରକାର ୨୦୨୨ ମସିହା ନଭେମ୍ବର ମାସରେ ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଅର୍ଥାତ୍ ମହେନ୍ଦ୍ରଗିରିର ପାରିବେଶିକ ପରିସଂସ୍ଥା ଯେ ବିପଦାପନ୍ନ ତାହା ପରୋକ୍ଷରେ ସ୍ୱୀକାର କରାଯାଇଛି। ଅପରପକ୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏବେ ସେଠାରେ ଅନେକ କୁଟୀର, ଶିବିର, ଆଶ୍ରୟସ୍ଥଳ ନିର୍ମାଣ ହୋଇସାରିଲାଣି। ପ୍ରାକୃତିକ ଜଙ୍ଗଲ ଅପସାରଣ, କାଠ ଚୋରାଚାଲାଣ, ମାତ୍ରାଧିକ ଲଘୁ ବନ ସମ୍ପଦ ସଂଗ୍ରହ, ପଥର କଟା ଆଦି କାରଣରୁ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳରେ ମୃତ୍ତିକା କ୍ଷରଣ ସହିତ ପ୍ରାକୃତିକ ପରିବେଶର ଅବକ୍ଷୟ କ୍ଷିପ୍ର ହେଉଛି। ମହେନ୍ଦ୍ରତନୟା ନଦୀ ଓ ଏକାଧିକ ଝରଣାର ଜଳଧାର ଶୁଖିଯିବା ସହିତ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା ଭୂବିଜ୍ଞାନୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଅବସ୍ଥା ଏପରି ହେଲାଣି ଯେ ଯେଉଁ ଅଞ୍ଚଳ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଏକ ବିକ୍ଷିପ୍ତ ଅଞ୍ଚଳକୁ ଜଳ ଯୋଗାଇ ଆସୁଥିଲା ସେହି ଅଞ୍ଚଳର ଅଧିବାସୀ ଏବେ ପିଇବା ପାଣି ସଂଗ୍ରହ କରିବା ପାଇଁ କୋଶକୋଶ ବାଟ ଚାଲିବାକୁ ପଡୁଛି। ତିତିଲି ଏବଂ ପରବର୍ତ୍ତୀ ସମୟରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ଏହାର ପ୍ରାକୃତିକ ପରିବେଶକୁ ବହୁଗୁଣରେ ବିନିଷ୍ଟ କରିଚାଲିଛି।

ପରିବେଶବିତ୍ ଓ ପାଣିପାଗ ବିଶେଷଜ୍ଞମାନଙ୍କ ମତରେ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜଳବାୟୁ ନିୟନ୍ତ୍ରଣରେ ମହେନ୍ଦ୍ରଗିରି ପର୍ବତମାଳାର ବଳିଷ୍ଠ ଭୂମିକା ଥିଲେ ହେଁ ଏହା ସରକାରୀ ସ୍ତରରେ ସେଭଳି ଗୁରୁତ୍ୱ ପାଇନାହିଁ। ଏହି ପୃଷ୍ଠଭୂମିରେ ଯଦି ସେଠାରେ ଭବ୍ୟମନ୍ଦିର ନିର୍ମାଣ ଜରିଆରେ ପରିବେଶ-ପ୍ରତିକୂଳ କାର୍ଯ୍ୟକ୍ରମ ହାତକୁ ନିଆଯିବ ତେବେ ସ୍ଥିତି ଆହୁରି ବିଗିଡ଼ି ଯିବାର ଆଶଙ୍କା ରହିଛି। ମହେନ୍ଦ୍ରଗିରି ପୂର୍ବ-ଘାଟ ପର୍ବତମାଳାର ଅଂଶଭାବେ ଗଣ୍ଡୱାନା ଅଞ୍ଚଳାଧୀନ ଏବଂ ଏହାର ମୃତ୍ତିକା ପୃଥିବୀର ସର୍ବ ପୁରାତନ ମୃତ୍ତିକା ଭାବେ ପ୍ରମାଣିତ। ପରିବେଶବିତ୍‌ମାନଙ୍କର ଆଶଙ୍କା ଅନୁଯାୟୀ, ଯଦି ମହେନ୍ଦ୍ରଗିରିର କେନ୍ଦ୍ରୀୟ ଅଞ୍ଚଳ ପର୍ଯ୍ୟଟନ ଅର୍ଥନୀତିରେ ପ୍ରମୁଖତା ହାସଲ କରେ ତେବେ ଧୀରେଧୀରେ ବାହ୍ୟ ତତ୍ତ୍ୱର ଅନୁପ୍ରବେଶ ଘଟିବ। ହିମାଳୟ ପାର୍ବତ୍ୟାଞ୍ଚଳ ଅନୁରୂପ ବିଭିନ୍ନ ବହୁଦେଶୀୟ ଓ ଦେଶୀୟ ଔଷଧ କମ୍ପାନୀ, ସୌଖୀନ କାଠ ଓ ଖେଳନା କମ୍ପାନୀର ପଞ୍ଝାକୁ ଧୀରେ ଧୀରେ ମହେନ୍ଦ୍ରଗିରିର ଦୁର୍ଲ୍ଲଭ ଜୈବବିବିଧତା ଚାଲିଯିବ। ପରିଶେଷରେ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ଜନ୍ମ ନେବ। କିନ୍ତୁ ସେଥିପାଇଁ ଜନସଚେତନତା ସୃଷ୍ଟି, ଏକତା ଓ ସ୍ୱର ଉତ୍ତୋଳନ ପୂର୍ବରୁ କେତେବେଳେ ଯେ ପ୍ରତିପତ୍ତିଶାଳୀ ଶିଳ୍ପୋଦ୍ୟୋଗୀଙ୍କ ହାତକୁ ଓଡ଼ିଶାର ଏହି ବିଶ୍ୱପ୍ରସିଦ୍ଧ ବିରଳ ଜୈବମଣ୍ଡଳ ଚାଲି ନ ଯିବ କିଏ କହିବ?

ଆମ ମତରେ ପର୍ଯ୍ୟଟନ ଶିଳ୍ପ ସ୍ୱାଗତଯୋଗ୍ୟ। କିନ୍ତୁ ତା'ପାଇଁ ଜୈବବିବିଧତାର ମୌଳିକତା କୌଣସି ମୂଲ୍ୟରେ କ୍ଷୁଣ୍ଣ ହେବା ଅନୁଚିତ। ଏଥିସହିତ ଐତିହ୍ୟର ପ୍ରାଚୀନତା ମଧ୍ୟ ଅକ୍ଷୁଣ୍ଣ ରହିବା ବିଧେୟ। ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ଏଦିଗରେ ପରିବେଶ କର୍ମୀ ଓ ସ୍ଥାନୀୟ ଅଧିବାସୀ ଜାଗ୍ରତ ହେବା ଆବଶ୍ୟକ। ପ୍ରକଳ୍ପ କାର୍ଯ୍ୟାରମ୍ଭ ପୂର୍ବରୁ ବ୍ୟାପକ ବିଚାରବିମର୍ଶ ହୋଇ ଓଡ଼ିଶାର ବୁଦ୍ଧିଜୀବୀ ଓ ପରିବେଶକର୍ମୀଙ୍କ ମତାମତକୁ ବିଶ୍ୱାସକୁ ନିଆଯିବା ଉଚିତ ହେବ। ଅପରିମାଣଦର୍ଶୀ ନିଷ୍ପତ୍ତି ଯୋଗୁଁ ଯଦି ଐତିହାସିକ ପୌରାଣିକ କୀର୍ତ୍ତିରାଜି ବିମଣ୍ଡିତ ମହେନ୍ଦ୍ରଗିରି ଶ୍ରୀହୀନ ହୋଇପଡ଼େ ତେବେ ଇତିହାସ କ୍ଷମା ଦେବ ନାହିଁ। ଉଜୁଡ଼ିବା ପରେ ହୃତଗୌରବର ପୁନରୁଦ୍ଧାର ପୂର୍ବରୁ ତାହାର ସୁରକ୍ଷା ସର୍ବୋପରି। ଆଶା ଆମ ଶାସନ-ପ୍ରଶାସନ-ସମାଜିକ ବ୍ୟବସ୍ଥାର ସବୁସ୍ତର ଏହାକୁ ଉପଲବ୍ଧି କରି ବିହିତ ପଦକ୍ଷେପ ନେବେ। ●

## ବହି ଧରି ପରୀକ୍ଷା: ଏକ ଅନାବଶ୍ୟକ ପ୍ରୟାସ

**ସତ୍ୟକାମ ମିଶ୍ର**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଚଳିତ ବର୍ଷ ନଭେମ୍ବର ମାସରୁ ୯ମ ଶ୍ରେଣୀରେ ବହି ଧରି ପରୀକ୍ଷା ଦେବା ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ପ୍ରବର୍ତ୍ତନ କରିବାକୁ ଘୋଷଣା କରିଛନ୍ତି। ୨୦୧୪ ମସିହାରେ ପରିଷଦ ଅନୁରୂପ ପଦକ୍ଷେପ ନେଇଥିଲେ। କିନ୍ତୁ ଶିକ୍ଷାଦାନ ଓ ଅଧ୍ୟୟନ କ୍ଷେତ୍ରରେ ଏହି ବ୍ୟବସ୍ଥାର କୌଣସି ସକାରାତ୍ମକ ପ୍ରଭାବ ଅନୁଭୂତ ନହେବା କାରଣରୁ ତାହାକୁ ବାତିଲ କରି ଦିଆଯାଇଥିଲା। ଅତୀତରେ ଅସଫଳ ହୋଇଥିବା ଏହି ବ୍ୟବସ୍ଥାକୁ ନୂଆ ଶିକ୍ଷାନୀତିର ଦ୍ୱାହି ଦେଇ ପୁନଶ୍ଚ ପ୍ରଚଳନ କରିବା ଉଦ୍ୟମରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଆମେ ଇତିହାସ ଓ ଅନୁଭୂତିରୁ କିଛି ଶିକ୍ଷା ଲାଭ କରୁନାହୁଁ।

ଓଡ଼ିଆରେ ଗୋଟିଏ ରୂଢ଼ି ଅଛି, 'ଖଡ଼ା ବଡ଼ି ଥୋଡ଼ା, ଥୋଡ଼ା ବଡ଼ି ଖଡ଼ା'। ଏହି ଉକ୍ତିର ଅର୍ଥ ହେଲା, କୌଣସି ନବସୃଜନ ପରିବର୍ତ୍ତେ ଗୋଟିଏ ପୁରୁଣା ବା ପ୍ରଚଳିତ ବ୍ୟବସ୍ଥାକୁ ନୂଆ ନାଁ ଦେଇ ଉପସ୍ଥାପନ କରିବା। ମୌଳିକ ଉପାଦାନରେ କୌଣସି ପରିବର୍ତ୍ତନ ନକରି କେବଳ ନୂଆ ଢଙ୍ଗରେ ତା'କୁ ପ୍ରକାଶ କରିବା। ସୀମିତ ଚିନ୍ତନ ଶକ୍ତି ଓ ସ୍ୱଳ୍ପ ଅନୁଭବ ସମ୍ପନ୍ନ ନୀତି ନିର୍ଦ୍ଧାରକମାନେ ନିଜର ଉପସ୍ଥିତି ଜାହିର କରିବା ପାଇଁ ଏଭଳି କାର୍ଯ୍ୟ ମାଧ୍ୟମରେ ଲୋକମାନଙ୍କୁ ପ୍ରତାରିତ କରନ୍ତି। ସଂସ୍କାର ଆଳରେ ସମୟ ପରୀକ୍ଷିତ ବ୍ୟବସ୍ଥାରେ ଅନାବଶ୍ୟକ ପରିବର୍ତ୍ତନ କରି ବ୍ୟବସ୍ଥାର ସନ୍ତୁଳନକୁ ନଷ୍ଟ କରନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପୁସ୍ତକ ଦେଖି ପରୀକ୍ଷା ଦେବା ବ୍ୟବସ୍ଥାର ପୁନଃ ପରୀକ୍ଷଣ ଏହିଭଳି ଏକ ଅବାଞ୍ଛିତ ଉଦ୍ୟମ ଭଳି ପ୍ରତୀୟମାନ ହୁଏ।

ସ୍ୱାଧୀନତା ପରେ ଶିକ୍ଷାବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଭାରତ ସରକାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ତତ୍କାଳୀନ ଅଧ୍ୟକ୍ଷ ଦୌଲତ ସିଂ କୋଠାରୀଙ୍କ ଅଧ୍ୟକ୍ଷତାରେ ୧୯୬୪ ମସିହାରେ ଏକ ଜାତୀୟ ଶିକ୍ଷା ଆୟୋଗ ଗଠନ କରିଥିଲେ, ଯାହାକି 'କୋଠାରୀ କମିସନ' ନାମରେ ଖ୍ୟାତ। ଏହି ଆୟୋଗ ଦେଶରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର ଓ ସମ୍ଭାବନାକୁ ଦୃଷ୍ଟିରେ ରଖି ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଯେଉଁ ଜାତୀୟ ଶିକ୍ଷା ନୀତିଗୁଡ଼ିକ ଅନୁସୃତ ହୋଇଥିଲା ସେ ସମସ୍ତ ନୀତି, ଏପରିକି ୨୦୨୦ର ନୂତନ ଶିକ୍ଷାନୀତି ମଧ୍ୟ କୋଠାରୀ କମିସନଙ୍କ ଅନୁମୋଦନଗୁଡ଼ିକୁ କେବଳ ଭିନ୍ନ ଶବ୍ଦ ଓ ଢଙ୍ଗରେ ପ୍ରକାଶ କରିଛନ୍ତି।

ଶିକ୍ଷା ହେଉଛି ଏକମାତ୍ର କ୍ଷେତ୍ର, ଯେଉଁଠି ନିର୍ବିଚାର ଭାବେ ପରୀକ୍ଷା ନିରୀକ୍ଷା ଚାଲିଥାଏ। ସରକାରୀ ବିଦ୍ୟାଳୟଗୁଡ଼ିକରେ ସବୁପ୍ରକାରର ପ୍ରୟୋଗ କରାଯାଇ ନିରନ୍ତର ଶିକ୍ଷାଦାନରେ ବାଧା ସୃଷ୍ଟି ହୁଏ। ଅପରପକ୍ଷରେ ବିତ୍ତଶାଳୀ ଘରୋଇ ବିଦ୍ୟାଳୟଗୁଡ଼ିକରେ ନିଜସ୍ୱ ଶିକ୍ଷାଦାନ ପ୍ରଣାଳୀ ଅନୁସରଣ କରିବାର ସ୍ୱାଧୀନତା ଥାଏ। ସମାଜର ପରିସ୍ଥିତି, ଲୋକମାନଙ୍କର ଆର୍ଥିକ ଅବସ୍ଥା, ନିଯୁକ୍ତି ବଜାରରେ ମାନବ ସମ୍ବଳର ଚାହିଦା ପ୍ରଭୃତିକୁ ଅଣଦେଖା କରି ଅନ୍ୟ ଦେଶରେ ଅନୁସୃତ ବ୍ୟବସ୍ଥାରେ ଅନୁପ୍ରାଣିତ ହୋଇ ଆମେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରିବା ଫଳରେ ଭୟାନକ ପରିସ୍ଥିତି ଉପୁଜିଥାଏ। ଆମେରିକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରି ଶିକ୍ଷା ଅଧିକାର ଆଇନ୍ କରାଗଲା। ପ୍ରାଥମିକସ୍ତରରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କୁ ମାଧ୍ୟମିକ ପାଠ୍ୟକ୍ରମ ସହିତ ପରିଚିତ କରାଇବା ପାଇଁ ଆଗରୁ ମାଧ୍ୟମିକ ଶିକ୍ଷା ସହିତ ଥିବା ଅଷ୍ଟମ ଶ୍ରେଣୀକୁ ପ୍ରାଥମିକ ସ୍ତରରେ ସାମିଲ କରାଗଲା। ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନେ ସେମାନଙ୍କୁ ପଢ଼ାଇବାର ସୁଯୋଗ ରହିଲାନି। ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ମିଶିଲା; କିନ୍ତୁ ପଢ଼ାଇବା ପାଇଁ ଶିକ୍ଷକ ମିଳିଲେନି। ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ ହୋଇଗଲା। ଫଳସ୍ୱରୂପ ମାଧ୍ୟମିକସ୍ତରରେ ପାଠ୍ୟକ୍ରମ ସହିତ ନିଜକୁ ଖାପଖୁଆଇ ନପାରି ବହୁ ପିଲା ସ୍କୁଲ ଛାଡ଼ୁଛନ୍ତି। ଏବେ ପୁନଶ୍ଚ ୫ମ ଓ ୮ମ ଶ୍ରେଣୀରେ ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ପରୀକ୍ଷାର ରୂପରେଖ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି। ପୁନଶ୍ଚ ନବମ ଶ୍ରେଣୀରେ ବହି ଧରି ପରୀକ୍ଷା ଦେବା କଥା ଉଠିଲାଣି।

ପୁସ୍ତକର ସାହାଯ୍ୟ ନେଇ ପରୀକ୍ଷା ଦେବା ପ୍ରଣାଳୀ ସପକ୍ଷରେ ବିଭିନ୍ନ ଯୁକ୍ତି ଅଛି। ଏଭଳି ବ୍ୟବସ୍ଥା ଯୋଗୁଁ ପିଲାମାନଙ୍କୁ ପ୍ରତ୍ୟେକ ଧାରଣା ଓ ତତ୍ତ୍ୱକୁ ଠିକ୍ ଭାବେ ବୁଝି ହୃଦୟଙ୍ଗମ କରିବାକୁ ପଡ଼ିବ। ପାଠକୁ ଘୋଷି ମନେରଖିବାକୁ ପଡ଼ିବ ନାହିଁ। ଫଳରେ ପରୀକ୍ଷାର ଚାପ ଓ ଭୟ ହ୍ରାସ ପାଇ ସେମାନଙ୍କର ସୃଜନଶୀଳତାର ବିକାଶ ହେବ। ପାଠ୍ୟପୁସ୍ତକରେ ସନ୍ନିବେଶିତ ପ୍ରତ୍ୟେକ ସୂଚନାକୁ ସେମାନେ ମନେରଖିବା ଆବଶ୍ୟକ ହେବ ନାହିଁ। ଏହାବ୍ୟତୀତ ପୁସ୍ତକ ଦେଖି ସୀମିତ ସମୟ ସୀମା ଭିତରେ ଉତ୍ତର ଲେଖିବାର କଳା ବା ସମୟ ପରିଚାଳନା ବିଷୟରେ ସେମାନେ ସଚେତନ ହେବେ। ଏହି ପ୍ରଣାଳୀରେ ପରୀକ୍ଷା କରିବା ଦ୍ୱାରା ସେମାନଙ୍କର ବିଷୟବସ୍ତୁକୁ ବ୍ୟାଖ୍ୟା କରିବା ଶକ୍ତି ତଥା ବୋଧଗମ୍ୟତା, ପ୍ରୟୋଗାତ୍ମକ ଓ ସମସ୍ୟା ସମାଧାନ କରିବା ଦକ୍ଷତାର ବିକାଶ ହେବ। ଏହିଭଳି ବହୁତ ଯୁକ୍ତିର ଆଧାରରେ ଏହି ବ୍ୟବସ୍ଥାର ସମର୍ଥକମାନେ ପରୀକ୍ଷାରେ ପୁସ୍ତକ ବ୍ୟବହାର ପାଇଁ ଅନୁମୋଦନ କରିଥା'ନ୍ତି। ଉଚ୍ଚଶିକ୍ଷା, ବିଶେଷକରି ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ, ଏହା ପ୍ରଚଳନ କରିବା ସହଜ ଓ ବାଞ୍ଛନୀୟ ମଧ୍ୟ। କିନ୍ତୁ ବାସ୍ତବିକ ପରିସ୍ଥିତିକୁ ବିଚାରକୁ ନେଲେ ମାଧ୍ୟମିକ ସ୍ତରରେ ଏହି ପ୍ରଣାଳୀର ସଫଳ ପ୍ରୟୋଗ ସମ୍ଭବ ହେବ ନାହିଁ।

ବିଦ୍ୟାଳୟସ୍ତରରେ ଶିକ୍ଷାଦାନ ଓ ଅଧ୍ୟୟନ ପ୍ରଣାଳୀରେ ଆବଶ୍ୟକୀୟ ପରିବର୍ତ୍ତନ ନକରି ପୁସ୍ତକ ଦେଖି ପରୀକ୍ଷା ଦେବା ବ୍ୟବସ୍ଥା ପ୍ରଚଳନ କରିବା ସମ୍ଭବ ନୁହେଁ। ବିଶେଷକରି ବିଦ୍ୟାଳୟସ୍ତରରେ ପଢ଼ାଯାଉଥିବା ସମସ୍ତ ବିଷୟରେ ଏଭଳି ପରୀକ୍ଷା କରାଯାଇ ପାରିବ ନାହିଁ। ତାହାର କାରଣ ହେଲା ଭାଷା ଓ ସାମାଜିକ ବିଜ୍ଞାନ ଭଳି ବିଷୟରେ ପ୍ରଶ୍ନଗୁଡ଼ିକ ଜ୍ଞାନଭିତ୍ତିକ ହେବା ଆବଶ୍ୟକ। ଏହି ବିଷୟଗୁଡ଼ିକରେ ସଂପୂର୍ଣ୍ଣ ଭାବେ ପ୍ରୟୋଗଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ଏଭଳି ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ହୋଇପାରେ। ଦ୍ୱିତୀୟରେ ଏହିସ୍ତରରେ ଭାଷା ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଏ। ବିଶେଷକରି ମାତୃଭାଷା ଓ ଇଂରାଜୀ ଭାଷାରେ ଦକ୍ଷତା ପିଲାମାନଙ୍କୁ ଉଚ୍ଚଶିକ୍ଷା, ଗବେଷଣା ଓ ଜୀବନବ୍ୟାପୀ ଶିକ୍ଷାଲାଭ କରିବାରେ ସହାୟକ ହୁଏ। ଏ ଭଳି ପରୀକ୍ଷା ଦ୍ୱାରା ମେଧାବୀ ତଥା ସଚେତନ ବିଦ୍ୟାର୍ଥୀମାନଙ୍କ କ୍ଷେତ୍ରରେ ଭାଷା ଜ୍ଞାନ ଆହରଣ କରିବା ପ୍ରଭାବିତ ହୋଇ ନ ପାରେ। କିନ୍ତୁ ସାଧାରଣ ବିଦ୍ୟାର୍ଥୀମାନେ ପୁସ୍ତକ ଉପରେ ନିର୍ଭରଶୀଳ ହୋଇ ଭାଷା ଶିକ୍ଷାକୁ ଅବହେଳା କରିବାର ଆଶଙ୍କା ରହିଛି।

ଏହାବ୍ୟତୀତ ଏଇ ପ୍ରଣାଳୀରେ ପରୀକ୍ଷା କରିବା ପାଇଁ ପାଠ୍ୟପୁସ୍ତକ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେବା ଆବଶ୍ୟକ। ଗୋଟିଏ ଶ୍ରେଣୀର ସୀମିତ ପାଠ୍ୟକ୍ରମ ମଧ୍ୟରୁ ପ୍ରତିବର୍ଷ ଭିନ୍ନ ଭିନ୍ନ ପ୍ରୟୋଗଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ତେଣୁ ଏକା ପ୍ରଶ୍ନକୁ ବାରମ୍ବାର ପଚାରିବାର ସମ୍ଭାବନା ମଧ୍ୟ ଅଛି। ଏହାବ୍ୟତୀତ ଶିକ୍ଷାଦାନ ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ପୁସ୍ତକରେ ଥିବା ତତ୍ତ୍ୱକୁ ବ୍ୟାଖ୍ୟା କରିବା ଏବଂ ବାସ୍ତବ ଜୀବନରେ ସମସ୍ୟା ସମାଧାନରେ ତାହାର ପ୍ରୟୋଗ ବିଷୟରେ ଶ୍ରେଣୀଗୃହରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ, ଯାହା କି ସାଧାରଣ ଭାବେ ହୁଏ ନାହିଁ। ଏଥିପାଇଁ ଶିକ୍ଷକମାନଙ୍କୁ ବିଶେଷ ତାଲିମ ଦେବାର ଆବଶ୍ୟକତା ଅଛି।

ଖବର ମିଳୁଛି ଯେ ପରୀକ୍ଷାମୂଳକ ଭାବେ ଏହି ପରୀକ୍ଷା କରିବା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ପ୍ରସ୍ତୁତ କରିବ। ତେଣୁ ଶିକ୍ଷାଦାନ ଓ ମୂଲ୍ୟାୟନ ଭିତରେ ସମନ୍ୱୟର ଅଭାବ ସୃଷ୍ଟି ହୋଇପାରେ। ଯେଉଁ ବ୍ୟବସ୍ଥା ଥରେ ଅସଫଳ ହୋଇଛି, ପୁନଶ୍ଚ ସେହି ବ୍ୟବସ୍ଥାକୁ ଶିକ୍ଷାଦାନ, ଅଧ୍ୟୟନ ଓ ପାଠ୍ୟପୁସ୍ତକରେ ଆନୁସଙ୍ଗିକ ସଂସ୍କାର ନକରି ପୁନଶ୍ଚ ପ୍ରଚଳନ କରିବାର ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ। ●

କଟକ, ମୋ: ୯୪୩୭୬୨୭୭୩୧୩

## ମାଟି-ମଣିଷର କଥା ଓ ବ୍ୟଥା

**ସୁଶାନ୍ତ କୁମାର ମିଶ୍ର**



'ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନମ୍'। ଶରୀର ରକ୍ଷା ପାଇଁ ଅନ୍ନର ଉପଯୋଗିତା ଅପରିହାର୍ଯ୍ୟ। ବେଦ, ଉପନିଷଦ, ପୁରାଣ, ସାହିତ୍ୟ ଆଦି ଭାରତୀୟ ସଂସ୍କୃତିରେ କୃଷିପର୍ବର ମହିମା ଗାନ କରାଯାଇଛି। ଖ୍ରୀଷ୍ଟପୂର୍ବ ୨୯ରେ ଲାଟିନ୍ କବି ଭର୍ଜିଲ୍ ବିଶ୍ୱପ୍ରସିଦ୍ଧ 'ଜର୍ଜିକସ୍' କାବ୍ୟ ରଚନା କଲେ। କୃଷିରେ ଶ୍ରମର ମହିମାକୁ କହିବା ଆଳରେ ସେ କୃଷକ ଓ କୃଷି ସହିତ ମହୁମାଛି ଓ ମହୁଫେଣାକୁ ତୁଳନା କରିଛନ୍ତି। କଷ୍ଟ ସ୍ୱୀକାର କରି ଏ ଗଛରୁ ସେ ଗଛକୁ ଉଡ଼ିବୁଲି ମହୁମାଛି ମହୁ ସଂଗ୍ରହ କରି ସାଇତି ରଖିଥିବା ମହୁଫେଣାକୁ ଭାଙ୍ଗିଦେବା ପରେ ମଧ୍ୟ ମହୁମାଛି ନିଜ କାମରୁ ନିବୃତ ନ ହୋଇ ଅନ୍ୟସ୍ଥାନରେ ପୁଣି ମହୁଫେଣା ସୃଷ୍ଟି କରିଥାଏ। ସେହିଭଳି ଦୈବୀ ଦୁର୍ବିପାକରେ ବହୁଶ୍ରମ ଓ କଷ୍ଟାର୍ଜିତ ଫସଲ ନଷ୍ଟ ହୋଇଗଲେ ମଧ୍ୟ କୃଷକ ଧୈର୍ଯ୍ୟହରା ନ ହୋଇ ପୁଣି ସୁନାର ଫସଲ ସ୍ୱପ୍ନକୁ ସାକାର କରିବାକୁ ଖରାବର୍ଷାଶୀତରେ ବାହାରିପଡ଼େ।

ଗରିବ କୃଷକର ସ୍ୱପ୍ନ ଭାଙ୍ଗୁଥିବା ବ୍ୟବସ୍ଥା ପ୍ରତି ସର୍ବଦା ସାହିତ୍ୟରେ ସ୍ୱର ଉତ୍ତୋଳନ ହୋଇଛି। ପ୍ରଖ୍ୟାତ ଲେଖକ ଲିଓ ଟଲଷ୍ଟୟ କହିଛନ୍ତି ଯେ ସଂଭ୍ରାନ୍ତ ଗୋଷ୍ଠୀ ଗରିବ ଉପରେ ସର୍ବଦା ବୋଝ। ରୁଷର କୃଷି ଦାର୍ଶନିକ ଟିଏମ୍ ବୋଣ୍ଡାରେଫଙ୍କ ପ୍ରଣୀତ 'ରୋଟି ଓ ପରିଶ୍ରମ' ନୀତି କହୁଛି ଯେ ସମସ୍ତ ମଣିଷ ନିଜ ପରିଶ୍ରମରେ ହିଁ ଖାଦ୍ୟ ଉତ୍ପାଦନ କରିବା ଆବଶ୍ୟକ। ଏହାକୁ ଟଲଷ୍ଟୟ ଗ୍ରହଣ କରିଛନ୍ତି ଏବଂ ଟଲଷ୍ଟୟଙ୍କ ଦର୍ଶନରେ ପ୍ରଭାବିତ ହୋଇଛନ୍ତି ମହାତ୍ମା ଗାନ୍ଧୀ। ସବୁପ୍ରକାର ପରିଶ୍ରମକୁ ମର୍ଯ୍ୟାଦା ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। କୃଷକଙ୍କୁ ନ୍ୟାୟ ଦେବାକୁ ତାଙ୍କ ଚମ୍ପାରଣ ଆନ୍ଦୋଳନ ଜ୍ୱଳନ୍ତ ଉଦାହରଣ। ମାଟିର ମଣିଷ ପାଖରେ ହିଁ ଭଗବାନଙ୍କ ଉପଲବ୍ଧି ହୋଇଥାଏ ବୋଲି ବିଶ୍ୱକବି ରବୀନ୍ଦ୍ରନାଥ ଟେଗୋରଙ୍କ ସମେତ ମହାନ କବି ଓ ଦାର୍ଶନିକମାନେ ଗୁରୁତ୍ୱ ଆରୋପ କରିଛନ୍ତି। ଯେଉଁଠି ଅନ୍ନ ସେଠାରେ ହିଁ ବିଷ୍ଣୁ ଓ ଲକ୍ଷ୍ମୀଙ୍କ ନିବାସ ବୋଲି କୃଷକ ସଂଗୀତରେ କହୁଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେର। ଉପନିଷଦରେ ବି କୁହାଯାଉଛି- ଅଦ୍ୟତୋଽତି ଚ ଭୂତାନି ତସ୍ମାଦନ୍ନ ତଦୁଚ୍ୟତେ। ଅହମନ୍ନ ମହମନ୍ନ ମହମନ୍ନମ୍॥ ଅର୍ଥାତ ଈଶ୍ୱର ହିଁ ଅନ୍ନ। ତେଣୁ ଅନ୍ନକୁ ଉତ୍ପାଦନ କରୁଥିବା ମାଟିର ମଣିଷ ପାଖରେ ଭଗବାନଙ୍କୁ ଉପଲବ୍ଧି କରାଯାଇପାରିବ।

ସମାଜର ପୂଜ୍ୟପୂଜା ଧାରାରେ ମାଟିର ମଣିଷକୁ ସାମିଲ କରିବାର ଦୃଶ୍ୟ ବିରଳ। ବରଂ ସେ ଅନ୍ୟକୁ ସର୍ବଦା ଶ୍ରଦ୍ଧା ଓ ସମ୍ମାନ କରିଥାଏ। ଚାଷୀଟିଏର ପ୍ରତିଛବି ଚିନ୍ତାକଲେ ମଳିମୁଣ୍ଡିଆ, ଅପାଠୁଆ, ଗରୀବ ଭଳି ଚିତ୍ରଟିଏ ଭାସିଆସେ ମନ ଭିତରେ। 'ଚାଷକାମ ଯାହାର କେତେ ସୁଖ ତାହାର' ଭଳି ଫକ୍ତିକୁ ପାଥେୟ କରି ସିଏ ସବୁ ଦୁଃଖକୁ ସୁଖରେ ପରିଣତ କରିଥାଏ। ଦୁଃଖ ଅଭାବରେ କାଳାତିପାତ କରୁଥିଲେ ସୁଦ୍ଧା ଚାଷୀ କୌଣସି ପ୍ରତିକ୍ରିୟା ରଖେନାହିଁ। ବରଂ ଛାତିକୁ ପଥର କରି ସବୁ କଷଣକୁ ସୁଖ ବୋଲି ଉପଲବ୍ଧି କରେ। ଚାଷୀ କୌଣସି ଦାର୍ଶନିକଠାରୁ କମ ନୁହେଁ। ଚାଷୀ ସମାଜ ମୁହଁରେ ଅନ୍ନ ଦେଇ କେବଳ ହସ ଫୁଟାଇ ନଥାଏ, ସର୍ବଦା ସମାଜର ମଙ୍ଗଳ ଚିନ୍ତା କରିଥାଏ। ପୂଜ୍ୟପୂଜା, ସାମାଜିକ ସଂହତି, ଭ୍ରାତୃତ୍ୱ ଭାବର ପରିକଳ୍ପନା କରେ। ଲଙ୍ଗଳ ଜୁଆଳି, ହଳ ବଳଦ, ଖେତ ଖଳା, ପିତୃପୁରୁଷ, ଇଷ୍ଟ ଦେବତା, ଗୁରୁଜନ ସମସ୍ତଙ୍କ ଠାରେ ମୁଣ୍ଡ ନୁଆଁଏ। ସ୍ନେହ, ସରାଗ, ଆବେଗର ଗ୍ରାମୀଣ ଚିତ୍ର ତିଆରି କରେ। ରାଜସିଂହାସନ ଅଥବା କ୍ଷମତାର ମୋହ ବି ଭାତୃପ୍ରେମରେ ଅନ୍ତରାୟ ସୃଷ୍ଟି କରିପାରି ନାହିଁ।

ଏବେ କିନ୍ତୁ ବିଭିନ୍ନ ବାହ୍ୟ କାରକ, ଅପରିପକ୍ୱ ବ୍ୟବସ୍ଥା ଚାଷୀର ସ୍ୱପ୍ନକୁ ଭାଙ୍ଗିଦେଉଛି। କିନ୍ତୁ ସବୁ ସ୍ଥିତିରେ ଧୈର୍ଯ୍ୟ ଧରେ କୃଷକ। ଶତ୍ରୁ ମିତ୍ର ସମସ୍ତେ ତା' ଆଗରେ ସମାନ। ସାମ୍ୟବାଦର ସ୍ୱର ଭାସିଉଠେ ତା' କର୍ମରେ। ତେଣୁ ଚାଷୀର ମାନସିକତାକୁ ବୁଝିବାର ସମୟ ଆସିଛି। ସୁନ୍ଦର ଫୁଲ ଓ ଡାଳକୁ ମୋଡ଼ି ମକଚି ଫୁଲ ଡାଲି ଭର୍ତ୍ତି ହୋଇଥାଏ। କିନ୍ତୁ ଭାଙ୍ଗିଯାଉଥିବା ଗଛକୁ ଯତ୍ନକରି ଜୀବନ୍ୟାସ ଦେଇଥାଏ ମାଳି। ତେଣୁ ଡାଲି ନୁହେଁ ବରଂ ମାଳିଟିଏ ଭଳି କୃଷକର ମାନସିକତା। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରଚିତ 'କୃଷକର ଆତ୍ମକଥା'ରେ କୃଷକ କହୁଛି ଯେ- 'ରାତିରେ ମୋ ହାତରେ କଲମ, ଦିବସେ କୋଡ଼ି ବାଡ଼ି ହେ।' ଅର୍ଥାତ କର୍ମ ଜ୍ଞାନାଲୋକରେ ଆଲୋକିତ ଓ ଜ୍ଞାନ ମଧ୍ୟ କର୍ମାଭିମୁଖୀ ହେବା ଆବଶ୍ୟକ।

ଚାଷ କୃଷକ ହାତରୁ କର୍ପୋରେଟ ହାତକୁ ଉତ୍ତରିତ ହେଉଥିବାର ଭୟଙ୍କର ବିପଦ ଘନେଇ ଆସୁଛି। ବୈଶାଖର ଖରା, ଶ୍ରାବଣର ମୂଷଳଧାରା ଆଉ ମାଘର ହାଡ଼ଭଙ୍ଗା ଶୀତରେ ରକ୍ତକୁ ପାଣି ଫଟେଇ କୃଷକ ଧାନ ମୁଠାଏ ପାଇଥାଏ। ଧାନ ମୁଠାଏରୁ ତିଆରି ହୁଏ ଚାଷୀର ବାର୍ଷିକ ବଜେଟ୍। ଯେଉଁ ଧାନ ପାଇଁ ସମଗ୍ର ବିଶ୍ୱବାସୀ ଖାଇବାକୁ ପାଆନ୍ତି। କିନ୍ତୁ ଆଜି ସେହି ଧାନ ମୁଠାକ ପାଇଁ କୃଷକ ସଂଘର୍ଷ କରୁଛି। ବିସ୍ଥାପିତ ହେଉଛି କଳା କାଦୁଅରୁ କଳା ରାସ୍ତାକୁ। ବଦଳୁଛି ଜୀବନ୍ତ ସଂସ୍କୃତି। ପରିବର୍ତ୍ତନ ହେଉଛି ପେଟପାଟଣାର ଚିତ୍ର। ମାଟିର କଥା ଚିନ୍ତା କରୁଥିବା ମାଟିର ମଣିଷର କଥା ଆମେ ସମସ୍ତେ ଚିନ୍ତା କରିବାର ସମୟର ଆହ୍ୱାନ। ●

ତାଳପଦର(ବରଗଡ଼), ମୋ: ୯୯୩୮୨୭୭୬୩୫

## ଆମ ବୃକ୍ଷଲତା ଆମ ଜୀବନ

### ବାଇଡଙ୍କ

### ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ବାଇଡଙ୍କ ଏକ ଲତା ଜାତୀୟ ଉଦ୍ଭିଦ, ଯାହା ସାରା ଭାରତରେ ବଢ଼ିଥାଏ ଏବଂ ଏହା ଆଫ୍ରିକା, ଏସିଆ, ଆମେରିକା, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର କିଛିଅଞ୍ଚଳ ସମେତ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବ୍ୟାପକ ଭାବରେ ବିସ୍ତାରିତ ହୋଇଥାଏ। ଏହି ଲତାର ସଂସ୍ପର୍ଶରେ ଆସିଲେ ଅତ୍ୟଧିକ କୁଣ୍ଡାଇ ହେବା ହେତୁ ଏହା କୁଖ୍ୟାତି ଅର୍ଜନ କରିଥାଏ; କିନ୍ତୁ ଏହାର ଔଷଧୀୟ ଗୁରୁତ୍ୱ ଅଧିକ।

ଏହା ଏକବାର୍ଷିକ ଶକ୍ତିଶାଳୀ ଗୁଳ୍ମ ଲତା, ଯାହା ୧୫ ମିଟରରୁ ଅଧିକ ଲମ୍ବ ହୋଇପାରେ। ଶୈଶବ ଅବସ୍ଥାରେ ଲତାଟି ମାରାତ୍ମକ ଲୋମ ଦ୍ୱାରା ଆଚ୍ଛାଦିତ ହୋଇଥାଏ। ବଡ଼ ହେବା ପରେ ଲୋମମୁକ୍ତ ହୋଇଯାଏ। ପତ୍ରଗୁଡ଼ିକ ତିନୋଟି ଅଂଶ ସହିତ ଯୌଗିକ ଓ ତ୍ରିକୋଣୀୟ। ପତ୍ରର ପାର୍ଶ୍ୱଗୁଡ଼ିକ ପ୍ରାୟତଃ ବହୁତ ଖାଞ୍ଜିତ ଓ ଅଗ୍ରଭାଗ ସୂକ୍ଷ୍ମ। ଫଳଗୁଡ଼ିକ ଦେଖିବାକୁ ଶିମ୍ବ, ମଟର ବା ଛୋଟ ବିନ ଭଳି। ଫୁଲଗୁଡ଼ିକ ସୁନ୍ଦର ଧଳା କିମ୍ବା ବାଇଗଣୀ ରଙ୍ଗ ହୋଇପାରେ। ଫଳ ପାଚିବା ଅବସ୍ଥାରେ ୪-୧୩ ସେମି ଲମ୍ବା, ୧-୨ ସେମି ଚଉଡ଼ା ଥାଏ। ଫଳଗୁଡ଼ିକ ପ୍ରାୟ ସାତଟି ପର୍ଯ୍ୟନ୍ତ ବିହନ ବହନ କରନ୍ତି, ଯାହା ଚକଚକିଆ କଳା କିମ୍ବା ମାଟିଆ।

ଆୟୁର୍ବେଦିକ ଔଷଧି ଜଗତରେ ହଜାର ହଜାର ବର୍ଷ ଧରି ବାଇଡଙ୍କ ସ୍ୱୀକୃତି ଅର୍ଜନ କରିଛି। ଏହା ତ୍ରିଦୋଷିକ ସନ୍ତୁଳନ ପାଇଁ ଉପଯୋଗୀ। ଏହାକୁ ସ୍ନାୟୁ ରୋଗ, ବନ୍ଧ୍ୟାତ୍ୱ, ପାଚନ ବିକାର, ରକ୍ତ ସର୍କରା, ସାପକାମୁଡ଼ା ଆଦିର ଚିକିତ୍ସା ପାଇଁ ପାରମ୍ପରିକ ଔଷଧ ଓ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ବାଇଡଙ୍କରେ, ବିଶେଷକରି ଏହାର ବିହନରେ ଏଲ୍-ଡୋପା(ଖ- ଡୋପା-ଲେଭୋଡୋପା) ଉପାଦାନର ପରିମାଣ ଅପେକ୍ଷାକୃତ ଉଚ୍ଚସ୍ତର ଥାଏ। ଏଲ୍-ଡୋପା ହେଉଛି ନ୍ୟୁରୋଟ୍ରାନ୍ସମିଟର ଡୋପାମିନର ଏକ ଅତ୍ୟାବଶ୍ୟକୀୟ ଅଗ୍ରଦୂତ ବା ପୁରୋଗାମୀ। ମନୋଭାବକୁ ଉନ୍ନତ କରିବା ଓ ଭାବପ୍ରବଣତାକୁ ସ୍ଥିର ରଖିବାର କ୍ଷମତା ବାଇଡଙ୍କରେ ଅଛି। ଆୟୁର୍ବେଦ ଫାରମାସିରେ ବାଇଡଙ୍କ ଟାବଲେଟ୍, ପାଉଡର, ଟନିକ୍ ରୂପରେ ଉପଲବ୍ଧ। ତେବେ ଏଲ୍-ଡୋପା କିଛିଲୋକଙ୍କ କ୍ଷେତ୍ରରେ ସମ୍ବେଦନଶୀଳ, ବାନ୍ତି, କ୍ରାମ୍ପିଂ ବା ମାଂସପେଶୀରେ ଆକସ୍ମିକ ଯନ୍ତ୍ରଣା, ମୁଣ୍ଡବିନ୍ଧା, ଗତି ବିକାର, ଥକ୍କାପଣ, କମ୍ପନ, ମୂର୍ଚ୍ଛା, ତୃଷା ଏବଂ ନିମ୍ନ ବା ସ୍ୱଳ୍ପ ରକ୍ତଚାପ ଭଳି ସମସ୍ୟା ସୃଷ୍ଟି କରିପାରେ। ଗର୍ଭାବସ୍ଥା ଓ ସ୍ତନ୍ୟପାନ ସମୟରେ ଏହାକୁ ସତର୍କତାର ସହିତ ବ୍ୟବହାର କରାଯିବା ଉଚିତ। ସାଇକୋଜେଫ୍ରେନିଆ, ଗ୍ଲୁକୋମା, ହୃଦସ୍ରାବ, ଦୀର୍ଘକାଳୀନ ସ୍ନାୟୁ ଯନ୍ତ୍ରଣା ଓ ପେଟ ଅଲସର ଏବଂ ଯଦି ଜଣାଶୁଣା ଆଲର୍ଜି ବା ପ୍ରତିକୂଳ ପ୍ରତିକ୍ରିୟା ଥାଏ ତେବେ ଏହାକୁ ଏଡ଼ାଇବା ଉଚିତ।

ଏବିଶ୍ୱର ଅନେକ ସ୍ଥାନରେ ବାଇଡଙ୍କକୁ ଏକ ଗୁରୁତ୍ୱପୂର୍ଣ୍ଣ ଗୋଖାଦ୍ୟ ଓ ସବୁଜ ସାର ଫସଲ ଭାବରେ ବ୍ୟବହାର କରାଯାଏ। ଏହା ଏକ ଡାଲିଜାତୀୟ ଲତା ହୋଇଥିବାରୁ ବହୁ ପରିମାଣ ପୁଷ୍ଟିକର ପ୍ରୋଟିନ ଥାଏ ଏବଂ ଯବକ୍ଷାରଯାନ ଯୋଗାଏ। ଏହାର ତଟକା କୋମଳ ଡାଳ ଓ ଫଳକୁ ରୋଷେଇ କରି ଖିଆଯାଏ। ହିମାଳୟ ଅଞ୍ଚଳରେ ବିହନଗୁଡ଼ିକୁ ସିଝାଇ ଖିଆଯାଏ। ଇଣ୍ଡୋନେସିଆରେ, ବିଶେଷକରି ଜାଭାରେ, ଏହାର ଫଳକୁ କିଣ୍ୱନ କରି ଖାଆନ୍ତି, ଯାହାକୁ କୁହାଯାଏ 'ବେଙ୍ଗୁକ୍'। ରାଜସ୍ଥାନ ଓ ଆଖପାଖରେ ବାଇଡଙ୍କ ଚାଷ କରାଯାଏ। ବର୍ଷା ଦ୍ୱାରା ଜମି ଓଦା ହେବା ପରେ ଜୁଲାଇ ମାସରେ ବିହନ ସିଧା କ୍ଷେତରେ ବୁଣାଯାଏ। ତା'ପରେ ଫସଲ ନଭେମ୍ବର କିମ୍ବା ଡିସେମ୍ବର ମାସନରେ ପରିପକ୍ୱ ଫଳ ଅମଳ କରାଯାଇ ଶୁଖାଇ ବ୍ୟବହାର ପାଇଁ ପାଉଡରରେ ପରିଣତ କରାଯାଏ। ଭାରତରେ ଏହାର ଏକ ଉନ୍ନତ ଧରଣର ବିହନ 'ଝାଣ୍ଡୁ କାଞ୍ଚା' ଚାଷ କରାଯାଏ। ବାଇଡଙ୍କ ଫଳ ଏବଂ ବିହନ ଅମଳ ଏବଂ ପ୍ରକ୍ରିୟାକରଣ ଉଭୟ ସତର୍କତା ସାପେକ୍ଷ ଏବଂ ଶ୍ରମ ସାଧ୍ୟ। ବିହନ ପୋଡ଼ ବା ଫଳରେ ଥିବା କେଶରେ ସେରୋଟୋନିନ୍ ଓ ପ୍ରୋଟିନ୍ ମ୍ୟୁକୁନାଇନ୍ ଥାଏ, ଯାହା ଚର୍ମ ସଂସ୍ପର୍ଶରେ ଆସିଲେ ଗୁରୁତର କୁଣ୍ଡାଇ ହୁଏ। ତେଣୁ ନାଇଜେରିଆରେ ଏହାକୁ 'ଡେଭିଲ୍ ବିନ୍ସ୍' କୁହାଯାଏ। ବାଇଡଙ୍କୁ ଇଂରାଜୀରେ କାଉହେଜ୍ ବା 'ଯାଦୁକରୀ ଭେଲଭେଟ୍ ବିନ୍' କୁହାଯାଏ। ସମସ୍ୟାପୂର୍ଣ୍ଣ ଡାବୁ ଛଣ ଘାସ ପାଇଁ ଜୈବିକ ନିୟନ୍ତ୍ରଣ ଭାବରେ ବେନିନ୍ ଓ ଭିଏତନାମରେ ବାଇଡଙ୍କର ବ୍ୟବହାର ହୋଇଥାଏ। ଦକ୍ଷିଣ ଫ୍ଲୋରିଡାରେ ଏହାକୁ ଆକ୍ରମଣାତ୍ମକ କୁହାଯାଏ। ତେଣୁ ଏହାକୁ 'ସ୍ଲିପର ୱିଡ' ଓ 'ଅନାବନା ଉଦ୍ଭିଦ' ଭାବରେ ଗ୍ଲୋବାଲ୍ କମ୍ପେଣ୍ଡିୟମ୍ ଅଫ୍ ୱାଇଡ୍ସରେ ତାଲିକାଭୁକ୍ତ କରାଯାଇଛି। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗେଟ୍ ମାଧ୍ୟମରେ ଏଇଇ ପରୀକ୍ଷାକୁ ବିରୋଧ

## ଆବେଦନରୁ ବଞ୍ଚିତ ଗେଟ୍ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୩୧।୮ (ସମିସ): ରାଜ୍ୟରେ ଲକ୍ଷ ଲକ୍ଷ ଇଞ୍ଜିନିୟରିଂ ଡିଗ୍ରୀଧାରୀ ଥିଲେ ବି ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ପଦବୀ ପାଇଁ ଆବେଦନ କରିପାରୁନାହାନ୍ତି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ଠାରୁ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇ ଗେଟ୍ ମାଧ୍ୟମରେ ନିଯୁକ୍ତି ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯିବା ପରେ ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିକି, ଅନେକ ଇଞ୍ଜିନିୟରିଂ ପିଲା ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ତାହାର ଅବଧି ୩ ବର୍ଷ ଥିବାରୁ ଆବେଦନ କରିବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଗ୍ରାଜୁଏସନ୍ ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ବିରୋଧ କରାଯିବା ସହ ଗେଟ୍ ବଦଳରେ ଓପିଏସ୍‌ସି ଦ୍ୱାରା ପରୀକ୍ଷା କରିବାକୁ ଦାବି କରାଯାଇଛି।

ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ପୂର୍ବରୁ ଏଇଇ ପଦରେ ନିଯୁକ୍ତି ପାଇଁ ଓପିଏସ୍‌ସି ପରୀକ୍ଷା ପରିଚାଳନା କରୁଥିଲା। ୨୦୨୧ ମସିହାରେ ଏହାକୁ ବଦଳାଇ ଓପିଏସ୍‌ସି ବଦଳରେ ଗେଟ୍ ଦ୍ୱାରା ପରୀକ୍ଷା କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ନିଯୁକ୍ତିରେ ଅଧିକ ସ୍ୱଚ୍ଛତା ପାଇଁ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ସରକାର ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ମଧ୍ୟ ଦାଖଲ କରିଛନ୍ତି। ଯାହାକୁ ନେଇ ଆଶାୟୀମାନେ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ କହିବା କଥା, ରାଜ୍ୟର ପ୍ରମୁଖ ନିଯୁକ୍ତି ପରୀକ୍ଷା ଓପିଏସ୍‌ସି ପରିଚାଳନା କରୁଥିବା ବେଳେ ଏହାର ସ୍ୱଚ୍ଛତା ପ୍ରତି ଖୋଦ୍ ସରକାର ପ୍ରଶ୍ନ ଉଠାଇବା ଚିନ୍ତାଜନକ। ପଞ୍ଚାୟତିରାଜ ବିଭାଗ ପରି ଏକାଧିକ ବିଭାଗର ଏଇଇ ପଦରେ ନିଯୁକ୍ତି ପାଇଁ ଓପିଏସସି ପରୀକ୍ଷା କରୁଥିବା ବେଳେ କେବଳ ଜଳ ସମ୍ପଦ ବିଭାଗ ଉଦ୍ଦେଶ୍ୟମୂଳକ

**ବିଧାନସଭାରେ ପ୍ରସଙ୍ଗ ଉଠାଇବା ପାଇଁ ବିଧାୟକଙ୍କୁ ଚିଠି ଲେଖାଯିବ**

ଭାବେ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ଏହାର ସମାଧାନ ରାସ୍ତା ସରକାର ବାହାର କରୁନଥିବା ସଂଗଠନର ଉପଦେଷ୍ଟା ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେଡି ସରକାର ଓପିଏସସି ବଦଳରେ ଗେଟ୍ ପରୀକ୍ଷା କରିବାକୁ ନିଷ୍ପତ୍ତି ନେବା ପରେ ଏହାକୁ ବିଜେପି ବ୍ୟାପକ ବିରୋଧ କରିଥିଲା। ଏପରିକି ବିଧାନସଭାରେ ଧ୍ୟାନ ଆକର୍ଷଣ (କଲିଂ ଆଟେନସନ୍) ନୋଟିସ୍ ମଧ୍ୟ ଆଣିଥିଲା। ଏବେ ସରକାରରେ ମନ୍ତ୍ରୀ ଥିବା ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ, ଗଣେଶ ରାମସିଂ ଖୁଣ୍ଟିଆଙ୍କ ସମେତ ଏକାଧିକ ବିଧାୟକ ଦସ୍ତଖତ କରି ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ହେଲେ ସରକାରକୁ ଆସିଲା ପରେ ସେମାନଙ୍କ ଆଭିମୁଖ୍ୟ ବଦଳିଗଲା। ଏବେ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ବିଜେପି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆହୁରି ରୋଚକ କଥା ହେଲା, ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନେ ମଧ୍ୟ ଏଇଇ ପରୀକ୍ଷା ପାଇଁ ଆବେଦନ କରିପାରୁନାହାନ୍ତି। କାରଣ ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ୩ବର୍ଷ ମଧ୍ୟରେ ଏଇଇ ପରୀକ୍ଷା ହେବା ଆବଶ୍ୟକ। ଅନ୍ୟଥା ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଅଯୋଗ୍ୟ ହୋଇଯିବେ। କେବେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବ, ସେନେଇ କୌଣସି ସ୍ପଷ୍ଟତା ନଥିବା ବେଳେ ଆଶାୟୀମାନେ ପ୍ରତିବର୍ଷ ଗେଟ୍ ପରୀକ୍ଷା ଦେବାକୁ ବାଧ୍ୟ ହେଉଛନ୍ତି। ଫଳରେ ସେମାନେ ଉଚ୍ଚଶିକ୍ଷା କିମ୍ବା ଅନ୍ୟାନ୍ୟ ପରୀକ୍ଷା ପାଇଁ ଆଉ ପଢ଼ି ପାରୁନାହାନ୍ତି। ଏଣୁ, ଏହି ପ୍ରସଙ୍ଗର ସ୍ଥାୟୀ ସମାଧାନ ପାଇଁ ବିଧାନସଭାରେ ପ୍ରସଙ୍ଗ ଉଠାଇବାକୁ ସମସ୍ତ ବିଧାୟକଙ୍କୁ ଆଶାୟୀମାନେ ପତ୍ର ଲେଖିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସଭାପତି ସମୀର ରଞ୍ଜନ ସାହୁ, ସମ୍ପାଦକ ପ୍ରଣୟ ପ୍ରଧାନ, ଶେଖ୍ ସାଫିକ୍‌ଙ୍କ ସମେତ ବହୁ ଆଶାୟୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ନୋବେଲ ବିଜେତା ପ୍ରଫେସର୍ ମାଇକେଲ କ୍ରେମର୍‌ଙ୍କ କୃଷି ଭବନ ପରିଦର୍ଶନ

**ରାଜ୍ୟର ପାଣିପାଗ ଓ କୃଷି ଉପଦେଶ ମଡେଲର ପ୍ରଶଂସା**



ଭୁବନେଶ୍ୱର,୩୧।୮ (ସମିସ): ଚିକାଗୋ ବିଶ୍ୱବିଦ୍ୟାଳୟର ନୋବେଲ ପୁରସ୍କାର ବିଜେତା ପ୍ରଫେସର୍ ମାଇକେଲ କ୍ରେମର ଏବଂ ତାଙ୍କର ୧୨ ଜଣିଆ ଦଳ ଶନିବାର କୃଷି ଭବନ ପରିଦର୍ଶନ କରିଛନ୍ତି। ରାଜ୍ୟର ଚାଷୀ ସମାଜ ମଧ୍ୟରେ ପାଣିପାଗ ପୂର୍ବାନୁମାନ ପ୍ରସାରଣ ଏବଂ ଏହାର ଆବଶ୍ୟକତା, ବୈଧତା ଏବଂ ଗ୍ରହଣୀୟତା ବିଷୟରେ ଆଲୋଚନା କରିବା ପାଇଁ କୃଷି ଭବନରେ ଏକ ବୈଠକର ଆୟୋଜନ କରାଯାଇଥିଲା। କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ କୃଷି ଭବନ ସମ୍ମିଳନୀ କକ୍ଷରେ ପ୍ରଫେସର କ୍ରେମର କୃଷି ସମୃଦ୍ଧି ହେଲ୍ପଲାଇନ(କେଏସଏଚ୍) ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ କୃଷି ସମୃଦ୍ଧି ହେଲ୍ପଲାଇନ୍ ରାଜ୍ୟର ପ୍ରତ୍ୟେକ ଚାଷୀଙ୍କୁ ଜଳବାୟୁ ପ୍ରତିକୂଳ ପରିସ୍ଥିତିରୁ ତାଙ୍କ ଫସଲକୁ ରକ୍ଷା କରିବାରେ ସାହାଯ୍ୟ କରିବ। ବର୍ଷା, ତାପମାତ୍ରା ଏବଂ ଆର୍ଦ୍ରତାକୁ ବିଚାରକୁ ନେଇ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ପୂର୍ବାନୁମାନ ପ୍ରଚଳନ କରିବାକୁ ମତ ଦେଇଥିଲେ। ବୈଠକରେ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ ପଣ୍ଡାଙ୍କ ବରିଷ୍ଠ ବିଭାଗୀୟ ଅଧିକାରୀ, ଓୟୁଏଟିର ବୈଜ୍ଞାନିକ ଏବଂ ଜଳବାୟୁ ଅନୁଶୀଳନ କକ୍ଷ (ସିଆରସି)ର ସଦସ୍ୟମାନେ ଉପସ୍ଥିତ ଥିଲେ।

■ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଆ ଝିଅଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

## ଚନ୍ଦ୍ରଶେଖରପୁରରେ 'ମନ୍ କି ବାତ୍' ଶୁଣିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୧।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଚନ୍ଦ୍ରଶେଖରପୁର ଶିଶୁ ବିହାରରେ ସ୍ଥାନୀୟ ଲୋକଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ୧୨୫ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' ରେ ପ୍ରତ୍ୟେକ ଥର ପରି ସେ ବିଭିନ୍ନ କ୍ଷେତ୍ରର ସାଧାରଣ ଲୋକଙ୍କ ସଫଳତାକୁ ପ୍ରଶଂସା କରି ଲୋକଲୋଚନକୁ ଆଣିଥିଲେ। ଆଜି ପ୍ରଧାନମନ୍ତ୍ରୀ ଓଡିଆ ଝିଅ ରଶ୍ମିତା ସାହୁଙ୍କ ସହିତ କଥା ହୋଇ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ରଶ୍ମିତା ନିକଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କାନୋଇଙ୍ଗ୍ (ଜଳକ୍ରୀଡା) ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଓଡ଼ିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସହଯୋଗରେ ଜଗତପୁରର ସାଇ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଓଡ଼ିଶାର କ୍ରୀଡା ପ୍ରତିଭାମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦିଆଯାଉଛି। ରଶ୍ମିତା ମଧ୍ୟ ଜଗତପୁରରେ କାନୋଇଙ୍ଗ୍ ପ୍ରଶିକ୍ଷଣ ପାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ଅନେକ ଦିନ ଧରି ଓଡିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସଭାପତି ଥିଲେ। ବର୍ତ୍ତମାନ ସେ ଏହି ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ। ଦୁଇ ଜଣ ବରିଷ୍ଠ ନାଗରିକ ତଥା ସମାଜସେବୀ ରାଜେନ୍ଦ୍ର ବାରିକ ଓ ବି.ବି. ମିଶ୍ର ଏବଂ ଶିଶୁ ବିହାର ଯୋଗ କେନ୍ଦ୍ରର ପ୍ରମୁଖ ବିଶ୍ୱନାଥ ନାୟକ, ଭାରତୀ ପ୍ରଧାନ ଓ ଏଲ୍.ଡି ସାହୁ ସମ୍ବର୍ଦ୍ଧିତ ହୋଇଥିଲେ।

## ବିଧାନସଭା ଘେରିବ ମାଧ୍ୟମିକ ଏନ୍‌ପିଏସ୍ ଶିକ୍ଷକ ସଂଘ

ଭୁବନେଶ୍ୱର, ୩୧।୮(ସମିସ): ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକଙ୍କ ବିଭିନ୍ନ ଦାବି ନେଇ ବାରମ୍ବାର ଦାବି ଓ ଆଲୋଚନା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ସରକାରଙ୍କ ଉଦାସୀନତା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସେମାନଙ୍କ ନାର୍ଯ୍ୟ ଦାବି ପୂରଣ ହେଉନାହିଁ। ଦାବି ପୂରଣ ପାଇଁ ସରକାର ତ୍ୱରିତ ପଦକ୍ଷେପ ନନେଲେ ସେପ୍ଟେମ୍ବର ୧୮ ତାରିଖରୁ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ଆବାହକ ଭବକୃଷ୍ଣ ମହାନ୍ତି, ଅମରେନ୍ଦ୍ର ସ୍ୱାଇଁ, ଶୁଭ୍ରଜିତ ପଢ଼ିଆରୀ, ବିଶ୍ୱଜିତ ବିଶ୍ୱାଳ, ପଞ୍ଚାନନ ଜେନା ଓ ରାଜେନ୍ଦ୍ର ମଲ୍ଲିକ ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।


**AFFIDAVIT**

I, Pradip Kumar Nayak, S/o- Jayaram Nayak, Resident of Village: Kanaka, PO.: Kanaka, PS.: Khallikote, Dist- Ganjam, Pin-761028, Odisha declare by this Affidavit No. A/3046, Dated 30.08.2025, that now onwards I shall be known as **PRADIP NAYAK** for all future purposes.

**AFFIDAVIT**

By virtue of an affidavit (CF No. 81) sworn before The Executive Magistrate, Karlamunda on dated-30/08/2025. I, **Kavita Rana,** W/o Rajat Kumar Rana, resident of At- Sanrengali, Po-Rinja, Ps- M.Rampur, Dist-Kalahandi, Odisha, Pin-766031 declare that I have changed my name from **Kavita Pande** (old name) to **Kavita Rana** (new name). Henceforth, I shall be known as **Kavita Rana** (new name) for all future purposes.

**Kavita Rana**


**ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ**

# ସହରାଞ୍ଚଳ ବିକାଶର ପ୍ରତିଛବି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୮(ସମିସ): ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମ୍‌ରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହର ବାସିନ୍ଦାଙ୍କ ପାଇଁ ଏକାଧିକ ଘୋଷଣା କରିଛନ୍ତି। ୨୦୨୬ ଏପ୍ରିଲ ସୁଦ୍ଧା ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଗର୍ତ୍ତମୁକ୍ତ ଏବଂ ମୁକୁଳା ଡ୍ରେନ୍ ବନ୍ଦ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସହରାଞ୍ଚଳଗୁଡ଼ିକ ହେଉଛି ବିକାଶର ପ୍ରତିଛବି। ତେଣୁ ସହରାଞ୍ଚଳଗୁଡ଼ିକର ରାସ୍ତାଘାଟ ଯଦି ପରିଷ୍କାର ପରିଚ୍ଛନ୍ନ ଏବଂ ଗର୍ତ୍ତମୁକ୍ତ ନରହେ, ତେବେ ଆମର ଲକ୍ଷ୍ୟ ଅପୂରଣୀୟ ରହିବ। ଆସନ୍ତା ଏପ୍ରିଲ ମଧ୍ୟରେ ରାଜ୍ୟର ସମସ୍ତ ପୌରାଞ୍ଚଳରରେ ଏହି କାମ ଶେଷ ହେବ। ଆସନ୍ତା ବର୍ଷ ଏପ୍ରିଲରେ ଯେଉଁ ଜନଶୁଣାଣି ହେବ, ସେଥିରେ ଯେପରି ଏ ସଂପର୍କିତ ଅଭିଯୋଗ ନ ଆସିବ, ସେଥିପାଇଁ ଧ୍ୟାନ ଦେବାକୁ ସେ କର୍ମଚାରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ୨୦୨୬ ଏପ୍ରିଲ ଶେଷ ସୁଦ୍ଧା ସମସ୍ତ ପୌରାଞ୍ଚଳ ନିଜେ ନିଜେ ସାର୍ଟିଫିକେଟ ଦେବେ ଯେ ତାଙ୍କ ଅଞ୍ଚଳର ରାସ୍ତା ଗର୍ତ୍ତମୁକ୍ତ ହୋଇସାରିଛି। ଶାସନ ବ୍ୟବସ୍ଥାକୁ ସମାଜର ଶେଷସ୍ତରକୁ ଆଣିବା ପାଇଁ ଶେଷ ଧାଡ଼ିରେ ଥିବା ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ନେସ୍‌ନାଲ କମନ୍ ମୋବିଲିଟି କାର୍ଡ'ର ଶୁଭାରମ୍ଭ କରି କହିଥିଲେ ଯେ ଏହାଦ୍ୱାରା ଦେଶର ଜନସାଧାରଣ ଯେକୌଣସି ସହରରେ ବିଭିନ୍ନ ଟ୍ରାନ୍ସପୋର୍ଟ ସେବା ସୁବିଧାରେ ପାଇପାରିବେ। ଏହି କାର୍ଡର ସୁବିଧା ଆଗାମୀ ଦିନରେ ଓଏସ୍‌ଆରଟିସି ବସ୍‌ଗୁଡ଼ିକରେ ମଧ୍ୟ ଲାଗୁ କରାଯିବ। ଏହାସହ 'ଆମ ବସ୍' ବୁକିଂ କରିବା ପାଇଁ ଏକ ହ୍ୱାଟ୍‌ସ ଆପ୍ ଟିକେଟିଂ ସେବା ମଧ୍ୟ ଆରମ୍ଭ ହୋଇଛି। ଏହି ଡିଜିଟାଲ ଟିକେଟରେ ମହିଳାମାନଙ୍କ ପାଇଁ ୧୫ ପ୍ରତିଶତ ରିହାତି ରହିବ। ଅନ୍ୟମାନଙ୍କ ପାଇଁ ୧୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହାସହ ମୁଖ୍ୟମନ୍ତ୍ରୀ ପ୍ରାୟ ୧୦୯ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୪୩ଟି ବହୁମୁଖୀ ଭବନର ଲୋକାର୍ପଣ କରିବା ସହିତ ଭୁବନେଶ୍ୱର ମହାନଗର ନିଗମ ପାଇଁ ହ୍ୱାଟ୍‌ସ-ଆପ୍ ବଟ୍ ସେବା ଆରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନଙ୍କ ପ୍ରସ୍ତାବରେ...

ରାଜ୍ୟ ମଧ୍ୟରେ ଆଲୋଚନାରେ ସ୍ୱଚ୍ଛତା ଅବଲମ୍ବନ ଓ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ ବୋଲି ନବୀନ କହିଥିଲେ। ଛତିଶଗଡ଼ର ବିଜେପି ସରକାରଙ୍କ ସହିତ କେଉଁ ପ୍ରକାରର ଆପୋଷ ବୁଝାମଣା ପାଇଁ ବିଚାର କରାଯାଉଛି କିମ୍ବା ଏନେଇ ନିଷ୍ପତ୍ତି ନିଆସରିଛି, ସେନେଇ ସ୍ୱଷ୍ଟତା ଆଣିବା ପାଇଁ ରାଜ୍ୟ ସରକାର ତୁରନ୍ତ ଏକ ସର୍ବଦଳୀୟ ବୈଠକ ଡାକିବା ଉଚିତ ବୋଲି ନବୀନ ମତ ଦେଇଥିଲେ।

ଅପରପଟେ ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ, ଜଳ ବିଶେଷଜ୍ଞ ସରକାର କେବଳ ନିଜ ମଧ୍ୟରେ ଆଲୋଚନାକୁ ସୀମିତ ନ ରଖି ଏହାକୁ ସାର୍ବଜନୀନ କରିବାକୁ ଦାବି କରୁଛନ୍ତି। ମହାନଦୀ ବିବାଦ ଆଲୋଚନା ସମୟରେ ନଦୀ ସହିତ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ ନିମନ୍ତେ ଦାବି କରି ଆସିଛନ୍ତି। ନିକଟରେ ସାମାଜିକ ସଂସ୍ଥା ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମଧ୍ୟ ବିବାଦର ସମାଧାନ ପାଇଁ ଛତିଶଗଡ଼ର ରାୟପୁରଠାରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳପୁରୁଷ ରାଜେନ୍ଦ୍ର ସିଂ, ଜଳ ଆନ୍ଦୋଳନ ସହ ସମ୍ପୃକ୍ତ ସୁଦର୍ଶନ ଦାସଙ୍କ ସହ ରାଜ୍ୟର ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ବୈଠକରେ ଦୁଇ ରାଜ୍ୟର ସରକାର ନିଜ ଭିତରେ ଆଲୋଚନାକୁ ସୀମିତ ନ ରଖି ଏଥିରେ ନଦୀ ସହିତ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହ କୌଣସି ଆପୋସ ସମାଧାନକୁ ଯିବା ପୂର୍ବରୁ ଅଣ ମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ଅଟେ, ତାହା ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ମହାନଦୀ ବଞ୍ଚାଅ,ଜୀବିକା ବଞ୍ଚାଅ ଆନ୍ଦୋଳନ ମଧ୍ୟ ସରକାରଙ୍କ ନିକଟରେ ଦାବି ରଖିଛି। ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ ସରକାରଙ୍କ ଉଦ୍ୟମକୁ ସ୍ୱାଗତ କରିଛନ୍ତି। ଟ୍ରିବ୍ୟୁନାଲରେ କୌଣସି ମାମାଲାର ସମାଧାନ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଆପୋସ ସମାଧାନ ସ୍ୱାଗତଯୋଗ୍ୟ ହେଲେ ହେଁ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସରକାର ସମସ୍ତ ଅଂଶୀଦାରଙ୍କୁ ତୁରନ୍ତ ଆଲୋଚନାକୁ ଡାକି ପରାମର୍ଶ କରନ୍ତୁ ବୋଲି ଶ୍ରୀ ଛୋଟରାୟ ଦାବି କରିଛନ୍ତି।

### ମାନବତା ପାଇଁ...

କିନ୍ତୁ ସମ୍ପୂର୍ଣ୍ଣ ଭରସା ଫେରିବାକୁ କିଛି ସମୟ ଲାଗିପାରେ। ଚୀନ୍ ସାମ୍ବାଦିକ ଏବଂ ପର୍ଯ୍ୟଟକଙ୍କ ପାଇଁ ଭିସା ନିୟମକୁ କୋହଳ କରିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୁଣି ଥରେ ବ୍ରହ୍ମପୁତ୍ର ନଦୀର ତଥ୍ୟ ସେୟାର କରିବାକୁ ସହମତି ପ୍ରକାଶ ପାଇଛି। ଏସ୍‌ସିଓ ଏବଂ ବ୍ରିକ୍ସ ଭଳି ସଂଗଠନରେ ଉଭୟେ ବହୁମୁଖୀ ବ୍ୟବସ୍ଥାକୁ ସମର୍ଥନ ଦେଉଛନ୍ତି। ତେବେ ଏଲଏସି ନିର୍ଦ୍ଧାରଣ ହୋଇ ନ ଥିବାରୁ ସମସ୍ୟା ରହିଛି। ଏ ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇପାରି ନାହିଁ। ଚୀନ୍ ବ୍ରହ୍ମପୁତ୍ରରେ ବନ୍ଧ ନିର୍ମାଣ କରୁଥିବାବେଳେ ଭାରତ ଏହାକୁ ବିରୋଧ କରୁଛି। ପାକିସ୍ତାନ ସହ ଚୀନ୍‌ର ମଜବୁତ ସମ୍ବନ୍ଧ ଏହି କ୍ଷେତ୍ରରେ କିଛିଟା ସମସ୍ୟା ହୋଇପାରେ। ଅନ୍ୟପକ୍ଷରେ ଏହି ଦ୍ୱାପିକ୍ଷାକ ସମ୍ମିଳନୀ ପରେ ମୋଦୀ ଏସ୍‌ସିଓ ବୈଠକରେ ସାମିଲ ହୋଇଛନ୍ତି। ଏଠାରେ ସବୁ ନେତାଙ୍କ ସହ ମିଶି ମୋଦୀ ଗ୍ରୁପ ଫଟୋ ନେଇଛନ୍ତି। ତେବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପି ଏର୍ଦୋଗାନଙ୍କୁ ମୋଦୀ ଅଣଦେଖା କରିଛନ୍ତି। ଏଠାରେ ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଆମେରିକା ଏହି ବୈଠକ ଉପରେ ତୀକ୍ଷଣ ନଜର ରଖିଛି। ଶୁଳ୍କକୁ କାଉଣ୍ଟର କରିବା ପାଇଁ ରୁଷ, ଚୀନ୍ ଏବଂ ଭାରତ ମଧ୍ୟରେ ବଡ଼ ଆଲୋଚନା ହୋଇପାରେ ବୋଲି କୁହାଯାଉଛି।

ଏହି ସମ୍ମିଳନୀରେ ଭାରତ, ଚୀନ୍, ରୁଷ, ପାକିସ୍ତାନ, ତୁର୍କୀ ସମେତ ୯ ରାଷ୍ଟ୍ର ସାମିଲ ହୋଇଛନ୍ତି। ଏହା ଚୀନ୍ ଇତିହାସର ସବୁଠୁ ବଡ଼ ଏସ୍‌ସିଓ ସମ୍ମିଳନୀ। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଦୁଇ ଦେଶ ପାରସ୍ପରିକ ବିଶ୍ୱାସ ବୃଦ୍ଧି, ମତଭେଦକୁ ବିବାଦରେ ରୂପ ନ ଦେବାକୁ, ଆହ୍ୱାନର ମିଳିତ ମୁକାବିଲା କରିବାକୁ, ସହମତି ପ୍ରକାଶ କରିଛନ୍ତି। ଉଭୟ ନେତା ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

### ସ୍ତ୍ରୀ-ଶାଶୂଙ୍କୁ...

ଯୁକ୍ତି ବଢ଼ିବାରେ ଲାଗିଥିଲା। ପ୍ରିୟା ନିଜ ବାପଘର ସପକ୍ଷରେ ନେଇ ବେରୋଜଗାର ଥିବା ଯୋଗେଶଙ୍କୁ ଆକ୍ଷେପ କରି କହିଥିଲେ। ଫଳରେ ଯୋଗେଶ ରାଗିଯାଇଥିଲେ। ଯୋଗେଶ ଓ ପ୍ରିୟାଙ୍କର ଦୁଇଟି ପୁଅ ଅଛନ୍ତି। ଘଟଣା ସମୟରେ ଦୁଇ ପୁଅ ସ୍କୁଲ ଯାଇଥିଲେ। ଦୁଇ ପୁଅଙ୍କୁ ସ୍କୁଲକୁ ଆଣିବାକୁ ଯାଇ ଯୋଗେଶ ବୁଲୁଥିବା ବେଳେ ପୁଲିସ ତାକୁ ଗିରଫ କରିଥିଲା।

### ୧୬ ନୂଆ ଏନ୍‌ଏସି...

ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏବେ ମୁଖ୍ୟମନ୍ତ୍ରୀ ଆଉ ୧୬ ସହରକୁ ଏନ୍‌ଏସି ଘୋଷଣା କରିଛନ୍ତି। ସେହିପରି ଏନ୍‌ଏସି ଓ ମ୍ୟୁନିସିପାଲିଟି ଗଠନ ଦ୍ୱାରା ଅଧିକ ଲୋକଙ୍କୁ ସହରର ମୌଳିକ ସୁବିଧା ମିଳିବ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନେକ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନାଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସଂପ୍ରସାରିତ ହେଲା ବୋଲି ଘୋଷଣା କରିଛନ୍ତି। ସହରର ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମେ ମାସରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪୪ଟି ପୌରାଞ୍ଚଳରେ ସହଯୋଗ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ଟାଟାଷ୍ଟିଲ ଫାଉଣ୍ଡେସନ ସହଯୋଗ ଯୋଗାଇ ଦେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଟାଟାଷ୍ଟିଲକୁ ଧନ୍ୟବାଦ ଦେଇଛନ୍ତି। ଏହାସହିତ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ପ୍ରଶ୍ନ କିମ୍ବା ପ୍ରସ୍ତାବ ପାଇଁ ମୁଖ୍ୟମନ୍ତ୍ରୀ ଏକ ଟୋଲ୍ ଫ୍ରି ନମ୍ବର-୧୯୨୯ ର ଶୁଭାରମ୍ଭ କରିଛନ୍ତି ଓ ଏହି ନମ୍ବରକୁ "ସହର ସାଥୀ' ବୋଲି ନାମିତ କରାଯାଇଛି। ଏହାଦ୍ୱାରା ଲୋକମାନେ ଆଉ ପୌରପାଳିକା କାର୍ଯ୍ୟାଳୟକୁ ନ ଯାଇ, ଏହି ନମ୍ବରରେ ଫୋନ କଲେ ସମସ୍ୟାର ସମାଧାନ କରାଯିବ। ଏହି ସେବା ୨୪ ଘଣ୍ଟା ଉପଲବ୍ଧ ହେବ। "ସହର ସାଥୀ' କଲ୍ ସେଣ୍ଟରର ଶୁଭାରମ୍ଭ କରି ପୌରସଂସ୍ଥା କର୍ମଚାରୀଙ୍କ ପାଇଁ ସାଧାରଣ ଉପଭୋକ୍ତା ଗୋଷ୍ଠୀ ସିୟୁଜି ନମ୍ବର ବଣ୍ଟନ ମଧ୍ୟ କରାଯାଇଛି।

### ଆଜିଠୁ ବଢ଼ିବ...

ଆକଳନ କରିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରବିବାର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମ୍ଭବତଃ ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ଏକ ଲଘୁଚାପ ହୋଇ ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଆନ୍ଧ୍ର ଉପକୂଳ ବଙ୍ଗୋପସାଗରରେ ରହିବ। ଏହା ତିନିଦିନ ପର୍ଯ୍ୟନ୍ତ ସେହି ସ୍ଥାନରେ ରହିବା ସହ ସେପ୍ଟେମ୍ବର ୪ରେ କିଛି ଦୁର୍ବଳ ହୋଇ ୫-୬ରେ ଓଡ଼ିଶା ଉପକୂଳ ନିକଟତର ହେବ। ଆକଳନ କରାଯାଉଛି ଯେ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରୁ ସମ୍ବଲପୁର ସଂଯୋଗ କରୁଥିବା ସରଳରେଖାର ଦକ୍ଷିଣରେ ବର୍ଷା ହେବ। ଅବିଭକ୍ତ କୋରାପୁଟ, ବିଶେଷକରି ମାଲକାନଗିରି ଓ ନବରଙ୍ଗପୁରରେ ଏହି ତିନିଦିନ ୧୫-୨୫ ମିମି ଲେଖାଏଁ ବର୍ଷା ହେବ। ସମ୍ବଲପୁରଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ସ୍ୱଳ୍ପ (୧୫ ମିମି ଲେଖାଏଁ) ଏବଂ ଅନ୍ୟାନ୍ୟ ସ୍ଥାନ ୧୦-୧୫ ମିମି ଲେଖାଏଁ ବର୍ଷା ହୋଇପାରେ। ସୁନ୍ଦରଗଡ଼, ମୟୂରଭଞ୍ଜ ଓ ବାଲେଶ୍ୱରରେ କାଁ ଭାଁ ହାଲୁକା ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇପାରେ। ୪ ତାରିଖରେ ବିକ୍ଷିପ୍ତ ବର୍ଷା ହେବା ସହ ୫ ତାରିଖରେ ଉପକୂଳ, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ସ୍ୱଳ୍ପ ସ୍ଥାନେସ୍ଥାନେ ମଧ୍ୟମ ବର୍ଷା ହୋଇପାରେ। ୬ ତାରିଖରେ ସାରା ଓଡ଼ିଶାରେ ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କଳାହାଣ୍ଡି, କନ୍ଧମାଳ ଓ କୋରାପୁଟରେ ସବୁଠୁ ଅଧିକ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ଗଜପତି, ବଲାଙ୍ଗିର ଓ ନୂଆପଡ଼ାରେ ମଧ୍ୟ ବର୍ଷାର ପ୍ରଭାବ ଭଲ ରହିବ। ଏହା ବ୍ୟତୀତ ବାକି ସବୁ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଆକଳନ କରି ସାରା ଓଡ଼ିଶା ପାଇଁ ବର୍ଷା ଚେତାବନୀ ଜାରି ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଉତ୍ତର ବଙ୍ଗୋପସାଗରର ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟରେ ୩୦-୪୦ ଓ ଝଟକା ପବନ ୫୦ କିମି ପହଞ୍ଚିବ। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା କରି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ଏହି ଲଘୁଚାପର ପ୍ରଭାବ ପରେ ପରେ ଅର୍ଥାତ ଆସନ୍ତା ୧୧-୧୨ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି।

### ପାଣିପାଗ କେନ୍ଦ୍ରରେ...

ଦେଓ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ଏହାପରେ ଡ଼ପଲାର ରାଡ଼ାର ସମ୍ବଲପୁରରେ ଖୁବ୍‌ଶୀଘ୍ର ବସିବ ବୋଲି ଆଇଏମ୍‌ଡି ସୂଚନା ଦେଇଛି।

୨୦୦୫ରେ ଓଡ଼ିଶାର ୪ଟି ସ୍ଥାନରେ ଡପ୍‌ଲର ରାଡାର ଲଗାଇବାକୁ ଆଇଏମ୍‌ଡି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ପାରାଦୀପ, ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ରାଡାର ବସାଇବାକୁ ନିଷ୍ପତ୍ତି ହୋଇଥିଲା। ଆଇଏମ୍‌ଡି ପାରାଦୀପରେ ନିଜସ୍ୱ ଖର୍ଚ୍ଚରେ ଡପଲାର ରାଡାର ଲଗାଇବାକୁ ନିଷ୍ପତ୍ତି ନେଇଥିବା ବେଳେ ରାଜ୍ୟ ସରକାର ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ମାଗଣାରେ ଜମି ଯୋଗାଇ ଦେବା ସହ ଏଥିପାଇଁ ଆବଶ୍ୟକ ୪ ମହଲା କୋଠା ନିର୍ମାଣ ଖର୍ଚ୍ଚ ବହନ କରିବା ନେଇ ଆଇଏମ୍‌ଡି ସହ ବୁଝାମଣା ହୋଇଥିଲା। ଏହାକୁ ଆଧାର କରି ରାଜ୍ୟ ସରକାର ୨୦୧୧ରୁ କୋଠା ନିର୍ମାଣ କାମ ଶେଷ କରିଥିଲେ। କେବଳ ପାରାଦୀପ ଓ ଗୋପାଳପୁରରେ ୨ଟି ରାଡାର ଲାଗିଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଲାଗିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଏଭଳି ଅବସ୍ଥା ଭୋଗିବାକୁ ପଡୁଛି। ଦୀର୍ଘ ୨୦ ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରକଳ୍ପ ଏବେ ମଧ୍ୟ ଅଧାପନ୍ତରିଆ ହୋଇପଡିଛି। ଅନ୍ୟପଟେ ଗୋପାଳପୁର ରାଡାର ମଧ୍ୟ ପ୍ରାୟ ୮ ମାସ ହେବ ଅଚଳ ହୋଇପଡ଼ିଛି। ଯାହାଫଳରେ ଆଇଏମ୍‌ଡି ଏବେ କେବଳ ପାରାଦୀପ ରାଡାର ତଥ୍ୟ ଉପରେ ଭରସା କରି ରହିଛି। ବଜ୍ରପାତର ପୂର୍ବାନୁମାନ ପାଇଁ ବାଲେଶ୍ୱର ଓ ସମ୍ବଲପୁର ରାଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହାଦ୍ୱାରା ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ର କିଛି ଜିଲ୍ଲା ମଧ୍ୟ ଉପକୃତ ହୋଇପାରିବ। ହେଲେ ରାଡାର ପରିସର ମଧ୍ୟରେ ରାଜ୍ୟର ଏହି ଦୁଇ ପ୍ରମୁଖ ଅଞ୍ଚଳ ଆସିପାରୁ ନ ଥିବା ହେତୁ ପ୍ରତିବର୍ଷ ଏଠାରେ ଶତାଧିକ ଲୋକ ବଜ୍ରପାତ ଯୋଗୁଁ ପ୍ରାଣ ହରାଉଛନ୍ତି। ରାଡାର ସ୍ଥାପନ ପରେ ଅକାରଣରେ ଚାଲିଯାଉଥିବା ଜୀବନ ରୋକିବାରେ ଯଥେଷ୍ଟ ସହାୟକ ହେବ ବୋଲି ଆଶା ରହିଛି।

### ବେଆଇନ ବାଣ...

ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଆହତଙ୍କୁ ସ୍ଥାନୀୟ ଲୋକ ହସ୍ପିଟାଲରେ ପହଞ୍ଚାଇଥିଲେ। ବାରାବଙ୍କିରୁ ଦମକଳ ଦଳ ଆସି ପହଞ୍ଚିଥିଲେ। ଜିଲ୍ଲା ମୁଖ୍ୟାଳୟଠାରୁ ୨୦ କିମି ଦୂରରେ ଥିବା ଗୁଡମ୍ବା ଥାନା ଅଞ୍ଚଳର ବେହଟା ଗାଁରେ ଏହି ବିସ୍ଫୋରଣ ହୋଇଥିଲା। ଫରେନସିକ ଟିମ୍ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛି।


**ସର୍ବଭାରତୀୟ ସାୟତ ଶାସନ ଦିବସ-୨୦୨୫ ଉପଲକ୍ଷେ ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି**

ସହରର ଉନ୍ନତି ପାଇଁ

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ଠିକ୍ ସମୟରେ ଘର ଏବଂ ଅଳୋକ ଟିକସ, ଦୋକାନଘର ଭଡା, ଲାଇସେନ୍ସ ଫି ୟୁଜର୍ସ ଫି ପୈଠ କରନ୍ତୁ।
୨. ଜନ୍ମ ମୃତ୍ୟୁ ପଞ୍ଜୀକରଣ ଠିକ୍ ସମୟରେ କରାଇ ନିଅନ୍ତୁ।
୩. ରାସ୍ତାକଡ କିମ୍ୱା ୱାର୍ଡ ମାନଙ୍କରେ ଲାଗିଥିବା ବିଜୁଳିବତୀ ଓ ପାଣିକଳକୁ ଭାଙ୍ଗନ୍ତୁ ନାହିଁ।
୪. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୫. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୬. ପଲିଥିନ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ।
୭. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗ୍ରହିତ ରଖି ପରିଷଦର କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ। ପଲିଥିନ ଜରି ଓ ବ୍ୟାଗ୍ ସର୍ବଦା ବର୍ଜନ କରନ୍ତୁ।
୮. ଗାଈଗୋରୁମାନଙ୍କୁ ରାସ୍ତା ଉପରେ ବାନ୍ଧି ଅବରୋଧ କରନ୍ତୁ ନାହିଁ ଓ ନିଜସ୍ୱ ଗୋଶାଳାରେ ବାନ୍ଧି ରଖନ୍ତୁ।
୯. ସର୍ବସାଧାରଣ ରାସ୍ତା ଉପରେ ପଥର, ଇଟା, ବାଲି, ଗୋଡି ଇତ୍ୟାଦି ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ । ଆପଣଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ ।

ବଳୟ ଦେହୁରୀ
ନିର୍ବାହୀ ଅଧିକାରୀ

ସସ୍ମିତା ରାଉତ
ଅଧକ୍ଷା

ବି. ଶୁଭ୍ର ଶଙ୍କର ଜ୍ୟୋତି
ଉପାଧକ୍ଷ
ଏବଂ ସମସ୍ତ କାଉନସିଲ ବୃନ୍ଦ

ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ଼

DSPL-233

**ଜଳେଶ୍ୱର ପୌର ପାଳିକା, ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବ ସ -୨୦୨୫ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନ ଲିଖିତ କାର୍ଯ୍ୟ କ୍ରମରେ ଜନ ସାଧାରଣଙ୍କ ସହଯୋଗ କାମନା କରୁଅଛି । ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

୧ ) ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨ ) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ ଓ ବର୍ଜ୍ୟବସ୍ତୁ ପରିଚାଳନା ଦେୟ ( User fee ) ସଠିକ ସମୟରେ ସ୍ୱଚ୍ଛ ସାଥୀଙ୍କୁ ପଇଠ କରି ଉତ୍ତମ ପରିମଳ ସେବା ଦାବି କରନ୍ତୁ ।
୩ ) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪ ) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧା ସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ cesspole ଦ୍ୱାରା ସଫା କରନ୍ତୁ ।
୫ ) ସର୍ବସାଧାରଣଙ୍କ ରାସ୍ତା ଉପରେ , ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ ।
୬ ) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୭) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ ।
୮ ) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
୯ ) ଡେଙ୍ଗୁ , ମ୍ୟାଲେରିଆ , ଡାଇରିଆ ଓ ସ୍ୱାଇନ ଫ୍ଲୋ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପାଇଁ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

ଆପଣଙ୍କ ସେବାରେ ଜଳେଶ୍ୱର ପୌରପାଳିକା ।



ଶ୍ରୀ ହେମନ୍ତ କୁମାର ସିଂ, ଓ.ରା.ସେ (DR-୨୦୨୦)
କାର୍ଯ୍ୟ ନିର୍ବାହୀ ଅଧିକାରୀ
ଜଳେଶ୍ୱର ପୌରପାଳିକା



ଶ୍ରୀମତୀ ପୁଷ୍ପପ୍ରିୟା ଜାମିଦା
ଉପ-ନଗରପାଳ
ଜଳେଶ୍ୱର ପୌରପାଳିକା



ଶ୍ରୀ ପ୍ରଦିପ କୁମାର ପ୍ରଧାନ
ନଗରପାଳ
ଜଳେଶ୍ୱର ପୌରପାଳିକା

ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା
ଜଳେଶ୍ୱର ପୌରପାଳିକା

OIPR-13126/13/0026/2526

ସକାଳ THE SAKALA



## ଭଦ୍ରକ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଦିବସ ପାଳିତ

# ସରସ ସୁନ୍ଦର ଭଦ୍ରକ ପାଇଁ ପୌରାଧ୍ୟକ୍ଷା ଲୋଡ଼ିଲେ ସହଯୋଗ

ଭଦ୍ରକ, ୩୧।୮ (ସମିସ)



ଭଦ୍ରକ ପୌରପାଳିକା ଆନୁକୂଲ୍ୟରେ ସ୍ୱାୟତ୍ତ ଦିବସ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୫ଟାରେ ସହରର ସମସ୍ତ ୱାର୍ଡରେ ରାମଧୁନ ଓ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା। ଏଥିସହ ସହରର ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସକାଳ ୮ଟାରେ ପୌରପାଳିକା ଅଫିସ ପ୍ରାଙ୍ଗଣରେ ପୌରାଧ୍ୟକ୍ଷା ଗୁଲମକୀ ଦଲାୱାଜି ହବିବ ପୌରପାଳିକା ପତାକା ଉତ୍ତୋଳନ କରିଥିଲେ। ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ପାରିଷଦମାନେ ଉପସ୍ଥିତ ଥିଲେ। ସହରକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ପୌରାଧ୍ୟକ୍ଷା। ପରେ ସ୍କୁଲ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସେହିପରି କର୍ମଚାରୀଙ୍କୁ ବସ୍ତ୍ର ବିତରଣ କରାଯାଇଥିଲା। ପରେ ବିବିୟୁଟିଟି ଦ୍ୱାରା ପ୍ରଦାନ କରାଯାଇଥିବା ୨ଟି ନୂତନ ବସ୍‌କୁ ଉଦଘାଟନ କରାଯାଇଥିଲା। ୨ଟି ଭଦ୍ରକ ମେଡିକାଲ ଓ ଜିଲ୍ଲା କୋର୍ଟ ନଳାଙ୍ଗକୁ ଗମନା ଗମନ କରିବାକୁ ଧାର୍ଯ୍ୟ ହୋଇଛି। ଉକ୍ତ ବସ୍ ୨ଟିକୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ପୌରାଧ୍ୟକ୍ଷା ଗୁଲମକୀ ଦଲାୱାଜି ହବିବ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପତାକା ଦେଖାଇ ଉଦଘାଟନ କରିଥିଲେ। ପରେ ପୌରପାଳିକା ପକ୍ଷରୁ ଶହୀଦ ସ୍ମୃତି ଭବନଠାରେ ଏକ କାର୍ଯ୍ୟକ୍ରମରେ ୫୩୯ ଜଣ ହିତାଧିକାରୀଙ୍କୁ ପିଏମଏୱାଇ ୱାର୍କଅର୍ଡର ବଣ୍ଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯିବା ସହ ମଧ୍ୟାହ୍ନରେ ହରିପୁର, ଅର୍ଣ୍ଣପାଳଠାରେ ନୂତନ ଭାବେ ନିର୍ମିତ ପ୍ରଶାସନିକ ଗୃହ ଉଦଘାଟିତ ହୋଇଥିଲା।

## ଯନ୍ତ୍ରୀଙ୍କ ରାସ୍ତା ନବୀକରଣ କାର୍ଯ୍ୟର ତଦାରଖ



ବାରିକପୁର, ୩୧।୮ (ସମିସ): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଭଣ୍ଡାରିପୋଖରୀ ବ୍ଲକ ତାଳପଦା କେନାଲଠାରୁ କଟିଂ ମଣିମାଝୀ ଯାଏଁ ଦୀର୍ଘ ଦିନ ହେବ ରାସ୍ତା ନବୀକରଣ କାର୍ଯ୍ୟ ହେଉଛି। ଆଜି ଉକ୍ତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରା ପରିଦର୍ଶନ କରିଥିଲେ। ରାସ୍ତାରେ ନିର୍ମିତ ନୂତନ କଂକ୍ରିଟ ନିର୍ମାଣର ମାନ ପରୀକ୍ଷା ସହିତ ଏହାକୁ ବୁଲି ଦେଖିଥିଲେ। ମନ୍ଥର କାର୍ଯ୍ୟକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ଆନନ୍ଦପୁର ନିକଟସ୍ଥ ସିଦ୍ଧେଶ୍ୱର ବୈତରଣୀ ସେତୁକୁ ମଧ୍ୟ ପରିଦର୍ଶନ କରିଥିଲେ। ନିର୍ମାଣ ଯନ୍ତ୍ରୀଙ୍କ ସହିତ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଲମ୍ବୋଦର ନାଏକ, ଭଣ୍ଡାରିପୋଖରୀ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସିଂ, ରାସ୍ତା ନିର୍ମାଣ କାରୀ ସଂସ୍ଥାର ମୁଖ୍ୟ ପରିଚାଳକ ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଯଥାଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବନ୍ତ/ଆଗରପଡ଼ା, ୩୧।୮ (ସମିସ): ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ଗୋପାଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାନ୍ତିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସୁଧୀର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖଚନ୍ଦ୍ର ନାୟକ, ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଭାସ୍କରଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ହିରେନ୍ଦ୍ର ଖିଲାର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ ମଲ୍ଲିକ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପରିଡା, ପଦ୍ମନାଭ ବିନ୍ଧାଣି, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଂଗଠନ ସମ୍ପାଦକ ରୂପେଶ ସାହୁ, ବନ୍ତ ଶିକ୍ଷକ ସଂଘ ସମ୍ପାଦକ ଧର୍ମେନ୍ଦ୍ର ନାରାୟଣ ଜେନା, ଜିଲ୍ଲା ଶିକ୍ଷକସଂଘ ଉପସଭାପତି ତପସ୍ୱିନୀ ପହି, ଶିକ୍ଷାବିତ୍ ରତିକାନ୍ତ ମଲ୍ଲିକ, ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ପ୍ରାକ୍ତନ ସଭାପତି ସନାତନ ଦାସ, ବନ୍ତ ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମର ଦାଶ, ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କରୁଣାକର ନାୟକ, ସମାଜସେବୀ ରାମଚନ୍ଦ୍ର ତ୍ରିପାଠୀ, ରାମକୃଷ୍ଣ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ପରିଚୟ ଶିକ୍ଷକ ନରେନ୍ଦ୍ର ସାହୁ, ଧନ୍ୟବାଦ ଅର୍ପଣ ଶିକ୍ଷକ ଅନିରୁଦ୍ଧ ମଙ୍ଗଳ ପ୍ରଦାନ କରିଥିଲେ। ସମରେନ୍ଦ୍ର ନାୟକ, ଦେବବ୍ରତ ପାଢ଼ୀ, ମନୋଲିସା ନାୟକ, ମହେଶ୍ୱତା ମଲ୍ଲିକ, ପୁଷ୍ପଲତା ଶଙ୍ଖୁଆ, ଦେବବ୍ରତ ପାଢ଼ୀ, ଝରଣା ସାହାଣୀ, ଗଣେଶ ବାରିକ, ବିଶ୍ୱମ୍ବର ପଣ୍ଡା, ତ୍ରିଲୋଚନ ପରିଡା, ଲକ୍ଷ୍ମଣ ବାରିକ, ବିଷ୍ଣୁ ପରିଡା, ରମାକାନ୍ତ ବାରିକ, ପ୍ରିୟଙ୍କା ପରିଡାଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟି ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ହଜିଗଲେଣି ଚାଷୀଙ୍କ ବନ୍ଧୁ ବାଇଚଢ଼େଇ

ବନ୍ତ/ଆଗରପଡ଼ା,୩୧।୮ (ସମିସ): ଗାଁ ଗହଳିରେ ଦେଖାଯାଉଥିବା ପକ୍ଷୀ ଇତିହାସ ପାଲଟିଗଲାଣି। ଦିନ ଥିଲା ବିଲ ମାଳରେ ଥିବା ତାଳ ଓ ଖଜୁରୀ ଗଛରେ ବାଇଚଢେଇ ବସାବାନ୍ଧି ଆଶ୍ରୟ ନେଉଥିଲେ। ଗଛରେ ଅତି ସୁନ୍ଦର ଭାବେ ନିଜର ବସାକୁ ଗଢି ତୋଳୁଥିଲେ। ସଞ୍ଜ ଓ ସକାଳେ ବାଇଚଢେଇଙ୍କ କିଚିରି ମିଚିରି ସ୍ୱର ପରିବେଶକୁ ବେଶ ଆମୋଦିତ କରୁଥିଲା। ବିଶେଷ କରି ଏହି ଟିକି ଟିକି ଚଢେଇଗୁଡିକ ମାସାଧିକ କାଳ ଗଛରେ ସୁନ୍ଦର ଭାବେ ବସା ନିର୍ମାଣ କରିଥାନ୍ତି। ମାଈ ବାଇଚଢେଇଗୁଡିକ ଭିନ୍ନ ଶୈଳୀରେ ବସା ନିର୍ମାଣ କରିଥାନ୍ତି। ଅଣ୍ଡା ଓ ଛୁଆ ରହିବା ପାଇଁ ତଳ ଭାଗରେ ସ୍ୱତନ୍ତ୍ର ଶୈଳୀରେ ଥଳି ନିର୍ମାଣ କରିଥାନ୍ତି ଯଦ୍ୱାରା ବାତ୍ୟା ଓ ପବନ ମାଡ଼ରେ ଏହି ବସାର କୌଣସି କ୍ଷତି ହୋଇ ନଥାଏ। ପୁରୁଣା ବସାରେ ଦ୍ୱିତୀୟ ଥର ଅଣ୍ଡା ଦେଉ ନଥିବା ହେତୁ ପ୍ରତିବର୍ଷ ବାଇଚଢେଇ ତାର ବସାକୁ ନୂଆ କରି ତିଆରି କରିଥାଏ। ଗୋଟିଏ ବାଇଚଢେଇ ବର୍ଷକୁ ୨ଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡାକୁ ଫୁଟାଇ ଶାବକ ଜନ୍ମ ହେବା ପରେ ସେ ମୁକ୍ତାକାଶକୁ ଚାଲି ଯାଇଥାଏ। ମୌସୁମୀ ଆଗମନର କିଛି ଦିନ ପୂର୍ବରୁ ଏମାନେ ବସା ବାନ୍ଧିବା ଆରମ୍ଭ କରିଥାନ୍ତି। ବନ୍ତ ବ୍ଲକ ଏକ କୃଷି ପ୍ରାଧାନ୍ୟ ଅଞ୍ଚଳ ହୋଇଥିବା ବେଳେ ବିଭିନ୍ନ ଅଞ୍ଚଳରେ ଅନେକ ତାଳଗଛରେ ବାଇଚଢେଇ ବସା ଦେଖା ଯାଉଥିବା ବେଳେ ତାଳଗଛ ସଂଖ୍ୟା ହ୍ରାସ ପାଉଥିବାରୁ ବାଇଚଢେଇ ସଂଖ୍ୟା ମଧ୍ୟ କମିବାରେ ଲାଗିଛି।

ବାଇଚଢେଇ ବସାକୁ ଦେଖିଲେ ଚାଷୀ ଖୁସି ହୋଇଥାଏ। କାରଣ ଖରିଫ ଚାଷ ଆରମ୍ଭ ସହ ମୌସୁମୀର ଆଗମନ ହେବାର ସୂଚନା ବାଇଚଢେଇ ବସା ଦେଇଥାଏ ବୋଲି ଚାଷୀ ମନରେ ଧାରଣ ଥାଏ। ଚାଷ ଜମିରୁ ଅନିଷ୍ଟକାରି ପୋକଜୋକ ବାଇଚଢେଇ ଖାଇଥାଏ। ତେଣୁ କୃଷକଙ୍କ ପାଇଁ ବାଇଚଢେଇ ଏକ ବନ୍ଧୁ ଭାବେ ଜଣାଶୁଣା। ମାତ୍ର ଅଧିକ ଫସଲ ଅମଳ ପାଇଁ ଚାଷୀ ଜମିରେ ବହୁଳ ଭାବେ କୀଟନାଶକ ପ୍ରୟୋଗ କରୁଥିବା ବେଳେ ଏହି ପକ୍ଷୀ ଲୋପ ପାଇବାର ଆଉ ଏକ କାରଣ ବୋଲି କୁହାଯାଉଛି। ଗ୍ରାମାଞ୍ଚଳ ନିକଟବର୍ତ୍ତୀ ତାଳ ଓ ଖଜୁରୀ ଗଛ ଏମାନଙ୍କ ମୁଖ୍ୟ ଆଶ୍ରୟସ୍ଥଳୀ ପାଲଟିଥାଏ। ହେଲେ ଏବେ ଦିନକୁ ଦିନ ଗ୍ରାମାଞ୍ଚଳର ବିକାଶ ଘଟୁଥିବାରୁ ଚାଷ ଜମିଗୁଡିକ ହ୍ରାସ ପାଇବାରେ ଲାଗିଛି। ବେଆଇନ ଇଟା ଭାଟି ନିର୍ମାଣ ପାଇଁ ତାଳ ଓ ଖଜୁରୀ ଗଛକୁ କାଟି ଦିଆଯାଉଥିବାରୁ ଉକ୍ତ ପକ୍ଷୀଙ୍କ ସଂଖ୍ୟା ହ୍ରାସ



ପାଉଛି। ସେହିଭଳି ଏ ସବୁ ପକ୍ଷୀଙ୍କ ପାଇଁ ଏବେ ମୋବାଇଲି ଟାୱାର ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଟାୱାରଠାରୁ ଉଚ୍ଚକ୍ଷମତା ସମ୍ପନ୍ନ ରଶ୍ମି ପକ୍ଷୀ ବଂଶକୁ ବିସ୍ତାର କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅନେକ ପରିବେଶବିତ୍ ମତ ପ୍ରକାଶ କରିଛନ୍ତି। ବିଭିନ୍ନ କାରଣରୁ ସୁନ୍ଦର ପୃଥିବୀରେ ଏହି ପକ୍ଷୀଙ୍କ ବଂଶ ଲୋପ ପାଇଯିବା ବାସ୍ତବିକ୍ ଦୁଃଖଦ ଘଟଣା। ପରିବେଶରେ ବ୍ୟାପକ ତାଳ ଓ ଖଜୁରୀ ଗଛ ଲଗାଇଲେ ବର୍ଷା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଭଳି ସୂଚନା ପ୍ରଦାନକାରୀ ଏହି ପକ୍ଷୀର ବଂଶ ବୃଦ୍ଧି ପାଇପାରନ୍ତା ବୋଲି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସ୍ୱପ୍ନରେ ରହିଗଲା ଆଗରପଡ଼ାକୁ ଏନ୍‌ଏସି ମାନ୍ୟତା

ବନ୍ତ/ଆଗରପଡ଼ା, ୩୧।୮ (ସମିସ): ଜନସାଧାରଣଙ୍କ ପକ୍ଷରୁ ଆଗରପଡ଼ାକୁ ହୋଇଆସୁଥିବା ଏନଏସି ମାନ୍ୟତା ଦାବିରେ ମୋହନ ସରକାର ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ଏହି ସ୍ୱପ୍ନ ହିଁ ସ୍ୱପ୍ନରେ ରହିଗଲା। କାରଣ ଏହାପରେ ସୀମା ନିର୍ଦ୍ଧାରଣ ଆଦି କାର୍ଯ୍ୟ ସରକାରୀ ସ୍ତରରେ କରାଯିବ। ତେଣୁ ଆଉ ନୂତନ ଏନଏସି ବା ଅନ୍ୟ କିଛି ମାନ୍ୟତା ବର୍ତ୍ତମାନ ମିଳିବା ସମ୍ଭବ ନୁହେଁ। ନବୀନ ସରକାରଙ୍କ ସମୟରେ ଆଗରପଡ଼ାକୁ ଏନଏସି ମାନ୍ୟତା ପାଇଁ ଚିଠା ପ୍ରସ୍ତାବ ପ୍ରସ୍ତୁତ ହୋଇଥିଲା ଓ ୭ ନମ୍ବରରେ ଏହି ସ୍ଥାନର ନାଆଁ ରହିଥିଲା। ଓଡ଼ିଶାରେ ଦୁଇ ପର୍ଯ୍ୟାୟରେ ୨୮ଟି ଏନଏସି ନାଆଁ ସରକାରୀ ଭାବେ ରବିବାର ଘୋଷଣା ସରିଛି। ଆଗରପଡ଼ାକୁ ଏନଏସି ମାନ୍ୟତା ପାଇଁ ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ ବିଧାନସଭାରେ ଦାବି କରିଛନ୍ତି ଓ ଏଠାରେ ବିଜେଡି ପକ୍ଷରୁ ଆୟୋଜିତ ସଭାରେ ସେ ମଧ୍ୟ ଯୋଗଦେଇ ଏହି ଦାବିକୁ ସମର୍ଥନ କରିଛନ୍ତି। ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ଏହି ଦାବିରେ ବନ୍ଦ ଡକରା ଦିଆଯାଇଛି। ଦଳମତ ନିର୍ବିଶେଷରେ ସମସ୍ତେ ଏଥିରେ ସାମିଲ ହୋଇଛନ୍ତି ମାତ୍ର ଏହି ଦାବିକୁ ସରକାର କର୍ଣ୍ଣପାତ କଲେ ନାହିଁ। ଯଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ଆବଶ୍ୟକୀୟ ଭିତ୍ତିଭୂମି ଥାଇ ଆଗରପଡ଼ା ପ୍ରତି ଏହିପରି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବାଁଶଡା ଗାଁର ଗର୍ବ ଛାତ୍ର ଶୁଭପ୍ରକାଶ



ଭଦ୍ରକ, ୩୧।୮ (ସମିସ): ଭଦ୍ରକ ଜିଲ୍ଲା ବାଁଶଡା ଗାଁ ପାଇଁ ଗୌରବ ଆଣିଛନ୍ତି ଜଣେ ଷଷ୍ଠ ଶ୍ରେଣୀର ଛାତ୍ର। ଚଳିତ ବର୍ଷ ଶୁଭପ୍ରକାଶ ବାଁଶଡା ହାଇସ୍କୁଲରେ ନବମ ଶ୍ରେଣୀର ଅଧ୍ୟୟନରତ ଛାତ୍ର। ଗତ ୨୦୨୩/୨୪ ଶିକ୍ଷା ବର୍ଷରେ ସେ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପାଇଁ ପରୀକ୍ଷା ଦେଇଥିଲେ। ୩୦ ତାରିଖରେ ଏହି ପରୀକ୍ଷାର ମେଧା ତାଲିକାର ଫଳାଫଳ ପ୍ରକାଶ ପାଇଛି। ଏହି ମେଧା ବୃତ୍ତି ପାଇଁ ସେ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡିଛି। ସେ ଚାନ୍ଦବାଲି ବ୍ଲକର ମେଧାବୀ ଛାତ୍ର ହୋଇଥିବା ଭଦ୍ରକ ଡିଇଓଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏହାକୁ ନେଇ ତମାମ ଧାମରା ଅଞ୍ଚଳରେ ଖୁସି ଦେଖିବାକୁ ମିଳିଛି। ପ୍ରକାଶ ଥାଉକି, ଶୁଭପ୍ରକାଶ ହେଉଛନ୍ତି ପ୍ରାକ୍ତନ ଖେଳ ଶିକ୍ଷକ ଅମୂଲ୍ୟ କୁମାର ସ୍ୱାଇଁଙ୍କ ପୁତୁରା। ଏହି ସଫଳତା ପାଇଁ ଭଦ୍ରକ ଡିଇଓ, ଚାନ୍ଦବାଲି ବିଇଓ, ବାଁଶଡା ୟୁପିଏମଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମଲ୍ଲିକ, ଗଣିତ ଶିକ୍ଷକ ରବୀନ୍ଦ୍ର ଦାସ, ବାଁଶଡା ହାଇସ୍କୁଲର ପ୍ରଧାନଶିକ୍ଷକ ସର୍ବେଶ୍ୱର ପାଢ଼ୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

## ଦୁର୍ଗନ୍ଧରେ ଫାଟି ପଡୁଛି ତିହିଡ଼ି



ଦୋଲସାହି, ୩୧।୮ (ସମିସ): ଦୁର୍ଗନ୍ଧରେ ଫାଟି ପଡୁଛି ବ୍ଲକ୍ ସଦରମହକୁମା ତିହିଡି। ତିହିଡି ଥାନା ପାଖରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ରାଜପଥ ରାସ୍ତାର ଦୁଇ ପାର୍ଶ୍ୱରେ ବିଭିନ୍ନ ପ୍ରକାରର ଅଳିଆ ଆବର୍ଜନା ପଡ଼ି ରହିଛି। ବର୍ଷା ଦିନରେ ଏହା ପଚିସଢ଼ି ଦୁର୍ଗନ୍ଧ ସୃଷ୍ଟି କରୁଛି। ପରିଷ୍କାର ହେଉ ନଥିବା ନେଇ ପଚି ଦୁର୍ଗନ୍ଧ ହେଉଥିବା ଦେଖିବାକୁ ମିଳୁଥିଲା ବେଳେ କିଏ କରିବ ଅଳିଆ ସଫା ସଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅଳିଆ ଆବଜନା ତୁରନ୍ତ ପରିଷ୍କାର କରିବା ପାଇଁ ଅନେକ ସାମାଜିକ ସଂଗଠନର ଦାବି ହେଉଥିଲା ବେଳେ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏକ ବିଶାଳ ଅଳିଆ କୁଣ୍ଡ ନିର୍ମାଣ କରିବା ପାଇଁ ହେଉଛି ଦାବି ମଧ୍ୟ ହେଉଛି।

## ହସନାବାଦ ପଞ୍ଚାୟତରେ ବନ୍ୟା ବିପନ୍ନଙ୍କୁ ସହାୟତା



ଅସୁରାଳି, ୩୧।୮ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତର ଭାଗବତ ମଣ୍ଡପରେ ବିଜେପି ତରଫରୁ ବନ୍ୟା ପୀଡିତ ଓ ବିପନ୍ନ ପରିବାରମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ପ୍ରାୟ ୭୦୦ ଜଣ ଲୋକଙ୍କୁ ଶାଢ଼ି ଓ ଦୁଇ କିଲୋ ଅଟା ପ୍ରତ୍ୟେକ ପିଛା ବଣ୍ଟନ କରାଯାଇଛି। ଏହି ଉଦ୍ୟମରେ ବିଜେପିର ବରିଷ୍ଠ ନେତା ଓ ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ଭଦ୍ରକ ବିଜେପି ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ଧୂଷୁରୀ ମଣ୍ଡଳ ବିଜେପି ସଭାପତି ଅନିରୁଦ୍ଧ ସାହୁ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଯୁବ ନେତା ଓ ରାଜ୍ୟ ବିଜେପି ପରିଷଦ ସଦସ୍ୟ ଆଶିଷ ଜେନା, ବରିଷ୍ଠ ନେତୃତ୍ୱ କିଶୋର ଦାସ, ନିଶିକାନ୍ତ ନାୟକ, ପୂର୍ବତନ ସରପଞ୍ଚ ପ୍ରଦୀପ ମାଝୀ, ବାଦଲ ବିଶ୍ୱାଳ, ରମାକାନ୍ତ କୁଅଁର, କମଳାକାନ୍ତ ପୁହାଣ, ଦିଗମ୍ବର ମଲ୍ଲିକ, ନମିତା ପଣ୍ଡା, ସବୀର ଦାସ, ଅଭୟ ସାହୁ, ଏଚଆରଡିଏସ ସଦସ୍ୟା ରାଜଶ୍ରୀ ସାହୁ, ପୂର୍ଣ୍ଣସ୍ମିତା ମହାରଣା ଓ ଶୁଭମ ସାହୁ ଉପସ୍ଥିତ ଥିଲେ।

## ମଦ୍ରସା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଧାମନଗର, ୩୧।୮ (ସମିସ): ଧାମନଗର ଏନଏସିଅନ୍ତର୍ଗତ ବଡ଼ବଜାରଠାରେ ବହୁପୁରାତନ ଶିକ୍ଷାନୁଷ୍ଠାନ ମଦ୍ରସା ଗୌସିଆ-ଗୌଫିଆର ସହକାରୀ ଶିକ୍ଷକ ସେକ୍ ସିରାଜୁଦ୍ଦିନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଗ୍ରାମବାସୀବୃନ୍ଦ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୟଦ ଫାରୁକ ରଜାଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଶିକ୍ଷକ ସେକ ଅବଦୁଲ ହାକିମ ଆୟୋଜିତ ସଭାକୁ ପରିଚାଳନା କରିଥିଲ। ସମ୍ମାନିତ ଅତିଥି ଭାବେ ଧାମନଗର ସାଧନ କେନ୍ଦ୍ରସ୍ତରୀୟ ସଂଯୋଜକ ଏମଡି ମୋଜାଫର ହୋସେନ ଯୋଗ ଦେଇଥିବା ବେଳେ ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଆଲହାଜ୍ ସେକ ମନୋଓର ଅହେମ୍ମଦ, ଏସାନୁଲ ହୋଦା, ସେକ ଗୋଲାମ ମୋହିଉଦ୍ଦିନ, ସେକ୍ ଆଲାଉଦ୍ଦିନ୍, ଗୋଲାମ ଜିଲାନି, ସେକ ଜାଫର ଅଲ୍ଲୀ, ସେକ୍ ତାର ବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଦ୍ରସାର ସହକାରୀ ସେକ ମୁକ୍ତାର ଅହେମ୍ମଦ ମାନପତ୍ର ପାଠ କରଥିବା ବେଳେ ଶେଷରେ ମଦ୍ରସା ଶିକ୍ଷକ ସଂଘ ନେତା ତଥା ଶିକ୍ଷକ ସେକ ଆଫତାବ ଆଲାମ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ଏମଡି ଫଏଜୁଲ ଓରା, ମହମ୍ମଦ ଅବଦୁଲ୍ ମାନ୍ନାନ, ସେକ୍ ଫରିବ୍, ସେକ୍ ମତିଉଲା, ସେକ୍ ଆଜାଦଙ୍କ ସମେତ ଏସଏଚଜି ଗ୍ରୁପର ମହିଳା ସହଯୋଗ କରିଥିଲେ।

## ଭାବଗ୍ରାହୀ ଖୁଣ୍ଟିଆଙ୍କୁ ବିଦାୟ ସମ୍ବର୍ଦ୍ଧନା

ଧାମନଗର, ୩୧।୮ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଷୋଳଗାଁ ନୋଡାଲ ଉ:ପ୍ରା ବିଦ୍ୟାଳୟର ସୁନାମ ଅର୍ଜନ କରିଥିବା ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ଲେଙ୍କା ସଭାପତିତ୍ୱରେ ଏକ ଅବସରକାଳୀନ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଭାସ୍କର ସାମଲ ସଭା ଉଦଘାଟନ କରିଥିବା ବେଳେ ଏବିଓ ହେମେନ୍ଦ୍ର ନାଥ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଭଦ୍ରକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ସ୍ଥାନୀୟ ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଏବିଓ ତପନ ଦ୍ୱିବେଦୀ, ସତ୍ୟସୁନ୍ଦର ପରିଡା, ଶାନ୍ତିଲତା ରାଉତ, ଶିକ୍ଷାବିତ ଉମେଶଚନ୍ଦ୍ର ପଣ୍ଡା, ଶ୍ରୀଚରଣ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ଗୋବିନ୍ଦ ବିଶ୍ୱାଳ, ନିରଞ୍ଜନ କର, ଚିତ୍ତରଂଜନ ଦାଶ, ସଚୀକାନ୍ତ ପଣ୍ଡା, ରାଜେନ୍ଦ୍ର ଖୁଣ୍ଟିଆ, ରୂପକ ମିଶ୍ର, ପ୍ରଶାନ୍ତ ବେହେରା, ବାଣୀକବି ଦୟାନିଧି ମିଶ୍ର, ନରେନ୍ଦ୍ର ମଲ୍ଲିକ, ଗୁରୁଶ୍ରୀ ସୁବାସଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ



ମୋନାଲିସା ତ୍ରିପାଠୀ, ଦିଲ୍ଲୀପ ସାହୁ, ପ୍ରଦ୍ମବତୀ ନାଇକ, ପ୍ରଶାନ୍ତି ଟିଗା, ଏଲୋରା ପ୍ରିୟଦର୍ଶିନୀ ଖୁଣ୍ଟିଆଙ୍କ ସହ ଛାତ୍ରଛାତ୍ରୀ, ଗ୍ରାମବାସୀ, ପରିଚାଳନା କମିଟି ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ନିରାକାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାମନଗର ବ୍ଲକ ବନ୍ୟା ଦୁର୍ଦ୍ଦଶାର ସ୍ଥାୟୀ ପ୍ରତିକାର ଦାବି



ଧାମନଗର, ୩୧।୮ (ସମିସ): ଧାମନଗର ବ୍ଲକ ଅଞ୍ଚଳର ଚିର ସହଚର ବନ୍ୟା ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ବୁଦ୍ଧିଜୀବୀଙ୍କ ମହଲରୁ ରାଜ୍ୟ ସରକାରଙ୍କଠାରେ ଦୃଢ଼ ଦାବି କରାଯାଇଛି। ଭୀମକୁଣ୍ଡ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାସହ ବୈତରଣୀ ନଦୀର ବାମପାର୍ଶ୍ୱ ବନ୍ଧକୁ କ୍ୟାପିଟାଲ ଏମ୍ବାଙ୍କମେଣ୍ଟରେ ପରିଣତ କରିବା ପାଇଁ ବୁଦ୍ଧିଜୀବୀମାନେ ମତ ବ୍ୟକ୍ତ କରିଛନ୍ତି। ଧାମନଗର ପ୍ରେସକ୍ଲବ ଗୃହରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ୟା ନିୟନ୍ତ୍ରଣ ନେଇ ଅନେକ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ଦୀର୍ଘ ପ୍ରାୟ ଛଅ ଦଶନ୍ଧି ଧରି ଦାବି କରାଯାଉଥିବା ବୈତରଣୀ ନଦୀର ଭୀମକୁଣ୍ଡ ଯୋଜନା କିମ୍ବା ତା'ର ବିକଳ୍ପ କାନପୁର ବହୁମୁଖୀ ଯୋଜନା କାର୍ଯ୍ୟକାରୀ କରାଯାଇ ଭଦ୍ରକ ଜିଲ୍ଲାର ଭଣ୍ଡାରୀପୋଖରୀ, ଧାମନଗର,ତିହିଡି ଓ ଚାନ୍ଦବାଲି ବ୍ଲକର ବନ୍ୟା ନିୟନ୍ତ୍ରଣ ତଥା ଜଳସେଚନର ସୁବନ୍ଦୋବସ୍ତ କରାଯିବା, ବୈତରଣୀ ନଦୀର ଉତ୍ତର ପାର୍ଶ୍ୱ, କୋଚିଲା, ଗେଙ୍ଗୁଟି, ରେବ ଓ କପାଳି ନଦୀର ଉଭୟ ପାର୍ଶ୍ୱ ବନ୍ଧକୁ କ୍ୟାପିଟାଲ ଏମ୍ବାଙ୍କମେଣ୍ଟ କରାଯିବା, ହସନାବାଦ, ଅର୍ଜ୍ଜୁନପୁର, ପଧାନୀ ପଞ୍ଚାୟତକୁ ବନ୍ୟା ସମୟରେ ତଳପାଣିରୁ ରକ୍ଷା କରିବା ପାଇଁଏକ ସୁଦୃଢ ଆଡିବନ୍ଧ ନିର୍ମାଣ କରାଯିବା, ଧାମନଗର ଅଞ୍ଚଳରେ ପ୍ରବାହିତ ଉକ୍ତ ନଦୀବନ୍ଧଗୁଡିକୁ ଜଳସମ୍ପଦ ବିଭାଗରୁ ବାଦ୍ ଦିଆଯାଇ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବା, ବୈତରଣୀ, କୋଚିଲା, ଗେଙ୍ଗୁଟି, ରେବ ଓ କପାଳି ନଦୀର ବିଭିନ୍ନ ସ୍ଥାନରେ କେନାଲ ମାନ ଖନନ କରାଯାଇ ନଦୀ ସଂଯୋଗୀକରଣ କରାଯିବା ଆଦି ଦାବିଗୁଡିକ ଉପସ୍ଥାପନ କରାଯାଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଧାମନଗର ଅଞ୍ଚଳର ବନ୍ୟା ନିୟନ୍ତ୍ରଣ ନିମନ୍ତେ ଏହି ଦାବି ଗୁଡିକର ଯଥାର୍ଥତାକୁ ଉପଲବ୍ଧି କରି ଲକ୍ଷ ଲକ୍ଷ ଲୋକଙ୍କୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ସରକାର ପଦକ୍ଷେପ ନେବାକୁ ବୁଦ୍ଧିଜୀବୀଙ୍କ ତରଫରୁ ଦାବି କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରସାନନ୍ଦ ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ସଞ୍ଜୟ ମିଶ୍ର, ସଚୀକାନ୍ତ ପଣ୍ଡା, ରମେଶଚନ୍ଦ୍ର ବେହେରା, ସୁଶାନ୍ତ ରାଉତ, ରବିନ୍ଦ୍ର ଜେନା, ରଜତ ପଣ୍ଡା, ବାସୁଦେବ ଜେନା, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ଓ ଧାମନଗର ପ୍ରେସ କ୍ଲବର ସଭାପତି କିଶାନ ରାଉତ ଧାମନଗର ବନ୍ୟା ନିୟନ୍ତ୍ରଣ ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।

## ନାମକୁ ମାତ୍ର ନିର୍ଦ୍ଦେଶନାମା || ଡିଜେ ଶୋଭାଯାତ୍ରାକୁ ଅଙ୍କୁଶ ନାହିଁ

ବାରିକପୁର, ୩୧।୮ (ସମିସ)




ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଉତ୍ସବଠାରୁ ଏବେ ପାର୍ବଣ ଋତୁ ଆରମ୍ଭ ହୋଇ ଯାଇଛି। ଗାଁଠୁ ସହର ସବୁଠି ଉତ୍ସବ ମୁଖର ପରିବେଶ ସୃଷ୍ଟି ହୋଇଛି। ସଂପ୍ରତି ଗଣେଶ ପୂଜା ଉତ୍ସବର ଉଦଯାପନୀ ସମୟ ଉପନୀତ ହୋଇଥିବା ବେଳେ ଅଧିକାଂଶ ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଯଦିଓ ପାର୍ବଣ ପାଇଁ ଡିଜେ ଶୋଭାଯାତ୍ରା ଉପରେ ରୋକ ଦେବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି କିନ୍ତୁ ଏହାକୁ କେହି ଖାତିରି କରୁନାହାନ୍ତି। ପୂଜା କମିଟିଗୁଡିକ ସ୍ଥାନୀୟ ପୁଲିସକୁ ହାତକରି ସବୁଠି ଡିଜେ ସାଉଣ୍ଡକୁ ଶୋଭାଯାତ୍ରାରେ ସାମିଲ କରୁଥିବା ଦେଖାଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ କୋରିଗାଁଠାରେ ଗତ ଶନିବାର ସନ୍ଧ୍ୟାରେ ଗଣେଶଙ୍କ ଭଷାଣୀ ଶୋଭାଯାତ୍ରାରେ ଡିଜେ ବାଜୁଥିବା ଖବର ପାଇ ସେଠାରେ ଧାମନଗର ପୋଲିସ ପହଞ୍ଚିଥିଲା। ପୂଜା କମିଟି ଓ ପୁଲିସ ମଧ୍ୟରେ ମଧ୍ୟ ଯୁକ୍ତିତର୍କ ଖୁବ ଜୋରରେ ହୋଇଥିଲା। ଏପରିକି ଡିଜେ ବନ୍ଦ କରିବା ପାଇଁ ପୋଲିସ ନାକେଦମ ହୋଇଥିବା ବେଳେ ଏଥିପାଇଁ ହଟହଟା ମଧ୍ୟ ହୋଇଥିବା ଜଣାପଡିଛି। ସେହିଭଳି ଆକୁଳିକଣା, ମାଳଦା,ରାଣୀଗଡିଆ, ରହଣିଆ ପ୍ରମୁଖ ସ୍ଥାନରେ ପୁଲିସ ଜାଣତରେ ଏଭଳି ବେଆଇନ ଡିଜେ ବାଜୁଥିବା ଜଣାପଡିଛି। ବିଶେଷ କରି ପଶ୍ଚିମବଙ୍ଗର ଡିଜେ ସାଉଣ୍ଡ ଏବେ ଲୋକଙ୍କ ପାଇଁ ଘାତକ ସାଜୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଭସାଣି ବେଳେ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସାଉଣ୍ଡ ବ୍ୟବହାର ପାଇଁ ପୋଲିସ ସ୍ୱୀକୃତି ପ୍ରଦାନ କରୁଥିବା ବେଳେ ସମସ୍ତେ ଏହାକୁ ବେଖାତିର କରି ଉଚ୍ଚ କ୍ଷମତା ସମ୍ପନ୍ନ ଡିଜେ ସାଉଣ୍ଡ ବ୍ୟବହାର କରୁଛନ୍ତି। ଡିଜେ ସାଉଣ୍ଡ ବ୍ୟବହାର ଯୋଗୁ ହୃଦଘାତ ଓ ଉଚ୍ଚ ରକ୍ତଚାପ ଜନିତ ରୋଗରେ ପୀଡିତ ରୋଗୀଙ୍କ ଅବସ୍ଥା ବେଳେ ବେଳେ ସଙ୍କଟାପନ୍ନ ହେଉଛି। ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଶୋଭାଯାତ୍ରାଗୁଡ଼ିକରେ ଡିଜେ ସାଉଣ୍ଡ କାୟା ମେଲାଉଛି ବୋଲି ମତପ୍ରକାଶ ପାଇଛି। ତେଣୁ ଏହା ଉପରେ କଡାକଡି ଆଇନ ପ୍ରଣୟନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ବାସୁଦେବପୁର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

ବାସୁଦେବପୁର, ୩୧।୮ (ସମିସ):




ବାସୁଦେବପୁର ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ନୂଆ ବସଷ୍ଟାଣ୍ଡରୁ ଟାଉନହଲ ପର୍ଯ୍ୟନ୍ତ ଗଣଦୌଡ଼କୁ ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା ଶୁଭାରମ୍ଭ କରିଥିଲେ। ପୌରପାଳିକାର କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ। ଡାକ୍ତରଖାନାର ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପୂର୍ବରୁ ନବୀନ ସରକାର ସହରାଞ୍ଚଳ ଯୋଜନା ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ସାକାର ହେଲା ବୋଲି କହିଥିଲେ। ନିର୍ମାଣାଧୀନ ଥିବା ଚାରୋଟି କଲ୍ୟାଣ ମଣ୍ଡପ ଆଜି ଉଦଘାଟିତ ହୋଇଯାଇଛି । ପୌରପାଳିକାର ମନ୍ଦାରୀ ୬ନମ୍ବର ୱାର୍ଡ ଓ ସାବରପୁର ୧୫ ନମ୍ବର ୱାର୍ଡର ପ୍ରତି କଲ୍ୟାଣ ମଣ୍ଡପକୁ ୨ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ଲୋକାର୍ପିତ ହୋଇଯାଇଛି। ସେହିପରି ୱାର୍ଡ ନମ୍ବର ୧୨ ମାଲୁ ସାହି ଓ ୱାର୍ଡ଼ ନମ୍ବର ୧୮ ହାମ୍ଦୁଡା ଆଡିଠାରେ ପୃଥକ ପୃଥକ ଭାବେ ୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ଲୋକାର୍ପିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ସାଂସଦଙ୍କ ପ୍ରତିନିଧି ଜୟପ୍ରକାଶ ମଲ୍ଲିକ, ପୌରପାଳିକାର ଅଧ୍ୟକ୍ଷ ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ଓ ବିଭିନ୍ନ ୱାର୍ଡର କାଉନସିଲର ଯୋଗ ଦେଇଥିଲେ। ପୂର୍ବ ସରକାରଙ୍କ ୭ କୋଟି ଟଙ୍କାର ବ୍ୟୟରେ ବାସୁଦେବପୁର ସହରାଞ୍ଚଳକୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାର ଆଜି ଦ୍ୱିତୀୟ ପର୍ଯ୍ୟାୟ ଲୋକାର୍ପିତ ହେଉଥିବାରୁ ସ୍ଥାନୀୟ ୧୨ ନମ୍ବର ୱାର୍ଡର ଗ୍ରାମବାସୀ ମାନସ ରଞ୍ଜନ ସାହୁ ଓ ସାବରପୁର ୧୬ ନମ୍ବର ୱାର୍ଡର ଅମିନୁଦ୍ଦିନ ଖାଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଧାମନଗର ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ, ରୋଗୀଙ୍କୁ ଫଳ ବଣ୍ଟନ

ଧାମନଗର, ୩୧।୮ (ସମିସ): ଧାମନଗର ଏନଏସି ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ୨୦୨୫ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଯୋଗ ଦେଇ କାର୍ଯ୍ୟାଳୟ ସମ୍ମୁଖରେ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଚିକିତ୍ସିତ ହେଉଥିବା ରୋଗୀ କାଞ୍ଚିଆପାଳ ଆଶ୍ରମରେ ପିଲାମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପରେ ଏନଏସି କଲ୍ୟାଣ






ମଣ୍ଡପଠାରେ ଅଧ୍ୟକ୍ଷା ନିବେଦିତା ଜେନା ଅନୁପସ୍ଥିତ ଯୋଗୁଁ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ସଭାପତିତ୍ୱରେ ସରୋଜ ମହାପାତ୍ର ସାଂସଦ ନଗର ପ୍ରତିନିଧି ସଭା ସଂଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସଚନ୍ଦ୍ର ମହାପାତ୍ର, ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ପାରିଷଦ ବୃନ୍ଦ ଉତମ ମହାନ୍ତି, ଜାନକୀଲତା ସେଠୀ, ଉମେତୁଲ ଏନ୍.ସେକ ଜୈନୁଲ୍ ହକ୍, ଅନୁ ମୁଣ୍ଡା, ସ୍ୱାଧିନ ସମ୍ବିତ ଦାଶ, ରହିମା ଖାତୁନ, ନଜମା ଖାତୁନ, ଅନୁସୟା ମଲ୍ଲିକ, ସୁବାସିନ କର ପ୍ରମୁଖ ଯୋଗ ଦେଇଥିଲେ। ଏନଏସି ପକ୍ଷରୁ ମଣ୍ଡପ ପରିସରରେ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନଏସି କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ ସମସ୍ତ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ପ୍ରମୁଖ ସହଯୋଗ କରିଥିଲେ। ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଧାଗୋବିନ୍ଦ ଧାମରେ ରାଧାଷ୍ଟମୀ



ବାରିକପୁର,୩୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣ ରାଧାଗୋବିନ୍ଦ ଧାମରେ ଆଜି ପବିତ୍ର ରାଧାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି। ଧାମର ବରିଷ୍ଠ ପରିଚାଳକ ଶିକ୍ଷାବିତ ରାମଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ କ୍ଷୀରୋଦଚନ୍ଦ୍ର ଦାସ ପୂଜାର୍ଚ୍ଚନା କରିଥିଲେ। ସଦଗୁରୁ କୃପାଳୁଜୀ ମହାରାଜ ଓ ରାଧାକୃଷ୍ଣଙ୍କ ପ୍ରାତଃ ଚରଣ ପୂଜନ, ଆଳତୀ, ବାଲ୍ୟ ଭୋଗ ଅର୍ପଣ ସହିତ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଳଦା ସମେତ ଜଳହରି, ଚତୁର୍ଭୁଜପୁର, ରାଢୋ, ଜୋରାଗଡିଆ, ନପଙ୍ଗ, ସାରଣା, ବିରୋଳୀ ପ୍ରମୁଖ ଗ୍ରାମର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଦିବସ ଭରି ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମକୁ ଭକ୍ତହରି ରାଉତ, ଘନଶ୍ୟାମ ସାମଲ, ଆନନ୍ଦ ପଲେଇ, ହରିହର ପାଣିଗ୍ରାହୀ, ଗୋପାଳକୃଷ୍ଣ ପଣ୍ଡା, ଚନ୍ଦ୍ରମଣି ବେହେରା, ସ୍ନେହଲତା ମହାନ୍ତି, ପ୍ରଭାତୀ ପଣ୍ଡା, ରଞ୍ଜିତା ସାମଲ, ସ୍ୱନୀତା ସାମଲ, ବାସନ୍ତୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଧାମନଗର ଏନ୍‌ଏସି ଅଧ୍ୟକ୍ଷାଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ, ୩୧।୮ (ସମିସ): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ନିବେଦିତା ଜେନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଅର୍ପଣ କରିବା ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଆଜିର ଐତିହାସିକ ଦିବସରେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ୩ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପୁରସ୍କାର

## ୩ କୋଟି ମଞ୍ଜୁର ପାଇଁ କୃତଜ୍ଞତା

ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏତତ୍‌ବ୍ୟତୀତ କେତେକ ସମସ୍ୟା ଓ ନିରାକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୀର୍ଘଦିନ ହେବ ଟେଣ୍ଡର ହୋଇଥିବା ଧାମନଗର ବାଇପାସ ରୋଡ ସମସ୍ୟାର ସ୍ଥାୟୀ ସମାଧାନ, ଧାମନଗର ଛକର ଏନଏଚ୍-୧୬୦ାରୁ ଧାମନଗର ବଜାର ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ସମସ୍ୟାର ସମାଧାନ, ଐତିହାସିକ ଜଗୁସାଗର ପୋଖରୀର ପୁନଃରୁଦ୍ଧାର ଓ ଏହାର




ସୌନ୍ଦର୍ଯ୍ୟକର. ନୂତନ ଏନଏସି ଗୃହ ନିର୍ମାଣ କାର୍ଯ୍ୟର ସମସ୍ୟା ଓ ସମାଧାନ, ବସଷ୍ଟାଣ୍ଡ କାର୍ଯ୍ୟ ସମସ୍ୟାର ସମାଧାନ, "ଯଅ" ନାଳ ସଂସ୍କାର ଓ ଜଳ ନିଷ୍କାସନର ସ୍ଥାୟୀ ସମାଧାନ, ଚାଷଜମିର ଜଳ ନିଷ୍କାସନ ଏବଂ ସ୍ଥାୟୀ ସମାଧାନ, ଧାମନଗରରେ ଏକ ସଂସ୍କୃତି ଭବନ ନିର୍ମାଣ, କାଟଣାପାଇ ମିନି ଷ୍ଟାଡିୟମର ପୁନରୁଦ୍ଧାର ଓ ନବୀକରଣ, ଏକ ଷ୍ଟେଟ ବ୍ୟାଙ୍କର ଶାଖା ପ୍ରତିଷ୍ଠା, ଧାମନଗର ପୋଷ୍ଟ ଅଫିସର ନିଜସ୍ୱ ସ୍ଥାୟୀ ଅଫିସ ଗୃହ ନିର୍ମାଣ ଆଦି ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲେ ଧାମନଗରବାସୀ ଉପକୃତ ହେବେ ବୋଲି ସେ ଜଣାଇଛନ୍ତି।

# ଜାତୀୟ କ୍ରୀଡ଼ା ଦିବସର ଉଦ୍‌ଯାପିତ



ଭଦ୍ରକ, ୩୧।୮ (ସମିସ): ଜାତୀୟ କ୍ରୀଡା ଦିବସର ଉଦଯାପନୀ ଉତ୍ସବରେ ସକାଳେ ଏକ ସାଇକଲ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ୟାମଳ ରାୟ, ଡେପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଓଏସଡି ରମେଶଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ଭବନରେ ଏକ ବକ୍ତୃତା ସହିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଉପଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ୟାମଳ ରାୟ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ଓଏସଡି ରମେଶଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ଜିଲ୍ଲାରେ କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଖେଳାଳିଙ୍କୁ ସମ୍ବୋଧିତ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# ଶତାୟୁ ପୁରୁଷ ଭାସ୍କର ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୩୧।୮ (ସମିସ): ତିହିଡ଼ି ବ୍ଲକ୍ ବୋଡ଼କ ପଞ୍ଚାୟତର ଅଣ୍ଡରାଇ ଗ୍ରାମର ବର୍ଷୀୟାନ ବ୍ୟକ୍ତିତ୍ୱ ଶତାୟୁପୁରୁଷ ଭାସ୍କର ମଲ୍ଲିକଙ୍କ ବିୟୋଗରେ ତାଙ୍କ ଏକାଦଶାହ ଅବସରରେ ଅଣ୍ଡରାଇ ସେବା ସମବାୟ ସମିତି ପ୍ରାଙ୍ଗଣରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଥିଲା। ବରିଷ୍ଠ ସାମ୍ବାଦିକ ଅଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସଞ୍ଚାଳିତ ସଭାରେ ତିହିଡ଼ି ବ୍ଲକର ବୋଡ଼କ, ବିଲଣା, ତଳଗୋପବିନ୍ଧା ଏବଂ ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥଲେ। ଧାମନଗର ବ୍ଲକର କାଶୀମପୁର, କଟସାହି ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଶା ବହୁଜନ ସାମୁଖ୍ୟ ରାଜ୍ୟ ସଭାପତି ବିଶ୍ୱନାଥ ଜେନା, ସମାଜସେବୀ ଓ ସମାଜ ସଂସ୍କାରକ ଭାଗବତ ପଳାଇ, ଅମବିକାଶ ଦଳର ରାଜ୍ୟ ଉପସଭାପତି ପ୍ରକାଶ ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ବୀରେନ୍ଦ୍ର ମଲ୍ଲିକ, ଶିଳ୍ପୀ ଜୟନ୍ତ ନାୟକ, ଅଧ୍ୟାପକ ଉମାକାନ୍ତ ମହାଲିକ, ଯୁବନେତା ତଥା ସମାଜସେବୀ ଅଭୟ ମଲ୍ଲିକ, ବୋଡ଼କ ସମିତିସଭ୍ୟ ଜୟପ୍ରକାଶ ମଲ୍ଲିକ, ସରପଞ୍ଚଙ୍କ ପ୍ରତିନିଧି ବିଷ୍ଣୁମୋହନ ଜେନା, ସମାଜସେବୀ ପ୍ରଭାତ ଜେନା, କ୍ଷୀରସିନ୍ଧୁ ବାରିକ, ମୁକ୍ତିକାନ୍ତ ନାୟକ ଯୋଗ ଦେଇଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାର ଆଭିମୁଖ୍ୟ ପ୍ରଦାନ ସହ ବହୁ ଦୂରରୁ ଆସି ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପରିବାର ତରଫରୁ କୃତଜ୍ଞତା ଜଣାଇଥିଲେ ତାଙ୍କର କନିଷ୍ଠ ଭାଇ ମଞ୍ଚ କଳାକାର ଓ ସମାଜସେବୀ କାଳନ୍ଦୀ ମଲ୍ଲିକ।



# ରୁଆ ଧାନରୁ ହୋଇପାରୁନି ଜଳ ନିଷ୍କାସନ

ବାରିକପୁର, ୩୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଉତ୍କଟ ଡ୍ରେନେଜ ସମସ୍ୟା ଦେଖାଦେଇଛି। ବିଶେଷ କରି ରୁଆ ଜମିରୁ ଉଦ୍ଧୃତ ଜଳ ନିଷ୍କାସିତ ହୋଇପାରୁନାହିଁ। ଫଳରେ ଚାଷୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ମୁତାବକ, ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦୁଇ ତିନି ବର୍ଷ ହେବ ଡ୍ରେନେଜ ନାଳ ଗୁଡିକ ପୁନରୁଦ୍ଧାର ହୋଇପାରିନାହିଁ। ନାଳଗୁଡିକରେ ଅମରି ବଣ ମାଡି ଯାଇଥିବା ବେଳେ ସ୍ଥାନେ ସ୍ଥାନେ ଏହା ଜଙ୍ଗଲ ଭ୍ରମ ମଧ୍ୟ ସୃଷ୍ଟି କରୁଛି। ବ୍ଲକର କୁରିକଣାଠାରୁ କୁରିଗାଁ ଯାଏଁ ଯାଇଥିବା ଡ୍ରେନେଜ ନାଳ ସହିତ ଜୋରାଗଡିଆଠାରୁ ଚତୁର୍ଭୁଜପୁର, ରାଢୋଠାରୁ ନୌରଙ୍ଗପୁର, ଛତାବରଠାରୁ



ରେବୋ, ଯଶୋଟିକିରିଠାରୁ ଛତାବର ପ୍ରମୁଖ ନାଳଗୁଡିକ ଏଯାଏଁ ସଫା ହୋଇପାରିନାହିଁ। ଫଳରେ ନାଳ ସଂଲଗ୍ନ ହଜାର ହଜାର ହେକ୍ଟର ଚାଷ ଜମିରୁ ଅନାବଶ୍ୟକ ଭାବେ ଜମି ରହୁଥିବା ପାଣି ଠିକ ସମୟରେ ନିଷ୍କାସିତ ହୋଇପାରୁନାହିଁ। ଏଥିଯୋଗୁଁ ସଦ୍ୟ ରୁଆ ହୋଇଥିବା ଧାନ ଗଛଗୁଡିକ ଦିନ ଦିନ ଧରି ପାଣିରେ ବୁଡି ରହୁଛି। ଏହାଛଡା ବୈତରଣୀରେ ବନ୍ୟା ଆସିବା ଯୋଗୁଁ କେତେକ ଖାଲୁଆ ଚାଷ ଜମିରେ ପାଣି ଜମି ରହିଥିବା ବେଳେ ଲତାଗୁଳ୍ମ ଭରା ଡ୍ରେନେଜରେ ଏହା ଦୃତ ବେଗରେ ନିଷ୍କାସିତ ହୋଇ ପାରୁନାହିଁ। ଏଭଳି ଚିତ୍ର ବିରୋଳି, ଶାସନ, ତିଖିଲିଆ, ସାରଣା, ଦେଉଳପଦୀ ପ୍ରମୁଖ ସ୍ଥାନରେ ଦେଖାଦେଇଛି। ନାଳ ପାର୍ଶ୍ୱବର୍ତ୍ତୀ ଗ୍ରାମ୍ୟ ରାସ୍ତାଗୁଡିକ ମଧ୍ୟ ବୁଡି ଯାଉଥିବା ଦେଖାଯାଉଛି। ଏହା ଉପରେ ଡ୍ରେନେଜ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଚାନ୍ଦବାଲି ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ




ଭଦ୍ରକ, ୩୧।୮ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନଏସି ପ୍ରଶାସନ ପକ୍ଷରୁ ପତାକା ଉତ୍ତୋଳନ ପରେ ଚାନ୍ଦବାଲି ଏନଏସିରେ ବିଜୁ ସ୍ମୃତି ଭବନ ପରିସରରେ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳିତ ହୋଇଥିଲା। ଏନଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାର ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅଥିତି ଭାବେ ଚାନ୍ଦବାଲି ବିଧାୟକ ଡ଼ ବ୍ୟୋମକେଶ ରାୟ, ବିଶେଷ ଅତିଥି ଭାବେ ବିଡିଓ ସଂଜୀବ କୁମାର ମହାପାତ୍ର ତହସିଲଦାର ଭବତୋଷ ମଲ୍ଲିକ ଓ ଏନଏସି ଅଧିକାରୀ ଅଭାସ ରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ। ସ୍ମୃତିରଞ୍ଜନ ତରାଇ, ଯନ୍ତ୍ରୀ ପ୍ରଭାତ ସାହୁ, ପାରିଷଦ ଚନ୍ଦନ କୁମାର ରାଉତ, ଅମର ସେଠୀ, ଅମ୍ବିକା ପ୍ରସାଦ ବେହେରା, ମନରଞ୍ଜନ ମହାନ୍ତି, ଶୀତ ମୋହାଲିକ, ଋତୁପର୍ଣ୍ଣା ଦାସ, ଶାଡିଆ ସେହେରାଜ ଉପସ୍ଥିତ ଥିବା ବେଳେ ବିଜେପି ନେତା ପୂର୍ଣ୍ଣଚନ୍ଦ୍ର ପାଣି, ଉପେନ୍ଦ୍ର କୁମାର ରାଉଳ, କମଳାକାନ୍ତ ସୂତାର, କିଶ୍ୱର ନାୟକ, ଜଗନ୍ନାଥ ରାଉତ, ନରେଶଚନ୍ଦ୍ର ମାଝୀ, ପ୍ରିନ୍ସ ରାକେଶ ନାୟକ, ଦ୍ୱିଜବର ରାଉତ, ଏସ କେ ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏନ୍‌ଏସିରେ ଥିବା, ମଳପଙ୍କ ପରିଚାଳନା କେନ୍ଦ୍ରଠାରେ ନୂତନ ପ୍ରଶାସନିକ ଗୃହକୁ ଉଦଘାଟନ କରିଥିଲେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଚାନ୍ଦବାଲି ବିଧାୟକ ଡ଼ ବ୍ୟୋମକେଶ ରାୟ।

# 'ଚିନ୍ତନ ଚକ୍ର'ର ୧୬୩ତମ ଅଧିବେଶନ




ଭଦ୍ରକ, ୩୧।୮ (ସମିସ): ଭଦ୍ରକ ଚିନ୍ତନ ଚକ୍ରର ୧୬୩ତମ ଅଧିବେଶନ ଡାକ୍ତର ଦୁର୍ଯ୍ୟୋଧନ ଦାସଙ୍କ ସଭାପତିତ୍ୱରେ ଭଦ୍ରକ କ୍ଲବଠାରେ ଅନୁଷ୍ଠିତ ହୋଇଥିଲା। ସମ୍ବିତ ମିଶ୍ର ପୂର୍ବ ବୈଠକର ବିବରଣୀ ପାଠ କଲା ପରେ ଚିନ୍ତନ ଚକ୍ରର ପ୍ରତିଷ୍ଠାତା ସୁରେନ୍ଦ୍ର ମିଶ୍ରଙ୍କ ତିରୋଧାନ ଦିବସ ଉପଲକ୍ଷେ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରେ ବିଜୟ କୁମାର ବହଳୀ "ଭାରତ ବିଭାଜନ କିଛି କଥା କିଛି ବ୍ୟଥା' ଏକ ପ୍ରବନ୍ଧ ପାଠ କରିଥିଲେ। ଡ.ଗୋଲକ ବିହାରୀ ସାହୁ, ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଘନଶ୍ୟାମ ଲେଙ୍କା ମଦନ ମୋହନ ମହାକୁଡ, ଘନଶ୍ୟାମ ଲେଙ୍କା, ରତିକାନ୍ତ ଦାସ, ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରବନ୍ଧ ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଅଟଳ ବିହାରୀ ନାୟକ, ହରିଶଚନ୍ଦ୍ର ଦାସ, ରମେଶଚନ୍ଦ୍ର ନାୟକ, ବିଜୟ ସେନାପତି, କ୍ଷୀରୋଦଚନ୍ଦ୍ର ମିଶ୍ର, ଗୟାଧର ପଣ୍ଡା, ଗୋଲକ ପ୍ରସାଦ ମଲ୍ଲିକ, ଡ. ରାମଚନ୍ଦ୍ର ପଣ୍ଡା, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚିନ୍ତନଚକ୍ରର ଅନ୍ୟତମ ପ୍ରତିଷ୍ଠାତା ବରିଷ୍ଠ ଅଧିବକ୍ତା ନିତ୍ୟାନନ୍ଦ ଦାସ ଏହାକୁ ସଞ୍ଚାଳନ କରିଥିବାବେଳେ ରଞ୍ଜୀବ ରାଉତ ଧନ୍ୟବାଦ ଦେଇଥିଲେ।

# ବାଗ୍ମୀ ପ୍ରଫୁଲ୍ଲ ପଣ୍ଡାଙ୍କ ୫ମ ବାର୍ଷିକ ସ୍ମୃତି ଉତ୍ସବ

ଭଦ୍ରକ, ୩୧।୮ (ସମିସ):

ଭଦ୍ରକ ଜିଲ୍ଲା ଗଞ୍ଜାମାଳ ଗାଁଠାରେ ବିଶିଷ୍ଟ ସାରସ୍ୱତ ସାଧକ, ନାଟ୍ୟ ଗବେଷକ, ସମୀକ୍ଷକ ସ୍ୱର୍ଗତ ପ୍ରଫୁଲ୍ଲ ପଣ୍ଡାଙ୍କ ସ୍ମୃତି ଉତ୍ସବ ବୁଦ୍ଧିଜୀବୀ, ସାହିତ୍ୟିକ, ସମାଜସେବୀଙ୍କ ଗହଣରେ ପାଳିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ବାଇଧର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ କୃଷିକବି ଅରୁଣ ପାତ୍ର, ମୁଖ୍ୟବକ୍ତା ଭାବରେ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସଂସ୍କୃତ ବିଦ୍ୱାନ ପ୍ରମୋଦ ନାୟକ, ସମ୍ମାନିତ ଅତିଥି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଡା. ସଞ୍ଜୟ ଦାସ, ଧାମନଗର ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଅଶୋକ ନାୟକ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦ ଦେବ ସାମଲ, ପ୍ରଫେସର ଅଟଳ ବିହାରି ନାୟକ, ସଂଗୀତକାର ସୁବାସ




ମଲ୍ଲିକ, ଲକ୍ଷ୍ମୀକାନ୍ତ ରାଉତ, ନାଟ୍ୟକାର ନିର୍ମଳ ରାଉତ, କବି ଆରୁପାନନ୍ଦ, ଏନ୍.କେ. ଦେବଶର୍ମା, ସରପଞ୍ଚ ପଦ୍ମାବତୀ ପୃଷ୍ଟି, ସମିତିସଭ୍ୟ ବଟକୃଷ୍ଣ ଜେନା, ଆନନ୍ଦ ବଜାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ପ୍ରଫୁଲ ପଣ୍ଡା ଜଣେ ବିସ୍ମୟ ସାରସ୍ୱତ ପ୍ରତିଭା ଥିଲେ ବୋଲି ମତ ପୋଷଣ କରିଥିଲେ। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଗୀତ ପରିବେଷଣ କରିଥିବା ବେଳେ କଳାକାର କାଳନ୍ଦୀ ମଲ୍ଲିକ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ, ବିଶିଷ୍ଟ କବି ସାରଥୀ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ସମ୍ପାଦକ ଜଗନ୍ନାଥ କର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଅରୁଣ ବାରିକ, ଚିତ୍ରଶିଳ୍ପୀ ପ୍ରଭାତ ଜେନା, କଳିଙ୍ଗ ଟିଭିର ଜିଲ୍ଲା ପ୍ରତିନିଧି ସାମ୍ବାଦିକ ନରେନ୍ଦ୍ର ସାମଲ, ବିଶିଷ୍ଟ ସଙ୍ଗୀତ ଶିଳ୍ପୀ କୁମାର୍ ଗୌତମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତକାର ରାମନାରାୟଣ ପଣ୍ଡାଙ୍କ ସଂଯୋଜନାରେ ସନ୍ତୋଷୀ, ଯାଜ୍ଞସେନି ଓ ପ୍ରୀୟାଂଶୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କବି ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ତାପସ ପଣ୍ଡା, ମାନସ ପଣ୍ଡା, ଉତ୍କଳମଣି ପଣ୍ଡା, ଲଲାଟେନ୍ଦୁ ପଣ୍ଡା, ସ୍ୱାଗତିକା ପଣ୍ଡା, ମହାପ୍ରସାଦ ପଣ୍ଡା, ଅମୂଲ୍ୟ ନାଥ, ଉମାକାନ୍ତ ପୁଷ୍ଟିଆ ସହଯୋଗ କରିଥିଲେ।

# ଉଦଳାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ଉଦଳା, ୩୧।୮ (ସମିସ)**



ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଭାତଫେରୀ ଶୋଭାଯାତ୍ରାରେ ବାହାରି ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ର ହୋଇଥିଲେ। ଏନ୍‌ଏସି. ଅଧକ୍ଷା, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭିନ୍ନ ୱାର୍ଡ କାଉନସିଲର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ତଥା ଧୂପ, ଦୀପ ଅର୍ପଣ କରିବା ପରେ ମଧୁବାବୁ, ବୀର ବିର୍ସାମୁଣ୍ଡା ଏବଂ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଆଦି କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ ୧ୱାର୍ଡ ନଂ ଉଦଳା ଥାନା ସମ୍ମୁଖ ରାସ୍ତାପାର୍ଶ୍ୱରେ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ନବ ନିର୍ମିତ ପ୍ରତିମୂର୍ତ୍ତୀର ଶୁଭ ଉଦ୍‌ଘାଟନ, ୧୦ ନଂ ୱାର୍ଡ ଉଦଳା ଥାନା ପରିସରରେ ନବନିର୍ମିତ ଜିମ୍‌ର ଉଦ୍‌ଘାଟନ ସହିତ ୱାର୍ଡ ନଂ-୯ରେ ନିର୍ମିତ ହେବାକୁ ଥିବା ସ୍ମାର୍ଟ ଶ୍ମଶାନର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଅଧକ୍ଷା ପ୍ରମିଳା ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଯୋଗଦେଇ ଥିଲେ। ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ. ନରେନ୍ଦ୍ର ଖମାରୀ, ତହସିଲଦାର ଉଦଳା ସୁପ୍ରଭା ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଓକିଲ ସଂଘ ସମ୍ପାଦକ ବସନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ଜେନା ବାର୍ଷିକ ବିବରଣୀ ପଠନ କରିଥିଲେ। ତତ୍‌ସହି ତତ୍‌ସହିତ ନୂତନ ଭାବେ ଅନୁମୋଦିତ ଭିନ୍ନକ୍ଷମ ଏବଂ ବିଧବା ଭତ୍ତା ପ୍ରଦାନ କରାଯିବା ସହିତ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଶ୍ରେଷ୍ଠ ସଫେଇ କର୍ମ ରୀ ଭାବେ ରମାକାନ୍ତ ମୁଖିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥ ଲା। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଉତ୍ସବରେ ମଧ୍ୟ ସମସ୍ତ ଅତିଥି ଉପସ୍ଥିତ ରହିଥିଲେ। ପ୍ରିୟ ରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ସହକାରୀ ଯନ୍ତ୍ରୀ ଧନେଶ୍ୱର ଜିଲ୍ଲା ଏବଂ କାର୍ଯ୍ୟାଳୟର କର୍ମଚାରୀ ସଞ୍ଜୟ ପାଢ଼ୀ, ସରୋଜ, ପ୍ରିତୀଶ ଜେନା, ଯତୀନ୍ଦ୍ର ବେହେରା, ଦାସରଥ ପରିଡ଼ା, ସଂଗ୍ରାମ ସାହୁ ଏବଂ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ସୂଚନା ଦେଇଛନ୍ତି।

## ବିଜାତଳା ହାଇସ୍କୁଲ-ଯୋଡ଼ାପୋଖରୀ ରାସ୍ତା ଶୋଚନୀୟ



**ରାଇରଙ୍ଗପୁର, ୩୧।୮ (ସମିସ):** ବିଜାତଳା ହାଇସ୍କୁଲ ନିକଟରୁ ଯୋଡ଼ାପୋଖରୀ ରାସ୍ତା ସାଧାରଣ ବର୍ଷାରେ କାଦୁଅ ପଚ ପଚ ହୋଇଥିବାରୁ ଛାତ୍ରଛାତ୍ରୀ ଏବଂ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଦେଇ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ସରକାରୀ ଓ ବେସରକାରୀ କର୍ମଚାରୀ, ଦୈନିକ ଯିବାଆସିବା ପାଇଁ ହଇରାଣ ହରକତ ହେଉଛନ୍ତି। ଏଥିସହିତ ଏହି ମୁଖ୍ୟ ରାସ୍ତା ଉପରେ ୪ଟି ପଞ୍ଚାୟତର ଲୋକେ ନିର୍ଭରଶୀଳ। ଏହି ରାସ୍ତା ବ୍ଲକ, ରାଜ୍ୟ ରାଜପଥ, ବିଜାତଳା ମେଡିକାଲକୁ ମଧ୍ୟ ସଂଯୋଗ କରୁଛି। ବର୍ଷା ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ଖରାପ୍ ହୋଇଯାଇଛି। ପ୍ରଶାସନ ରାସ୍ତା ମରାମତି କରିବାକୁ ଦାବି ହେଉଛି।

## ଗଣେଶ ପୂଜା ପାଇଁ ଶୁଳିଆପଦା ଉତ୍ସବ ମୁଖର

**ଶୁଳିଆପଦା, ୩୧।୮ (ସମିସ):** ଅଗ୍ର ପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ସହିତ ଆରମ୍ଭ ହୋଇଛି ପାର୍ବଣ ଋତୁ। ଏଥିପାଇଁ ଗାଁ ଗହଳି ଠାରୁ ଛକ ବଜାର ଉତ୍ସବମୁଖର ହୋଇଛି। ବିଭିନ୍ନ କ୍ଲବ୍, ଶିକ୍ଷା ଅନୁଷ୍ଠାନ, କୋଚିଂ ସେଣ୍ଟରରେ ମଧ୍ୟ ଅଗ୍ରପୂଜ୍ୟ ଗଣପତିଙ୍କର ପୂଜା ବେଶ୍ ଧୁମଧାମରେ ପାଳିତ ହୋଇଛି। ମଣ୍ଡପରେ ସନ୍ଧ୍ୟାରେ ଭିଡ ଜମିଥିଲା। ଶୁଳିଆପଦା ବ୍ଲକ ଦେଉଳି ୟୁଥ କ୍ଲବ୍‌ରେ ପୂଜା ପାଉଥିବା ପ୍ରାୟ ୧୦ ଫୁଟ୍ ଉଚ୍ଚର ଗଣେଶ ମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଶୁଳିଆପଦା, ଅଁଳାକୁଡା, ବାଙ୍ଗିରିପୋଷିର ରାଧାକୃଷ୍ଣ କ୍ଲବ, ଖଇଖିଆର ବାବା ତାରକେଶ୍ୱର ପୂଜା କମିଟିର ମଣ୍ଡପ ବୁଲି ଶ୍ରୀ ଗଣେଶଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କମଳଲୋଚନ ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ



**ବାରିପଦା, ୩୧।୮ (ସମିସ):** ମୟୂରଭଞ୍ଜ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ କମଳ ଲୋଚନ ନାଏକ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ରବିବାର ପୂର୍ବାହ୍ନରେ ବାରିପଦାସ୍ଥିତ କାର୍ଯ୍ୟାଳୟରେ ପୂର୍ବରୁ ଦାୟିତ୍ୱରେ ଥିବା ଜ୍ଞାନବଲ୍ଲଭ ଦାସଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ନାଏକ ଏହା ପୂର୍ବରୁ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ କୃଷି ଜିଲ୍ଲା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀକୁ ପଦୋନ୍ନତି ପାଇ ସେ ଏଠାରେ ଯୋଗ ଦେଇଛନ୍ତି। କୃଷି ଓ କୃଷକର ଉନ୍ନତି ଓ ବିଭିନ୍ନ କୃଷି ଓ ଆନୁସଙ୍ଗିକ ଯୋଜନା ଯେପରି ପ୍ରତ୍ୟେକ ଚାଷୀଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ମାନବିକତା ଦେଖାଇଲେ ଆଇଆଇସି



**ବଡସାହି, ୩୧।୮ (ସମିସ):** ବଡସାହି ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଫିସ କାମରେ ବାରିପଦା ଯାଇଥିବାବେଳେ ଶନିବାର ଅପରାହ୍ନରେ ସେ ଫେରୁଥିବା ବେଳେ ବାଇଗଣବାଡିଆ ଛକ ନିକଟରେ ଜଣେ ଅଜଣା ବ୍ୟକ୍ତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବା ଦେଖିଥିଲେ। ପରେ ସେ ଗାଡିରୁ ଓହ୍ଲାଇ ଷ୍ଟାଫଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ପୁଣି ବାରିପଦା ଫେରି ପିଆରଏମ ମେଡିକାଲ କଲେଜ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରାଇଛନ୍ତି।

## ଚାନ୍ଦା ନଦେବାରୁ ମରଣାନ୍ତକ ଆକ୍ରମଣ

ତୁରୁମୁଙ୍ଗା, ୩୧।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ରାଜନଗର ଗୋଶାଳାର ପରିଚାଳକ ଓ କର୍ମଚାରୀଙ୍କୁ କିଛି ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଗତ ଶନିବାର ରାଜନଗର ନନ୍ଦିନୀ ଗୋଶାଳାର ପରିଚାଳକ ସତ୍ୟବ୍ରତ ଦାଶ ବୈତରଣୀ ନଦୀ ନିକଟରେ ଗାଈଗୁଡିକୁ ଚରାଇ ଫେରୁଥିବା ସମୟରେ ମଲାରପଦା ଗ୍ରାମର ପ୍ରେମା ସିଂଙ୍କ ପୁଅ ସିଲୁଙ୍କ ସହ ଆଉ କିଛି ଯୁବକ ସତ୍ୟବ୍ରତଙ୍କୁ ଚାନ୍ଦା ମାଗିଥିଲେ। ସେ ଟଙ୍କା ନଦେବାରୁ ଯୁବକମାନେ ତାଙ୍କୁ ଆକ୍ରମଣ କରିବା ସହ ତଣ୍ଟିକୁ ଚିପି ହେଲମେଟରେ ମୁଣ୍ଡକୁ ମାଡ଼ ମାରି ଗୁରୁତର କରିପକାଇଥିଲେ। ସତ୍ୟବ୍ରତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଣ୍ଡା ଡାକ୍ତରଖାନାକୁ ନେଇଥିଲେ। ଏନେଇ ଗୋଶାଳା ମାଲିକ ପ୍ରଭାସ ରଞ୍ଜନ ମିଶ୍ର ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଥାଲାସେମିଆ ରୋଗୀଙ୍କ ଉଦ୍ଦେଶ୍ୟରେ ରକ୍ତଦାନ ଶିବିର



**ଆନନ୍ଦପୁର, ୩୧।୮ (ସମିସ):** ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ଆମଓଡ଼ିଶା, ଫକୀରପୁର ଯୁବକସଂଘ, ଥାଲାସେମିଆ ପେସେଣ୍ଟ ଆଡଭୋକେସି, ମା'ତାରିଣୀ ଭିଜନ୍ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶତ୍ରୁଘ୍ନ ସାହୁଙ୍କ ସଂଯୋଜନାରେ ଆନନ୍ଦପୁର ପୌରାଧକ୍ଷା ରଜନୀରାଣୀ ଖଟୁଆ, ବିଦ୍ୟାଳୟର ଅଧକ୍ଷ ଡ କାର୍ତ୍ତିକେଶ୍ୱର ରାଉଳ, ପ୍ରଶିକ୍ଷକ ଆଲୋକ କୁମାର ରଣା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଶିବିରରୁ ମୋଟ୍ ୨୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାଉନସିଲର ସନତ କୁମାର କର, ସୁରେନ୍ଦ୍ର ଦାସ, ସୁଜିତ୍ କୁମାର ସାହୁ, ନିବେଦିତା ବେହେରା, ପଦ୍ମାବତୀ ସେଠୀ, ମଣିଲତା ରାମ୍, ସୁପ୍ରିୟା ମିଶ୍ର, ଲୀନାରାଣୀ ସାହୁ, ବାରିଗାଁ ମା' ଧନେଇ ସେବାସଂଘର ସଭାପତି ବିଷ୍ଣୁପ୍ରସାଦ ବାରିକ୍, ଆନନ୍ଦପୁର ପ୍ରେସକ୍ଲବ ସଭାପତି ନାରାୟଣ ସାହୁ, ସାମ୍ବାଦିକ ମଦନ ପାଣି, ଦିଲ୍ଲୀପ୍ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ସତ୍ୟରଞ୍ଜନ ଦାସ, ଲକ୍ଷ୍ମଣ ବେହେରା, ରାଜୀବ ଜେନା, ଅବସରପ୍ରାପ୍ତ ଡିଆଇ ପିତାମ୍ବର ବିଶ୍ୱାଳ, ସିଟି ସ୍କୁଲର ଶିକ୍ଷକ ନରସିଂହ ମୁର୍ମୁ, ଭୋଳେଶ୍ୱର ବେହେରା, ପ୍ରତାପ କୁମାର ବେହେରା ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଯୁବକସଂଘ ସଭାପତି ଦିବ୍ୟରଞ୍ଜନ ସେଠୀ, ସଦସ୍ୟ ସତ୍ୟବ୍ରତ ଓଝା, ସୌମ୍ୟକାନ୍ତ ସାହୁ, ପ୍ରଦୀପ ସାହୁ, ଦିଲ୍ଲୀପ୍ ସାହୁ, ଅମର ପଣ୍ଡା, ରୁଦ୍ରନାରାୟଣ ଦାସ, ସିପୁନ୍ ଦାଶ, ରତିକାନ୍ତ ପୋଥାଳ, ଅନିଲ ଗୁଇଁ, ଶୁଭମ୍ ଲାହା, ପପୁନ୍ ସାହୁ, ଆମଓଡ଼ିଶାର ସଦସ୍ୟ ସାଜନ କୁମାର ସାହୁ, ତ୍ରିନାଥ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଫକୀରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଲିପିପୁଷ୍ପା ନାୟକ ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିବାବେଳେ ଆନନ୍ଦପୁର ରକ୍ତଭଣ୍ଡାରର କର୍ମଚାରୀ ସୁଚିସ୍ମିତା ନାୟକ, ନିରୁପମା ସାହୁ, ସୁଦର୍ଶନ ବେହେରା, ଅଶୋକ କୁମାର ସୁର, ଦିବ୍ୟସାଗର ସିଂହ, ପୂର୍ଣ୍ଣଚନ୍ଦ୍ର ମାଝୀ, ମଙ୍ଗୁଳି ଚରଣ ସାହୁ ପ୍ରମୁଖ ରକ୍ତସଂଗ୍ରହ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ | କମାଣ୍ଡୋ ଏକାଦଶ ଚାମ୍ପିଅନ



**ବାରିପଦା, ୩୧।୮ (ସମିସ):** ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ପଡ଼ିଆରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ତ୍ରିରଙ୍ଗା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚରେ କମାଣ୍ଡୋ ଏକାଦଶ ରାଇଜିଂ ଷ୍ଟାର୍ସକୁ ୬ ଉଇକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟାର୍ସ ୮ ଓଭରରେ ୪ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଦିପ୍ତୀପ୍ରକାଶ ୫୨, ସ୍ୱାଭିମ ଦାସ ୪୭ ଓ ମେରି ଲୋକନାଥ ୧୫ ରନ କରିଥିଲେ ଓ ଉତ୍ତରରେ କମାଣ୍ଡୋ ଏକାଦଶ ୬. ୧ ଓଭରରେ ୪ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ଆଦିତ୍ୟ ବସା ୩୪, ସୁବାଶିଷ ଧୀର ୩୧ ଓ ପ୍ରିତମ ବେହେରା ୨୦ ରନ କରିଥିବା ବେଳେ ବିପକ୍ଷ ଦଳର ସ୍ୱରୂପ ବେହେରା ଓ ମେରି ଲୋକନାଥ ୨ ଟି ଲେଖାଏଁ ଉଇକେଟ ହାସଲ କରିଥିଲେ ଓ ମନମୋହନ ମୁର୍ମୁ ଓ ମୃତ୍ୟୁଞ୍ଜୟ ଘୋସାଲ ଖେଳ ପରିଚାଳନା କରିଥିବା ବେଳେ ଦୀନକୃଷ୍ଣ ନାୟକ ସ୍କୋରିଂ ଏବଂ ମାନସ ଧାରା ବିବରଣୀରେ ସହାୟତା କରିଥିଲେ ଓ ଚାମ୍ପିଅନ ଦଳକୁ ୭୦୦୦ ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୫୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ଓ ମ୍ୟାନ ଅଫ ଦି ମ୍ୟାଚ, ଶ୍ରେଷ୍ଠ ବ୍ୟାଟ୍ସମେନ ଓ ମ୍ୟାନ ଅଫ ଦି ସିରିଜ ଭାବେ ଆଦିତ୍ୟ ବସା, ଶ୍ରେଷ୍ଠବୋଲର ଭାବେ ସ୍ୱରୂପ ଦାସ ଓ ଶ୍ରେଷ୍ଠ ଫିଲଡର ଭାବେ ସୁବାଶିଷ ଧୀର ପୁରସ୍କୃତ ହୋଇଥିଲେ ଓ ଅତିଥି ଭାବେ ଯୋଗଦେଇ ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ତ୍ରିରଙ୍ଗା କ୍ଲବର ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି ଓ ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ ପୁରସ୍କାର ବିତରଣ କରିଥିଲେ ଓ କ୍ଲବର ବରିଷ୍ଠ ସଦସ୍ୟ ଲିଟନ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ପରିଚାଳନାରେ ସ୍ୱାଭିମ ଦାସ, ଓମ୍ ପ୍ରକାଶ ମହାନ୍ତ, ଦୀପ୍ତି ପ୍ରକାଶ ମହାନ୍ତ, ଦୀନକୃଷ୍ଣ ନାୟକ, ସନ୍ଦୀପ କୁମାର ସାମଲ, ସଞ୍ଜୀବ ମାରାଣ୍ଡି ଓ ଗୌତମ ବେହେରା ସହଯୋଗ କରିଥିଲେ।

## ୨ରେ ବ୍ଲକ୍‌ସ୍ତରୀୟ ଶାରଦୀୟ କ୍ରୀଡ଼ା

**କୁଆମରା, ୩୧।୮ (ସମିସ):** ଆସନ୍ତା ୨ ଓ ୩ ତାରିଖ ଦୁଇ ଦିନ ଧରି ଗୋପବନ୍ଧୁନଗର ବ୍ଲକ ଟିକାୟତପୁର ବାଳିକା ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ଶାରଦୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ବେହେରାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ, ବିଆରସିସି, ସିଆରସିସି, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଖେଳ ଶିକ୍ଷକମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ଦୁଇ ଭାଗରେ ବିଭକ୍ତ ହେଉଥିବା ବେଳେ ମୋଟ ୧୨ଟି ଇଭେଣ୍ଟ ଉପରେ ପ୍ରତିଯୋଗିତା ହେବ। ଏଥିରେ ୨୩ଟି ଉଚ୍ଚବିଦ୍ୟାଳୟ ସହ ଟିଟିଆ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ।

## ଦୁର୍ନୀତି ଅଭିଯୋଗରେ ଜାମଦା ତହସିଲଦାର ନିଲମ୍ବିତ

**ରାଇରଙ୍ଗପୁର, ୩୧।୮ (ସମିସ):** ଜାମଦା ତହସିଲର କାର୍ଯ୍ୟରତ ତହସିଲଦାର ମଧୁସ୍ମିତା ସିଂ ତାଙ୍କ ପୂର୍ବ କର୍ମସ୍ଥଳୀ ଝାରସୁଗୁଡା ଜିଲ୍ଲାର ବେଲପାହାଡ଼ ପୌରପାଳିକାରେ ପୌରାଧିକାରିଣୀ ଭାବେ ଦାୟିତ୍ୱରେ ଥିବାବେଳେ ୩ କୋଟି ଟଙ୍କା ବିଭିନ୍ନ ଯୋଜନାରେ ଅନିୟମିତତା କରି ଫସିଛନ୍ତି। ଯାହାକୁ ଇଡି ତଦନ୍ତ ବେଳେ ଧରାପଡ଼ିଛି। ଏହାକୁ ନେଇ ରାଜ୍ୟ ସରକାର ଗତକାଲି ନିଲମ୍ବନ କରିଛନ୍ତି। ଆଜି ଗଣମାଧ୍ୟମ ପ୍ରତିନିଧି ଏହା ଉପରେ ପ୍ରତିକ୍ରିୟା ନେବାକୁ ଜାମଦା ତହସିଲକୁ ଯାଇଥିବାବେଳେ ସେଠାରେ ତହସିଲଦାର ନିଜ ସରକାରୀ ଗୃହରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଆଉ ବାହାରି ନଥିଲେ।

## ଏନ୍‌ଏସି ମାନ୍ୟତା ପରେ ଉତ୍ସବମୁଖର ରାସଗୋବିନ୍ଦପୁର

**ରାସଗୋବିନ୍ଦପୁର ୩୧।୮ (ସମିସ):** ରାଜ୍ୟ ସରକାର ରବିବାର ରାଜ୍ୟରେ ନୂତନ ଭାବେ ୧୬ଟି ନୂତନ ଏନ୍‌ଏସି ଘୋଷଣା କରିଛନ୍ତି। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତିଜାରି କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଏବଂ ମୋରଡା ନିର୍ବାଚନମଣ୍ଡଳୀର ରାସଗୋବିନ୍ଦପୁରକୁ ଉକ୍ତ ତାଲିକାରେ ସାମିଲ କରାଯାଇଛି। ଉକ୍ତ ତାଲିକାରେ ରାସଗୋବିନ୍ଦପୁରକୁ ସାମିଲ କରାଯିବାର ଘୋଷଣା ପରେ ଅଞ୍ଚଳରେ ଖୁସିର ମାହୋଲ ଖେଳି ଯାଇଛି। ଏନେଇ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନଗର ଉନ୍ନୟନମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଡିଏନ ହାଇସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ

**ରାମଚନ୍ଦ୍ରପୁର, ୩୧।୮ (ସମିସ):** ଘସିପୁରା ବ୍ଲକ ଅଳତି ଦରିଦ୍ର ନାରାୟଣ ବିଦ୍ୟାପୀଠରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପ୍ରାକ୍ତ ଶିକ୍ଷକ କାର୍ତ୍ତିକପ୍ରସାଦ ଶତପଥୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ କ୍ରୀଡ଼ାକୁ ନେଇ ନିଜର କ୍ୟାରିୟର ଗଢ଼ିପାରିବେ ବୋଲି ପୁରାତନ ଛାତ୍ର ସଂସଦ ସଭାପତି ଡ. ରତିକାନ୍ତ ବରାଳ, ସମ୍ପାଦକ ପ୍ରଭାତ ବରାଳ ଆହ୍ୱାନ ଦେଇଥିଲେ। ଜାତୀୟ କ୍ରିଡା ଦିବସ ପରିପ୍ରେକ୍ଷୀରେ ଭଲ ପାଠ ସହ ଶାରୀରିକ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ରଖିଥିଲେ।

## ଆନନ୍ଦପୁର ମେଡିକାଲରୋଡ୍ ଉନ୍ନତିକରଣର ଶିଳାନ୍ୟାସ

**ଆନନ୍ଦପୁର, ୩୧।୮ (ସମିସ):** ଆନନ୍ଦପୁର ପୌରପାଳିକା ପକ୍ଷରୁ ପ୍ରାୟ ୯୦ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ମେଡିକାଲ ରୋଡ୍‌ର ଶିଳାନ୍ୟାସ ହୋଇଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ତତ୍ତ୍ୱାବଧାନରେ ପୌରାଧକ୍ଷା ରଜନୀରାଣୀ ଖଟୁଆ ଭୂମିପୂଜା କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ କାଉନସିଲର ଉର୍ବଶୀ ସାହୁ ଜ୍ୟୋସ୍ନାରାଣୀ ଖୁଣ୍ଟିଆ ନିବେଦିତା ବେହେରା ରଶ୍ମିତା ବାରି ସୁରେନ୍ଦ୍ର ଦାସ କୃଷ୍ଣ ରଣା ସନତ କର ଯୋଗ ଦେଇଥିଲେ। ଉତ୍ସବରେ ସହକାରୀ ଯନ୍ତ୍ରୀ ସଂଗ୍ରାମ କେଶରୀ ବେହେରା ସୂଚନା ପ୍ରଦାନ କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସେଠୀ ଏବଂ ଶୁଚିସ୍ମିତା ସୋରେନ ଏହି ରାସ୍ତା ୮ ମିଟର ଓସାରରେ ନିର୍ମାଣ କରାଯାଇ ଚାରି ମାସ ମଧ୍ୟରେ ଶେଷ କରାଯିବ ବୋଲି କହିଥିଲେ।

## ଆନନ୍ଦପୁରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ଆନନ୍ଦପୁର, ୩୧।୮ (ସମିସ):** ଆନନ୍ଦପୁର ପୌରପାଳିକାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହେଇଯାଇଛି। ଏହି ଉପଲକ୍ଷେ ପୌରାଞ୍ଚଳରେ ରାମଧୁନ ପ୍ରଚାର କରାଯାଇଥିଲା। ପରେ କାର୍ଯାଳୟରେ ପୌରାଧକ୍ଷା ରଜନୀ ରାଣୀ ଖଟୁଆ ପତକା ଉତ୍ତୋଳନ କରିଥିଲେ। ଆନନ୍ଦପୁର ବିକାଶରେ ପୌରବାସୀଙ୍କ ସହଯୋଗ ମଧ୍ୟ ଲୋଡ଼ିଥିଲେ। ଦେଶର ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସକାଳ ୯ ଟା ସମୟରେ ଆନନ୍ଦପୁର ଉପକାରାଗାର ଅନ୍ତେବାସୀଙ୍କୁ ଫଳବଣ୍ଟନ କରିବା ପରେ ଉପଖଣ୍ଡ ଚିକିତ୍ସାଳୟରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ସମେତ କାଉସିଲର ପଦ୍ମାବତୀ ସେଠୀ, ଲକ୍ଷ୍ମୀଧର ଦେହୁରୀ, ଜୟନ୍ତୀ ବେହେରା, ମଣିଲତା ରାମ, କୃଷ୍ଣଚନ୍ଦ୍ର ରଣା, ସୁରେନ୍ଦ୍ର ଦାସ, ସନତ କର, ସୁଜିତ ସାହୁ, ନିବେଦିତା ବେହେରା, ସୁପ୍ରିୟା ମିଶ୍ର, ସମ୍ବିତ ଦାସ, ଜ୍ୟୋସ୍ନାରାଣୀ ଖୁଣ୍ଟିଆ, ଉର୍ବଶୀ ସାହୁ, ଲୀନାରାଣୀ ସାହୁ ଉପସ୍ଥିତ ଥିବା ବେଳେ ପୌରପାଳିକାର ଗୋଷ୍ଠୀ ପରିଚାଳିକା ରାଜଶ୍ରୀ ମିଶ୍ର ସମସ୍ତ ସ୍ୱଚ୍ଛସାଥୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଆଦି କର୍ମଯୋଗୀ ଅଭିଯାନ ଅଭିମୁଖୀକରଣ ତାଲିମ କାର୍ଯ୍ୟକ୍ରମ




**ବାରିପଦା, ୩୧।୮ (ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧକ୍ଷତାରେ ଆଦି କର୍ମଯୋଗୀ ଅଭିଯାନ ସମ୍ପର୍କିତ ଏକ ଦିବସୀୟ ଆଭିମୁଖୀକରଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଏବଂ ଏଡିଇଓ ଶାନ୍ତନୁ କୁମାର ନାୟକ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ଆଦି କର୍ମଯୋଗୀ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଦେଶର ୧୧ କୋଟି ଆଦିବାସୀ ବର୍ଗଙ୍କୁ ସଂଶ୍ଲିଷ୍ଟ କରାଯିବ ଏବଂ ୧ ଲକ୍ଷ ଆଦିବାସୀ ଅଧ୍ୟୁଷିତ ଗ୍ରାମ, ୩୦ଟି ରାଜ୍ୟ, ୫୦୦ ଜିଲ୍ଲା, ୩୦୦୦ ବ୍ଲକରେ ୨୦ ଲକ୍ଷ କର୍ମଯୋଗୀ ସୃଷ୍ଟି କରାଯିବ। ଆଦି କର୍ମଯୋଗୀ ଅଭିଯାନର ମୂଳ ଉଦେଶ୍ୟ ହେଉଛି ଆଦିବାସୀ ଅଞ୍ଚଳରେ ସେବାରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଚେତନ, କର୍ତ୍ତବ୍ୟନିଷ୍ଠ ଓ ଲୋକାଭିମୁଖୀ କରିବା। ଏମାନେ ଆଦିବାସୀ ସମାଜର ସାହିତ୍ୟ, ସଂସ୍କୃତି, ପରମ୍ପରା, ଜୀବନଚର୍ଯ୍ୟା ଓ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ଉପରେ ଗଭୀରତାର ସହ ଅନୁଧ୍ୟାନ କରି ଭିଜନ-୨୦୩୦ ପାଇଁ ସେହି ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ ଖସଡ଼ା (ଏକ୍ସନ ପ୍ଲାନ) ପ୍ରସ୍ତୁତ କରିବେ। ଏହାର ସଫଳ ରୂପାୟନ ପାଇଁ ତ୍ରିସ୍ତରୀୟ ଶ୍ରେଣୀ ରେ ବିଭକ୍ତ କରାଯାଇ ଆଦି କର୍ମଯୋଗୀ ଯେଉଁଥିରେ ସରକାରୀ ଅଧିକାରୀ, ଆଦି ସହଯୋଗୀ ଯେଉଁଥିରେ ଶିକ୍ଷକ, ଡାକ୍ତର ଓ ତୃତୀୟରେ ଆଦି ସାଥି ଯେଉଁଥିରେ ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ କାର୍ଯ୍ୟ କରିବେ। ଜିଲ୍ଲାର ୨୬ଟି ବ୍ଲକରେ ୧୩୬୩ ଆଦିବାସୀ ବହୁଳ ଗ୍ରାମରେ ଏହି ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥି ମାନେ କାର୍ଯ୍ୟ କରିବେ। ଏଥିପାଇଁ ଜିଲ୍ଲାରେ ୩୩ ଜଣ ମାଷ୍ଟର ଟ୍ରେନର ବ୍ଲକ ସ୍ତରରେ ତାଲିମ ଦେବେ। ଆଗାମୀ ସମୟରେ ପ୍ରତ୍ୟେକ ଗ୍ରାମକୁ ଏକ ବିକଶିତ ଗ୍ରାମ ଭାବେ ଗଢି ତୋଳିବାକୁ ସମସ୍ତଙ୍କ ମିଳିତ ଉଦ୍ୟମରେ ଏହି ଅଭିଯାନ ମାଧ୍ୟମରେ ପ୍ରୟାସ କରାଯିବ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଐତିହ୍ୟ

- ୧୯୪୨- ଇଣ୍ଡିଆନ ନେସନାଲ ଆର୍ମି ଗଠନ ହେଲା।
- ୧୯୫୬- ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ର ସ୍ଥାପନା।
- ୧୯୭୪- ଇଣ୍ଡିଆନ୍ ଅଏଲ୍ ରିଫାଇନାରି ଓ ଇଣ୍ଡିଆନ୍ ଅଏଲ୍ କମ୍ପାନିକୁ ମିଶାଇ ଦିଆଯାଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ କରିଦିଆଗଲା।
- ୧୯୯୭- ପରିବେଶବିତ୍ ଏମ୍.ସି ମେହେତାଙ୍କୁ ରମଣ ମାଗାସେସ୍ ପୁରସ୍କାର ଦିଆଗଲା।

## ତାନ୍ତ୍ରିକ ଭୂମିକାରେ ଶିଳ୍ପା



ଖୁବ୍ ଶୀଘ୍ର ସୁପର୍ ନାଚ୍ୟୁରାଲ ଥ୍ରିଲର୍ ଫିଲ୍ମ 'ଜଟାଧାରା' ରିଲିଜ୍ ହେବାକୁ ଯାଉଛି। ଏଥିରେ ସୋନାକ୍ଷୀ ସିହ୍ନା ଓ ସୁଧୀର ବାବୁ ମୁଖ୍ୟ ଚରିତ୍ରରେ ନଜର ଆସିବେ। ନିକଟରେ ଏହାର ଟିଜର୍ ଜାରି କରାଯାଇଥିଲା। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏବେ ଏହି ଫିଲ୍ମର ଅନ୍ୟ ଜଣେ ଅଭିନେତ୍ରୀଙ୍କ ଲୁକ୍‌କୁ ସେୟାର୍ କରାଯାଇଛି। ଫିଲ୍ମରେ ଶିଳ୍ପା ଶିରୋଦକର ମଧ୍ୟ ନଜର ଆସିବେ। ଶିଳ୍ପାଙ୍କୁ ତାନ୍ତ୍ରିକ ଭୂମିକାରେ ଦେଖିବାକୁ ମିଳିବ। ପୋଷ୍ଟର୍‌ରେ ଶିଳ୍ପା ଯଜ୍ଞକୁଣ୍ଡ ସମ୍ମୁଖରେ କଳା ରଙ୍ଗର ଶାଢ଼ି ପିନ୍ଧି ତନ୍ତ୍ର ମନ୍ତ୍ର କରୁଥିବାର ଦେଖାଯାଇଛନ୍ତି। ତାଙ୍କ ପଛରେ ଅନେକଗୁଡ଼ିଏ ଦୀପ ରହିଛି। ଏଥିରେ ତାଙ୍କ ଚରିତ୍ରର ନାମ ଶୋଭା ରହିଛି। ତେବେ ଶିଳ୍ପାଙ୍କ ଏହି ଲୁକ୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏଯାଏଁ ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା କରାଯାଇ ନାହିଁ। ପ୍ରେରଣା ଅରୋରା ଓ ଜି ଷ୍ଟୁଡିଓ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସୱାଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି।





## ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡି କ୍ଷତିକାରକ

ଶରୀରକୁ ସୁସ୍ଥ ରଖିବା ପାଇଁ ଅନ୍ୟ ଭିଟାମିନ୍ ଭଳି ଭିଟାମିନ୍ ଡି ମଧ୍ୟ ଖୁବ୍ ଜରୁରି। ହେଲେ ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡି ଶରୀର ପାଇଁ କ୍ଷତିକାରକ। ୨୦୨୪ ମସିହାରେ ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡିର ସେବନ ଯୋଗୁଁ ବ୍ରିଟେନର ୮୯ ବର୍ଷୀୟ ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଭିଟାମିନ୍ ଡି'ର ଓଭରଡୋଜ୍ ଯୋଗୁଁ ତାଙ୍କ ହାର୍ଟ ଏବଂ କିଡ୍‌ନୀ ଫେଲ୍ ହୋଇଯାଇଥିଲା ବୋଲି ସେତେବେଳେ ଡାକ୍ତର କହିଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ୧୯ରୁ ୭୦ ବର୍ଷୀୟ ବୟସ୍କ ବ୍ୟକ୍ତିବିଶେଷଙ୍କୁ ପ୍ରତିଦିନ ୧୫ ମାଇକ୍ରୋଗ୍ରାମ୍ ଏବଂ ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ୨୦ ମାଇକ୍ରୋଗାମ୍ ଭିଟାମିନ୍ ଡି ସେବନ କରିବା ଉଚିତ। ସେହିପରି ଜଣେ ବୟସ୍କ ବ୍ୟକ୍ତି ଅତି ବେଶୀରେ ପ୍ରତିଦିନ ୧୦୦ ମାଇକ୍ରୋଗାମ୍ ଭିଟାମିନ୍ ଡି ନେଇପାରିବେ। ପ୍ରତିଦିନ ଏହାଠୁ ଅଧିକ ଭିଟାମିନ୍ ଡି ସେବନ କରିବା ବିଷ ତୁଲ୍ୟ ହୋଇଥାଏ। ତେବେ କ୍ଲିଭ୍‌ଲ୍ୟାଣ୍ଡ କ୍ଲିନିକ୍ ଅନୁସାରେ, କିଛି ଲୋକଙ୍କ ପାଇଁ ୧୦୦ ମାଇକ୍ରୋଗାମ୍ ଭିଟାମିନ୍ ଡି ବି କ୍ଷତିକାରକ ହୋଇପାରେ। ଭିଟାମିନ୍ ଡି ଶରୀରରେ ଅଧିକ ହେବା ଦ୍ୱାରା ରକ୍ତରେ କ୍ୟାଲସିୟମ୍ ସ୍ତର ବଢ଼ିଯାଏ। ପ୍ରାରମ୍ଭିକ ଲକ୍ଷଣ ଭାବେ ବାନ୍ତି, କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ଏବଂ ଭୋକ କମ୍ ଲାଗେ। ସେହିପରି ଏହି ସ୍ଥିତି ଅଧିକ ଉତ୍କଟ ହେଲେ ମଣିଷ ଚେତାଶୂନ୍ୟ ହେବା ଆଶଙ୍କା ରହିଛି। କେବଳ ସେତିକି ନୁହେଁ, କିଡ୍‌ନି ଜନିତ ସମସ୍ୟା, ମାଂସପେଶୀ ଯନ୍ତ୍ରଣା ଓ ଦୁର୍ବଳ ଲାଗିବା ଏବଂ ହୃଦ୍ ସ୍ପନ୍ଦନ ସହ ଜଡ଼ିତ ସମସ୍ୟା ମଧ୍ୟ ଦେଖା ଦେଇପାରେ। ତେବେ ଏହାର ଅତ୍ୟଧିକ ପ୍ରଭାବ ପ୍ରଥମେ କିଡ୍‌ନି ଉପରେ ପଡ଼ିଥାଏ। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ଅନୁସାରେ, ଏହାଦ୍ୱାରା କିଡ୍‌ନିରେ ଷ୍ଟୋନ, କ୍ୟାଲସିୟମ ଜମିବା ଏବଂ ଅଚାନକ ଏହା ଖରାପ ହେବା ସମସ୍ୟା ଦେଖା ଦିଏ। ଏହାପରେ ଏହାର ଅଧିକ ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ଫଳରେ ହୃଦ୍‌ଘାତ ହେବା ଆଶଙ୍କା ଥାଏ। ଭିଟାମିନ୍ ଡି ସ୍ୱାସ୍ଥ୍ୟ ଲାଗି ଜରୁରି। ହେଲେ ସବୁବେଳେ ଠିକ୍ ମାତ୍ରାରେ ଏବଂ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହାକୁ ନେବା ଉଚିତ।

## ଆଠମାସ ପାଣିରେ ବୁଡ଼ିରୁହେ ମନ୍ଦିର

ଭାରତର କୋଣ ଅନୁକୋଣରେ ଅନେକ ମନ୍ଦିର ଅଛି। କିଛି ମନ୍ଦିର ତା'ର ସ୍ଥାପତ୍ୟ ଓ କଳାକୃତି ପାଇଁ ଜଣାଯାଉଥିବାବେଳେ ଆଉ କିଛି ତା'ର ରହସ୍ୟମୟ ଇତିହାସ ପାଇଁ ଚର୍ଚ୍ଚିତ। ଏହିକ୍ରମରେ ହିମାଚଳ ପ୍ରଦେଶରେ ଥିବା ବାଥୁ କି ଲଡ଼ି ଶୈବପୀଠ ବର୍ଷକୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଥାଏ। କେବଳ ଚାରି ମାସ ଶ୍ରଦ୍ଧାଳୁ ଭଗବାନଙ୍କୁ ଦର୍ଶନ କରିପାରନ୍ତି। ବାଥୁ କି ଲଡ଼ି ମନ୍ଦିର ପଞ୍ଜାବର ଜଳନ୍ଧରଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ମହାରାଣା ପ୍ରତାପ ସାଗର ହ୍ରଦର ଏକ ଟାପୁରେ ରହିଛି। ଏଠାରେ ମୁଖ୍ୟ ମନ୍ଦିର ବ୍ୟତୀତ ଆହୁରି ପାଞ୍ଚୋଟି ଛୋଟ ମନ୍ଦିର ଅଛି, ଯାହାକୁ ଦୂରରୁ ଦେଖିଲେ ଏକ ମାଳାରେ ଗୁନ୍ଥା ହୋଇଥିବା ପରି ମନେହୁଏ, ତେଣୁ ଏହି ମନ୍ଦିରକୁ ବାଥୁ କି ଲଡ଼ି (ମାଳା) କୁହାଯାଏ। ଏହି ମନ୍ଦିରର ସମ୍ପର୍କ ମହାଭାରତ କାଳରୁ ଥିବା କଥା ସ୍ଥାନୀୟ ଲୋକେ କୁହନ୍ତି। ସେହିଭଳି ଆଉ କିଛି ଲୋକ ସ୍ଥାନୀୟ ଅଞ୍ଚଳର ରାଜା ଏହାକୁ ନିର୍ମାଣ କରିଥିବା କଥା କୁହନ୍ତି। ଏହି ମନ୍ଦିର ଜୁଲାଇରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପାଣି ଭିତରେ ବୁଡ଼ି ରୁହେ। ହ୍ରଦରୁ ପାଣି କମିବା ପରେ ମାର୍ଚ୍ଚରୁ ଜୁନ୍ ମାସ ଯାଏଁ ଏହା ଦୃଶ୍ୟମାନ ହୁଏ। ଏଠାରେ ଥିବା ଛଅଟି ମନ୍ଦିରରୁ ପାଞ୍ଚୋଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତ ହୋଇଥିବାବେଳେ ଗର୍ଭଗୃହରେ ଭଗବାନ ଶିବ ବିରାଜିତ। ଏହି ମନ୍ଦିରକୁ ଦର୍ଶନ କରିବା ପାଇଁ ଲୋକେ ଡଙ୍ଗାରେ ଯାଇଥାନ୍ତି। ଅନ୍ୟପଟେ ବାଥୁ ନାମକ ଶକ୍ତିଶାଳୀ ପଥରରୁ ଏହି ମନ୍ଦିର ନିର୍ମାଣ କରାଯାଇଥିବାରୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଲେ ବି ଏହାର ସଂରଚନାରେ କୌଣସି ପରିବର୍ତ୍ତନ ଆସେ ନାହିଁ ବୋଲି କୁହାଯାଏ।



## ସୁନିଆ ଓ ବାମନ ଜନ୍ମ



ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥୀରେ ସୁନିଆ ପର୍ବ ଓ ବାମନ ଉତ୍ସବ ପାଳନ କରାଯାଏ। ଏଥର ଏହି ପର୍ବ ସେପ୍ଟେମ୍ବର ୪ ତାରିଖରେ ପାଳନ ହେବ। ଏହିଦିନ ବାମନ ଅବତାରରେ ବିଷ୍ଣୁ ଅଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ଏହି ପବିତ୍ର ତିଥିକୁ 'ବାମନ ଦ୍ୱାଦଶୀ' ବି କୁହାଯାଏ। ଅନ୍ୟପକ୍ଷରେ ଏହି ଦିନ ଗଜପତିଙ୍କ ନୂଆ ଅଙ୍କ ଆରମ୍ଭ ହୁଏ। ତେଣୁ ଏହାକୁ ଉତ୍କଳୀୟ ନବବର୍ଷ ବୋଲି କୁହାଯାଏ। ଓଡ଼ିଆ ଜାତକରେ ବର୍ଷ, ମାସ, ତାରିଖ ଓ ନକ୍ଷତ୍ର ଲେଖା ଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିଆସନ ବର୍ଷର ଗଣନା ହୋଇଥାଏ। ଏହିଦିନ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ମହାରାଜାଙ୍କୁ ଆଶୀର୍ବାଦ କରିଥାନ୍ତି। ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ମଧ୍ୟ ବଣ୍ଟାଯାଏ। ତେବେ ସୁନିଆରେ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି। ଏହିଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ। ଏବେ ରାଜତନ୍ତ୍ର ନ ଥିଲେ ମଧ୍ୟ ରାଜ ପରିବାରମାନଙ୍କରେ ଏହିପର୍ବ ଯଥାବିଧି ପାଳିତ ହୋଇ ଆସୁଛି।

## ଗୃହ ପ୍ରବେଶର ଉପହାର

**ନୂଆ ଘର କିଣିଲେ କିମ୍ବା ତିଆରି କଲେ ଗୃହ ପ୍ରବେଶ ପୂଜା କରାଯାଏ। ଏହି ଅବସରରେ ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଏ। ତେବେ ଗୃହ ପ୍ରବେଶ ପୂଜାରେ କେଉଁ ଉପହାର ଦେବା ଶୁଭ ହୋଇଥାଏ, ସେ ସମ୍ପର୍କରେ ଜାଣିବା।**



- ଗଣେଶଙ୍କ ଏକ ସୁନ୍ଦର ମୂର୍ତ୍ତି ଗୃହ ପ୍ରବେଶ ଲାଗି ଏକ ସୁନ୍ଦର ଉପହାର ହୋଇପାରେ।
- ରୁପାକୁ ଶୁଭ ବୋଲି କୁହାଯାଏ। ତେଣୁ ରୁପା ମୁଦ୍ରା, ପ୍ଲେଟ୍ ଏବଂ ରୁପାର ଗଣେଶ- ଲକ୍ଷ୍ମୀଙ୍କ ମୂର୍ତ୍ତି ବି ଦେଇପାରିବେ। ଏହାକୁ ରଖିଲେ ଘରେ ସୁଖ-ସମୃଦ୍ଧି ବୃଦ୍ଧି ପାଏ।
- ତୁଳସୀଙ୍କୁ ଦେବୀ ଲକ୍ଷ୍ମୀଙ୍କ ରୂପ ବୋଲି ବିବେଚନା କରାଯାଏ। ଏହାକୁ ଘରେ ରଖିବା ଶୁଭ। ଏହା ଘରର ବାତାବରଣକୁ ଶୁଦ୍ଧ କରିଥାଏ। ତେଣୁ ତୁଳସୀ ଗଛ ଉପହାରରେ ଦେବା ଭଲ।
- ପୂଜା ପାଇଁ ଦୀପ, ଘିଅ ତଥା ପୂଜା ସାମଗ୍ରୀ ଦେଇପାରିବେ।
- ରୋଷେଇ ଲାଗି ନୂଆ ବାସନ ମଧ୍ୟ ଖୁବ୍ ଉପଯୋଗୀ ଉପହାର ହୋଇପାରେ।

# ଆସ୍ଥା

**ଶ୍ରୀମଦ୍ ଭାଗବତ ହେଉଛି ଭଗବାନଙ୍କ ବାଙ୍ଗ୍ମୟ ରୂପ। ଭାଦ୍ରବ ପୂର୍ଣ୍ଣିମା ଦିନ ଭାଗବତ ଜନ୍ମ ପାଳନ କରାଯାଏ। ମହର୍ଷି ବ୍ୟାସଦେବ ଏହିଦିନ ଶ୍ରୀମଦ୍ ଭାଗବତର ରଚନା କରିଥିଲେ ବୋଲି କୁହାଯାଏ। ମୂଳ ସଂସ୍କୃତ ଭାଗବତକୁ ଅତିବଡ଼ି ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦରେ ଓଡ଼ିଆରେ ରଚନା କରିଛନ୍ତି। ତେଣୁ ଏହିଦିନ ଜଗନ୍ନାଥ ଦାସଙ୍କ ରଚିତ 'ଓଡ଼ିଆ ଭାଗବତ' ପାଇଁ ଉତ୍ସର୍ଗୀକୃତ।**

## ଭାଗବତ ଜନ୍ମ



ଭାଗବତ ଜନ୍ମକୁ 'ଭାଗବତ ବଡ଼ା' ମଧ୍ୟ କୁହାଯାଏ। ଭାଦ୍ରବ ଶୁକ୍ଳ ନବମୀଠାରୁ ଆରମ୍ଭ ହେଉଥିବା ଭାଗବତ ପାରାୟଣ ଏହିଦିନ ସମାପନ ହୁଏ। ତେବେ ଭାଗବତ ପାରାୟଣର ଯେଉଁ ବିଧି ଅଛି, ତାହାକୁ 'ଭାଗବତ ସପ୍ତା' କୁହାଯାଏ। ଏହାର ଅର୍ଥ ସାତଦିନ ପର୍ଯ୍ୟନ୍ତ ବା ସପ୍ତାହବ୍ୟାପୀ ଭାଗବତ ପାଠ।

ଏହିଦିନ ଭାଗବତ ପୋଥି ନିକଟରେ ନୈବେଦ୍ୟ ଅର୍ପଣ କରାଯାଏ। ପୂର୍ବରୁ ଗାଁ ଗାଁରେ ଭାଗବତ ଟୁଙ୍ଗି ଥିଲା। ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାଠ କରାଯାଉଥିଲା। ଗାଁର ବୟସ୍କ, ମହିଳା, ପୁରୁଷ, ଛୋଟ ପିଲା ସମସ୍ତେ ଏହି ଗୋଟିଏ ସ୍ଥାନରେ ବସି ଭାଗବତର ଅମୃତ ବାଣୀ ଶୁଣନ୍ତି। ସେଥିପାଇଁ ଭାଗବତ ଘରେ ଘରେ ପୂଜା ପାଏ। ପରମ ଶାସ୍ତ୍ର ଭାଗବତ ପାଠ ତଥା ଏହାର ଶ୍ରବଣ ଦ୍ୱାରା ଉଭୟ ଶ୍ରୋତା, ବକ୍ତା ଓ ପ୍ରଶ୍ନକର୍ତ୍ତା ସମସ୍ତେ ମୋକ୍ଷ ତଥା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରନ୍ତି। ମହାପୁରାଣ ଭାଗବତ ବାରଖଣ୍ଡରେ ବିଭକ୍ତ। ପ୍ରତିଖଣ୍ଡରେ ୧୦-୩୦ଟି ଅଧ୍ୟାୟ ଥିବା ବେଳେ ପ୍ରତି ଅଧ୍ୟାୟରେ ୫୦-୩୦୦ ପଦ ଅଛି। ସେହିପରି ଏହାକୁ ଏଭଳି ଭାବେ ରଚନା କରାଯାଇଛି ଯେ, ପ୍ରତିଦିନ ଗୋଟିଏ ଗୋଟିଏ ଅଂଶକୁ ୩୬୫ ଦିନ ପର୍ଯ୍ୟନ୍ତ ପାଠ କରାଯାଇପାରିବ। ଏ ଦୃଷ୍ଟିରୁ ଭାଗବତ ହେଉଛି ବ୍ୟାପକତାର ପରିଚୟ। ଅନ୍ୟ ଏକ ମତରେ, ଶୁକମୁନି ରାଜ ପରୀକ୍ଷିତଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କୁ ମହର୍ଷି ବ୍ୟାସକୃତ ଶ୍ରୀମଦ୍‌ଭାଗବତ ଶୁଣାଇ ଥିଲେ। ଭାଦ୍ରବ ପୂର୍ଣ୍ଣିମାରେ ତାହା ସମାପନ ହୋଇଥିଲା। ତେବେ ଯାହା ହେଉ, ଭାଗବତରେ ଅମୂଲ୍ୟ ଉପଦେଶ ରହିଛି। ମଣିଷକୁ ସତ୍‌ମାର୍ଗରେ ଯିବା ପାଇଁ ସେଥିପାଇଁ ଭାଦ୍ରବ ପୂର୍ଣ୍ଣମୀ ଭାଗବତ ଜନ୍ମର ପୁଣ୍ୟ ତିଥି ଭାବେ ପାଳନ କରାଯାଉଛି। ସେଥିପାଇଁ କୁହାଯାଇଛି- 'ପରମ ଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବା ନିତ୍ୟ।' ଚଳିତବର୍ଷ ସେପ୍ଟେମ୍ବର ୭ ତାରିଖରେ ଏହା ପଡ଼ୁଛି।

## ସ୍ୱପ୍ନରେ ମୂଷା ଦେଖୁଥିଲେ

**ହିନ୍ଦୁ ଧର୍ମରେ ମୂଷାକୁ ଗଣେଶଙ୍କ ବାହନ ବୋଲି କୁହାଯାଏ। ସ୍ୱପ୍ନରେ ବାରମ୍ବାର ମୂଷା ଦେଖିବା ଶୁଭ କି ଅଶୁଭ ସେସମ୍ପର୍କରେ ସ୍ୱପ୍ନ ଶାସ୍ତ୍ରରେ କୁହାଯାଇଛି। ତେବେ ଅଲଗା ଅଲଗା ମୂଷା ସ୍ୱପ୍ନରେ ଦେଖିବା କି ସଙ୍କେତ ଦିଏ, ସେ ସମ୍ପର୍କରେ, ଜାଣିବା।**

- ସ୍ୱପ୍ନରେ କଳା ମୂଷା ଭୟଭୀତ ହେଇ ଦୌଡ଼ି ଯିବାକୁ ଅଶୁଭ ବୋଲି କୁହାଯାଇଛି। ଏହା ନକାରାତ୍ମକ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟାର ସଙ୍କେତ ଦିଏ।
- ସ୍ୱପ୍ନରେ ମୂଷା ଧରିବା ଦେଖିବାର ଅର୍ଥ ହେଉଛି କୌଣସି ସମସ୍ୟାର ସମାଧାନ ମିଳିପାରେ।
- ସେହିପରି ସ୍ୱପ୍ନରେ ମୃତ ମୂଷାକୁ ଦେଖିବା ଶୁଭ। ଏଭଳି ସ୍ୱପ୍ନ ଭବିଷ୍ୟତରେ ସମସ୍ୟାରେ ଜିତ୍ ହାସଲ କରିପାରିବେ।
- ମୂଷା ଛୁଆକୁ ସ୍ୱପ୍ନରେ ଦେଖିବା ଅତ୍ୟନ୍ତ ଶୁଭ। ଏଭଳି ସ୍ୱପ୍ନ ଜୀବନରେ ସୁଧାର ଆଣି ଧନଲାଭର ସଙ୍କେତ ଦିଏ। ଗଣେଶଙ୍କ ବିଶେଷ କୃପା ପ୍ରାପ୍ତି ହୁଏ।
- ତେବେ ସ୍ୱପ୍ନରେ ବଡ଼ ମୂଷା ଦେଖିବା ଅଶୁଭ ବୋଲି କୁହାଯାଇଛି। କୌଣସି ଅନ୍ତରଙ୍ଗ ବ୍ୟକ୍ତି ଧୋକା ଦେବାକୁ ଏହା ସୂଚାଏ।
- ମୂଷା ପଲଙ୍କୁ ସ୍ୱପ୍ନରେ ଦେଖିବା ଅଶୁଭ। ସମ୍ପର୍କରେ ଚିନ୍ତା ଓ କ୍ୟାରିୟରରେ ସମସ୍ୟା ଦେଖାଦେବାକୁ ଏହା ଇଙ୍ଗିତ କରେ।



ସକାଳ
THE SAKALA
www.sakalaepaper.com

● ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

# ସାତ୍ୱିକ-ଚିରାଗ ପୁଣି କାଂସ୍ୟରେ ସନ୍ତୁଷ୍ଟ



ପ୍ୟାରିସ, ୩୧।୮ (ଏଜେନ୍ସି): ଭାରତୀୟ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ୟାରିସରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଶନିବାର ରାତିରେ ଖେଳାଯାଇଥିବା ପୁରୁଷ ଡବଲ୍ସ ସେମିଫାଇନାଲରେ ସାତ୍ୱିକ-ଚିରାଗ ଯୋଡ଼ି ୧୯-୨୧, ୨୧-୧୮, ୧୨-୨୧ ଗେମରେ ଚୀନର ଚେନ୍ ବୋ ୟାଙ୍ଗ ଓ ଲିଉ ୟି ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ଚୀନ ଯୋଡ଼ିଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ଏକ ଘଣ୍ଟା ୭ ମିନିଟ୍ ସମୟ ଲାଗିଥିଲା। ଫାଇନାଲରେ ପ୍ରବେଶ କରିପାରି ନ ଥିଲେ ମଧ୍ୟ ବ୍ୟାଡ୍‌ମିଣ୍ଟନର ନିୟମ ଅନୁଯାୟୀ ଉଭୟ ସାତ୍ୱିକ-ଚିରାଗ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସାତ୍ୱିକ-ଚିରାଗ ଯୋଡ଼ିଙ୍କ ଏହା ଦ୍ୱିତୀୟ କାଂସ୍ୟ ପଦକ। ଏଥିପୂର୍ବରୁ ୨୦୨୨ ସଂସ୍କରଣରେ ଏହି ଭାରତୀୟ ଯୋଡ଼ି ସମାନ ସଫଳତା ପାଇଥିଲେ। ସେହିଭଳି ୨୦୧୧ରୁ ଏହି ମେଗା ଇଭେଣ୍ଟର ପ୍ରତ୍ୟେକ ସଂସ୍କରଣରେ ଭାରତ ଅତିକମ୍‌ରେ ଗୋଟିଏ ପଦକ ଜିତିବାର ଧାରାକୁ ବଜାୟ ରଖିବାରେ ସଫଳ ହୋଇଛି। ବିଶ୍ୱ ବ୍ୟାଡ୍‌ମିଣ୍ଟନ ଇତିହାସରେ ୧୧ଜଣ ଭାରତୀୟ ୧୫ଟି ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ପିଭି ସିନ୍ଧୁ ୨୦୧୯ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଏହି ସମ୍ମାନଜନକ ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ୨୦୨୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ।

# ବିସିବି ଅଧ୍ୟକ୍ଷ ପଦ ଲାଗି ଲଢ଼ିବେ ତାମିମ୍



ଢାକା, ୩୧।୮ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତାମିମ ଇକବାଲ ତାଙ୍କ କ୍ୟାରିୟର ଆଉ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। ତାମିମ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ଆଗାମୀ ନିର୍ବାଚନରେ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିସିବିର ନିର୍ବାଚନ ଅକ୍ଟୋବରରେ ଅନୁଷ୍ଠିତ ହେବ। ଏଥିରେ ୩୬ ବର୍ଷୀୟ ତାମିମ ଅଧ୍ୟକ୍ଷ ପଦରେ ଲଢ଼େଇ କରିବେ ବୋଲି ଜଣାପଡ଼ିଛି। ବାଂଲାଦେଶର ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ତାମିମ କହିଛନ୍ତି, 'ବିସିବି ନିର୍ବାଚନରେ ଅଂଶଗ୍ରହଣ କରିବାର ଏକ ଭଲ ସୁଯୋଗ ରହିଛି। କିନ୍ତୁ କେହି ଆଗୁଆ କହିପାରିବେ ନାହିଁ ଯେ ଅଧ୍ୟକ୍ଷ କିଏ ହେବ। ଯଦି ଆମେ ବାଂଲାଦେଶ କ୍ରିକେଟର୍ସ ୱେଲଫେୟର ସଂଘ କଥା କୁହାଯିବ ତେବେ ସେଠାରେ ସଭାପତି ସିଧାସଳଖ ନିର୍ବାଚିତ ହୁଅନ୍ତି। କିନ୍ତୁ ବିସିବି ନିର୍ବାଚନ ଅଲଗା ପ୍ରକାର ହୋଇଥାଏ। ସର୍ବପ୍ରଥମେ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହେବା ଆବଶ୍ୟକ। ଏହାପରେ ଯଦି ଅଧ୍ୟକ୍ଷ ପଦ ଲାଗି ୨ଜଣ ଠିଆ ହୁଅନ୍ତି ତେବେ ନିର୍ଦ୍ଦେଶକମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଭୋଟ୍ ଦେଇ ବାଛିବେ। ତେଣୁ ଏଥର ମୋ ନିକଟରେ ଭଲ ସୁଯୋଗ ରହିଛି ଏବଂ ମୁଁ ଅଧ୍ୟକ୍ଷ ଲାଗି ଲଢ଼ିବି।' ବାମହାତୀ ବ୍ୟାଟର୍ ବାଂଲାଦେଶ ଇତିହାସରେ ଦିନିକିଆ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଛନ୍ତି। ସେ ୨୪୩ ମ୍ୟାଚ୍ ଖେଳି ୮୩୫୭ ରନ ସଂଗ୍ରହ କରିଛନ୍ତି। ସେହିଭଳି ୭୦ ଟେଷ୍ଟ ଓ ୭୮ ଟି-୨୦ରେ ତାଙ୍କ ନାମରେ ଯଥାକ୍ରମେ ୫୧୩୪ ଓ ୧୭୫୮ ରନ ଲିପିବଦ୍ଧ ରହିଛି।

ଏସିଆ କପ୍ ହକି

# କ୍ରମାଗତ ୨ୟ ବିଜୟ ସହ ସୁପର୍-୪ରେ ଭାରତ

ରାଜଗିର, ୩୧।୮ (ଏଜେନ୍ସି)



ବିହାରରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଘରୋଇ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ତୃତୀୟ ଦିବସରେ ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ଡବଲ୍ ଗୋଲ୍ ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୪-୩ ଗୋଲରେ ଚାଇନାକୁ ମାତ୍ ଦେଇଥିଲା। ଫଳରେ ପୁଲ୍-ଏ'ରେ ସ୍ଥାନ ପାଇଥିବା ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇ ସୁପର୍-୪ ନିକଟତର ହୋଇଛି। ଘରୋଇ ଦଳ ଏହାର ଶେଷ ପୁଲ୍ ମ୍ୟାଚରେ ସୋମବାର କାଜାଖସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

ରବିବାର ଜାପାନ ବିପକ୍ଷ ଦ୍ୱିତୀୟ ପୁଲ୍ ମ୍ୟାଚରେ ଭାରତୀୟ ଦଳ ଦମ୍‌ଦାର ଆରମ୍ଭ କରିଥିଲା। ପ୍ରଥମ କ୍ୱାର୍ଟରର ପ୍ରଥମ ୫ ମିନିଟ୍ ମଧ୍ୟରେ ୨ଟି ଗୋଲ୍ ଦେଇ ହରମନପ୍ରୀତ୍‌ଙ୍କ ଦଳ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ମ୍ୟାଚର ୪ର୍ଥ ମିନିଟ୍‌ରେ ମନଦୀପ୍ ସିଂହ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଭାରତର ଖାତା ଖୋଲିଥିଲେ। ଏହାର ଠିକ୍ ପରବର୍ତ୍ତୀ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ସୁଯୋଗ ମିଳିଥିଲା। ଅଭିଜ୍ଞ ଡ୍ରାଗଫ୍ଲିକର ହରମନପ୍ରୀତ୍ ଏହାର ଭରପୁର ଫାଇଦା ଉଠାଇ ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲେ। ପ୍ରଥମ କ୍ୱାର୍ଟର ତଥା ୧୫ ମିନିଟ୍‌ରେ ଭାରତ ଏହି ଅଗ୍ରଣୀକୁ ବଜାୟ ରଖିଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଜାପାନ ଲଢ଼ୁଆ ପ୍ରଦର୍ଶନ କରିବାରୁ ଭାରତ ଗୋଟିଏ ହେଲେ ଗୋଲ୍ ସ୍କୋର କରିପାରି ନ ଥିଲା। ଫଳରେ ଏହି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଜାପାନ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟର ତଥା ମ୍ୟାଚର ୩୮ତମ ମିନିଟ୍‌ରେ ହୟୋତା ୟାମାଦା ଭାରତୀୟ ଡିଫେଣ୍ଡରଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ ନେଟ୍ସ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ଜାପାନ ମ୍ୟାଚକୁ ୧-୨ ସ୍ଥିତିକୁ ଆଣିଥିଲା। କିନ୍ତୁ ୪ର୍ଥ କ୍ୱାର୍ଟର ଆରମ୍ଭରୁ ଭାରତ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲା। ଏଥର ମଧ୍ୟ ଅଧିନାୟକ ହର୍‌ମନପ୍ରୀତ୍ କୌଣସି ତ୍ରୁଟି ନ କରି ଭାରତ ପାଇଁ ୩ୟ ଗୋଲ୍ ଦେଇଥିଲେ। ଫଳରେ ଭାରତ ୩-୧ରେ ଆଗୁଆ ରହିଥିଲା। ଏହାପରେ ଜାପାନ କିନ୍ତୁ ସହଜରେ ଭାରତକୁ ଛାଡ଼ିବା ସ୍ଥିତିରେ ନ ଥିଲା। ମ୍ୟାଚ ଶେଷ ହେବାକୁ ଆଉ ୨ ମିନିଟ୍ ଥିବାବେଳେ କୋଶେଇ କାୱାବେଙ୍କ ଗୋଲ୍ ମ୍ୟାଚରେ ରୋମାଞ୍ଚ ଭରିଦେଇଥିଲା। ଏହାସତ୍ତ୍ୱେ ଭାରତ ୩-୨ ଗୋଲ୍‌ରେ ଶେଷରେ ବିଜୟୀ ହୋଇ ୩ ପଏଣ୍ଟ ଅର୍ଜନ କରିଥିଲା।

| ତୃତୀୟ ଦିନର ଫଳାଫଳ |
|---|
| ଭାରତ- ୩ : ଜାପାନ- ୨ |
| ଚାଇନା- ୧୩ : କାଜାଖସ୍ତାନ- ୧ |

ହକି ଇଣ୍ଡିଆ ଲିଗ୍

# ଓହରିଲା ଟିମ୍ ଗୋନାସିକା, ଓଡ଼ିଶା ୱାରିୟର୍ସ

TEAM GONASIKA

ରାଜଗିରି, ୩୧।୮ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍)ର ଆଗାମୀ ସଂସ୍କରଣରୁ ଟିମ୍ ଗୋନାସିକା ଓହରିଯାଇଛି। ସେହିଭଳି ମହିଳା ହକି ଇଣ୍ଡିଆ ଲିଗ୍ (ଡବ୍ଲ୍ୟୁଏଚଆଇଏଲ୍)ରୁ ମଧ୍ୟ ଓଡ଼ିଶା ୱାରିୟର୍ସ ଓହରିଯିବାକୁ ନିଷ୍ପତ୍ତି ନେଇଛି। ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ରବିବାର ଏହି ସୂଚନା ଦେଇଛନ୍ତି। ବିହାରରେ ଚାଲିଥିବା ଏସିଆ କପ୍ ଅବସରରେ ଦିଲୀପ ଗଣମାଧ୍ୟମକୁ କହିଛନ୍ତି, 'ଟିମ୍ ଗୋନାସିକା ଏଚ୍‌ଆଇଏଲ୍‌ରେ ଆଉ ଭାଗନେବ ନାହିଁ। ଫ୍ରାଞ୍ଚାଇଜର ମାଲିକ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ଖେଳାଳି ସେମାନଙ୍କ ବାକି ଥିବା ଦେୟ ଫ୍ରାଞ୍ଚାଇଜ ନିକଟରୁ ପାଇସାରିଛନ୍ତି। ଓଡ଼ିଶା ୱାରିୟର୍ସ ପକ୍ଷରୁ ଦେୟ ପ୍ରଦାନରେ ବିଳମ୍ବ ହୋଇଥିଲା। ଆମେ ସେମାନଙ୍କ ପୁରସ୍କାର ରାଶିରୁ କାଟି ଖେଳାଳିଙ୍କୁ ବକେୟା ଥିବା ପାଉଣା ପ୍ରଦାନ କରିଥିଲୁ। ୱାରିୟର୍ସ ମଧ୍ୟ ଆଗାମୀ ଡବ୍ଲ୍ୟୁଏଚ୍‌ଆଇଏଲ୍‌ରେ ଭାଗନେବ ନାହିଁ।' ହକି ଇଣ୍ଡିଆ ସଭାପତି ଆହୁରି ମଧ୍ୟ କହିଛନ୍ତି, ଖୁବ ଶୀଘ୍ର ଦୁଇ ଫ୍ରାଞ୍ଚାଇଜର ବଦଳ ଦଳ ଘୋଷଣା କରାଯିବ। ପୂର୍ବଭଳି ମହିଳା ଲିଗ୍‌ରେ ୪ଟି ଓ ପୁରୁଷରେ ୮ଟି ଦଳ ଅଂଶଗ୍ରହଣ କରିବେ। ସେହିଭଳି ଓହରି ଯାଇଥିବା ଦୁଇ ଦଳର ଖେଳାଳିମାନେ ବଦଳ ଫ୍ରାଞ୍ଚାଇଜକୁ ସିଧାସଳଖ ଯିବେ ନାହିଁ। ସେମାନେ ଏବେ ମୁକ୍ତ ହୋଇଛନ୍ତି। ଆଗାମୀ ନିଲାମୀରେ ସାମିଲ ହେବାପରେ କେଉଁ ଦଳରୁ ଖେଳିବେ ତାହା ସ୍ପଷ୍ଟ ହେବ। ଏହା ଏକ ପୂର୍ଣ୍ଣାଙ୍ଗ ନିଲାମୀ ହେବ ନାହିଁ। ଏହା କ୍ଷୁଦ୍ର ନିଲାମୀ ସଦୃଶ ହେବ।

ଉଲ୍ଲେଖଯୋଗ୍ୟ, ଏଚ୍‌ଆଇଏଲ୍‌ର ଗତ ସଂସ୍କରଣରେ ଟିମ୍ ଗୋନାସିକା ଭାଇଜାଗରୁ ପ୍ରତିନିଧିତ୍ୱ କରୁଥିଲା। କିନ୍ତୁ ଏହାର ମାଲିକ ଓଡ଼ିଶାର ଥିଲେ। କେଉଁଝରର ବିଶିଷ୍ଟ ଶିଳ୍ପପତି ତାରିଣୀ ପ୍ରସାଦ ମହାନ୍ତି ଦଳର ମାଲିକ ରହିଥିଲେ। ଗୋନାସିକା ଦଳ ଗତ ସଂସ୍କରଣରେ ୧୦ ମ୍ୟାଚ୍ ଖେଳି ମାତ୍ର ୩ଟି ଜିତିଥିବାବେଳେ ୫ଟି ହାରିଥିଲା। ଦଳ ୮ ଦଳୀୟ ଟେବଲ ତାଲିକାର ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିଭଳି ଓଡ଼ିଶା ୱାରିୟର୍ସ ଦଳକୁ ନଭୋୟାମ ସ୍ପୋର୍ଟ୍ସ ଭେଞ୍ଚର୍ସ କିଣିଥିଲା। ସଞ୍ଜୀବ ଶ୍ରୀବାସ୍ତବ ଏହାର ନିର୍ଦ୍ଦେଶକ ରହିଥିଲେ। ମହିଳା ହକି ଲିଗ୍‌ର ପ୍ରଥମ ସଂସ୍କରଣରେ ନେହା ଗୋୟଲ ଓଡ଼ିଶା ୱାରିୟର୍ସ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଓଡ଼ିଶା ୱାରିୟର୍ସ ମଧ୍ୟ ଚାମ୍ପିଅନ ହୋଇଥିଲା।



ଗତ ସଂସ୍କରଣରେ ମହିଳା ହକି ଲିଗ୍ ଜିତିଥିବା ଓଡ଼ିଶା ୱାରିଅର୍ସ ଦଳ

# ସୁନା ଝିଅ ରଶ୍ମୀତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା




କଟକ,୩୧।୮ (ସମିସ): ଶ୍ରୀନଗରରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା କାୟାକିଂ ଓ କାନୋଇଂ ଦଳ ରନର୍ସଅପ ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବା ସହ କାନୋଇଂ ଇଭେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ ଚୌଦ୍ୱାର ବଡବଜାର ନବଗ୍ରହ ସାହିର ଝିଅ ରଶ୍ମୀତା ସାହୁ। ଆଜି ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁନା ଝିଅ ରଶ୍ମୀତାଙ୍କ ସହ ଫୋନ୍ ଯୋଗେ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ୮ ବର୍ଷ ପୂର୍ବେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ କାନୋଇଂ ଆଥଲେଟଙ୍କୁ ଅଭ୍ୟାସ କରୁଥିବା ଦେଖିଥିଲେ। ସେବେଠାରୁ ଇଚ୍ଛା ହୋଇଥିଲା ଖେଳ ବିଷୟରେ ଜାଣିବା ଓ ଶିଖିବା ପାଇଁ। ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଅଭ୍ୟାସ ନେଇ ଏବେ ସେ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ପିତା ସୁରେନ୍ଦ୍ର ସାହୁ ସ୍ଥାନୀୟ ଅଞ୍ଚଳରେ ମାଛ ବେପାର କରନ୍ତି। ସେଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ମା ସବିତାଙ୍କ ପରଲୋକ ଘଟି ସାରିଛି। ୨୪ବର୍ଷୀୟ ରଶ୍ମୀତା ଏବେ କିଟରେ ସ୍ନାତକ ପାଠ ପଢୁଛନ୍ତି। ଇତି ମଧ୍ୟରେ ସେ ୪୧ ପଦକ ଜିତି ସାରିଲେଣି। ଯେଉଁଥିରେ ୧୩ଟି ସ୍ୱର୍ଣ୍ଣ, ୧୪ଟି ଲେଖାଏ ରୌପ୍ୟ ଏବଂ କାଂସ୍ୟ ପଦକ ରହିଛି। ନିକଟଅତୀତରେ ଶ୍ରୀନଗରରେ ଆୟୋଜିତ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ସେ ଡବଲ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଆଜି ୪ ମିନିଟ ୧୫ ସେକେଣ୍ଡର ବାର୍ତ୍ତାଳାପରେ ରଶ୍ମୀତାଙ୍କ ଖେଳ ଜୀବନ ବିଷୟରେ ବୁଝିବା ସହ ଭାରତ ନିମନ୍ତେ ପଦକ ଜିତିବା ପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ ପ୍ରେରଣା ଦେଇଥିଲେ।

# ୟୁଏସ୍ ଓପନରୁ ଜ୍ୱେରେଭ ବିଦା

ନ୍ୟୁୟର୍କ, ୩୧।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍‌ରେ ରବିବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସ ୩ୟ ରାଉଣ୍ଡର ଏକ ମ୍ୟାଚରେ ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ୩ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏହି ମ୍ୟାଚରେ ୨୫ତମ ସିଡ୍ କାନାଡାର ଫେଲିକ୍ସ ଅଗର୍-ଆଲିଆସିମେ ୪-୬, ୭-୬, (୭), ୬-୪, ୬-୪ ସେଟ୍‌ରେ ଜ୍ୱେରେଭେଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

# ଇଣ୍ଟରନ୍ୟାସନାଲ୍ ଲିଗ୍ ଟି-୨୦ରେ ଖେଳିବେ ଅଶ୍ୱିନ



ଚେନ୍ନଇ, ୩୧।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ନିକଟରେ ଆଇପିଏଲ୍‌ରୁ ଅବସର ଘୋଷଣା କରିଥିଲେ। ଏହାପରେ ସେ ବିଦେଶୀ ଟି-୨୦ ଲିଗ୍‌ରେ ଖେଳିବେ ବୋଲି ସୂଚନା ଦେଇଥିଲେ। ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୩୮ ବର୍ଷୀୟ ଅଶ୍ୱିନ ୟୁଏଇରେ ଖେଳାଯାଉଥିବା ଇଣ୍ଟରନ୍ୟାସନାଲ ଲିଗ୍ (ଆଇଏଲ୍) ଟି-୨୦ରେ ଖେଳିବାକୁ ମନ ବଳାଇଛନ୍ତି। ଏଥିଲାଗି ସେ ଖେଳାଳି ନିଲାମୀରେ ନାମ ପଞ୍ଜିକରଣ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏକ ସାକ୍ଷାତ୍‌କାରରେ ଅଶ୍ୱିନ କହିଛନ୍ତି, 'ହଁ ମୁଁ ଆଇଏଲ୍ ଟି-୨୦ ଆୟୋଜକଙ୍କ ସହ ଯୋଗାଯୋଗରେ ରହିଛି। ଆଶା ଅଛି ଯଦି ମୁଁ ନିଲାମୀକୁ ଯାଉଛି ତେବେ ମୋତେ କ୍ରେତା ନିଶ୍ଚିତ ମିଳିବେ।' ଉଲ୍ଲେଖଯୋଗ୍ୟ, ଆଇଏଲ୍ ଟି-୨୦ର ପରବର୍ତ୍ତୀ ସଂସ୍କରଣ ଡିସେମ୍ବର ୨ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିଲାଗି ଖେଳାଳି ନିଲାମ ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ହେବ। ଯେଉଁମାନେ ଖେଳାଳି ନିଲାମୀରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ସେପ୍ଟେମ୍ବର ୧୦ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ପଡ଼ିବ।

ଓସିଏର ଏଜିଏମ୍‌ରେ ନିଷ୍ପତ୍ତି

# ଷ୍ଟାର ସ୍ପୋର୍ଟ୍ସରେ ଓପିଟିଏଲ୍‌ର ସିଧାପ୍ରସାରଣ

କଟକ,୩୧।୮ (ସମିସ)




ଘରୋଇ ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ସେପ୍ଟେମ୍ବର ୧୫ରୁ କଟକରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ) ଆରମ୍ଭ ହେବ। ଯାହାର ବ୍ରାଣ୍ଡଆମ୍ବାସଡର ରହିବେ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି। ଏହାଛଡ଼ା ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ଏବଂ ଫ୍ୟାନକୋଡ୍(ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ। ଆଜି ପୁରୀରେ ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା, ଅନ୍ତର୍ଜାତୀୟ ମ୍ୟାଚ୍ ପରିଚାଳନା ଏବଂ ଓସିଏ କର୍ମକର୍ତ୍ତା ନିର୍ବାଚନ ବାବଦରେ ମଧ୍ୟ ଏହି ଅବସରରେ ଆଲୋଚନା ହୋଇଥିଲା।

ସଭାପତି ପଙ୍କଜ ଲୋଚନ ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମରେ ଓପିଟିଏଲ ଖେଳାଯିବ। ପ୍ରତ୍ୟେକ ଦିନ ଦୁଇଟି ଲିଗ୍ ମ୍ୟାଚ୍ ରହିବ। ଆରିଭା ସ୍ପୋର୍ଟସ ଲିଗ୍‌ର ପ୍ରାୟୋଜକ ରହିଛି। ତେବେ ଖୁବଶୀଘ୍ର ଲିଗ୍ ନିମନ୍ତେ ଖେଳାଳି କ୍ରୟ କରାଯିବ। ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି। ସମ୍ଭବତଃ ଆସନ୍ତା ୩ ତାରିଖରେ ପାଳି ଅନୁସାରେ ଫ୍ରାଞ୍ଚାଇଜ୍ ମାଲିକମାନେ ଖେଳାଳି କ୍ରୟ କରିବେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦ୍ୱାରା ଲିଗ୍ ଉଦ୍‌ଘାଟିତ ହେବ ବୋଲି ନିଷ୍ପତ୍ତି ହୋଇଛି।

### ଅର୍ନ୍ତଜାତୀୟ ମ୍ୟାଚ୍ ପରେ ହେବ ଓସିଏ ନିର୍ବାଚନ

ଅପରପକ୍ଷରେ ଆସନ୍ତା ଜାନୁଆରୀରେ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ ହେବ। ଡଃ ହରେକୃଷ୍ଣ ମହତାବ ଫିଡର ସେଣ୍ଟର ଓ ସଚିନ ତେନ୍ଦୁଲକର ସ୍ପୋର୍ଟସ ସାଇନ୍ସ ସେଣ୍ଟର ପ୍ରତିଷ୍ଠା ଦିଗରେ ଏଜିଏମ୍‌ରେ ଆଲୋଚନା ହୋଇଥିଲା। ଡିସେମ୍ବର ୯ ତାରିଖରେ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଖେଳାଯିବ। ଏହାର ପ୍ରସ୍ତୁତି ଦିଗରେ ଆଲୋଚନା ହୋଇଛି। ତେବେ ଏହି ଅନ୍ତର୍ଜାତୀୟ ମ୍ୟାଚ୍ ପରେ ଓସିଏ କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ସ୍ଥିର କରାଯାଇଛି। ଅକ୍ଟୋବରରେ ସମସ୍ତ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବ। ପରେ ରାଜ୍ୟ ସରକାରଙ୍କ ସହଯୋଗରେ ମ୍ୟାଚ୍ ଆୟୋଜନ କରାଯିବ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

BNSS

REQUIREMENT OF VOCATIONAL TRAINERS IN ODISHA
Bhagini Nivedita Shiksha Samiti

**Bhagini Nivedita Shiksha Samiti, Bhopal** Partner of NSDC, invites application for the role of **Vocational Trainer & Vocational Coordinator on Contractual basis** under **CSS-VHSE Program (NSQF)** in Odisha. **Candidates must be Odisha domicile.**

| Sector & Post | Qualification for Vocational Trainer |
|---|---|
| Apparel (14) | PG in Textile and Clothing or Relevant Area. **With** 1 year work/teaching experience in Textile and Clothing. |
| Beauty & Wellness (12) | Diploma in Cosmetology/Beauty Therapy/ Beauty Culture from a recognized Institution **with** Minimum 1 Year Experience in the profession. |
| Organised Retail (39) | Graduate or Diploma in Retail Management, P.G. Diploma in Marketing with at least 50% marks **with** 1 year work/teaching experience. |
| Tourism & Hospitality (37) | Diploma/Degree in Hotel Management from a recognized Institute /University **with** 5 yrs work/teaching experience in Food and Beverage service including one year as supervisory capacity in a classified Hotel. |
| Power (01) | B. Tech/Diploma in Electrical Engineering from a recognized Institute/University **with** 1-3 year work/teaching experience |

**Qualification for Vocational Coordinator:-** PG (Master's Degree in Related Domain / Rural Development / Management / MSW / Sociology. **With** 3 Year Experience in Skill/Education Sector

**Age Limit:** 18 to 45 Years (Age relaxation to be provided as per Govt. rules)

**Gross salary 20000/- per month for Vocational Trainers and Rs. 30000/- per month for Vocational Coordinator inclusive of all applicable deduction**

**How to apply :- Eligible candidates can submit applications by scanning QR code or given Google Form Link https://forms.gle/PwMBNmRGRK6iffBk9 from 29-08-2025 to 04-09-2025 till 6 PM. Application accepted on link or QR Code only.**
**For Queries call between 11 AM to 05 PM - +917974047935, +919352849238**

Scan QR for Apply

*Short listed candidates will be intimated within short notice for Interview through email.For more information contact above given number.*
**This is not a Govt. Job Management reserve the rights to accept or reject any application.**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS